بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

সাপ্তাহিক

ବଦର

Weekly BADAR Qadian Odia

କାଦିଆନ

ଅଲ୍ଲାଃତାଲାଙ୍କ ବାଣୀ

ଆଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା ନିଦର୍ଶନଗୁଡ଼ିକ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ।

وَمَنۡ یُّعَظِّمۡ شَعَآئِرَ اللّٰہِ فَاِنَّہَا مِنۡ تَقۡوَی الۡقُلُوۡبِ ﴿۳۳﴾ لَکُمۡ فِیۡہَا مَنَافِعُ اِلٰۤی اَجَلٍ مُّسَمًّی ثُمَّ مَحِلُّہَاۤ اِلَی الۡبَیۡتِ الۡعَتِیۡقِ ﴿۳۴﴾

ଅନୁବାଦ: "ଏବଂ ଯେଉଁ ବ୍ୟକ୍ତି ଆଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା ନିଦର୍ଶନଗୁଡ଼ିକ ପ୍ରତି ସମ୍ମାନ ପ୍ରଦର୍ଶନ କରିବ ତେବେ ନିଶ୍ଚିତ ଭାବରେ ତାହା ଅର୍ଥାତ୍ ସେହି କର୍ମ ହୃଦୟର (ଆନ୍ତରିକ) ଧର୍ମଭୀରୁତା ରୂପେ ବିବେଚିତ ହେବ । ମନେରଖ ତୁମମାନଙ୍କୁ ଏଥିରୁ ଅର୍ଥାତ୍ ଏହି କୁର୍ବାନୀ ପଶୁରୁ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଲାଭ ହାସଲ କରିବା ବିଧେୟ ଅଟେ । ପୁନଶ୍ଚ ସେହି ପୁଶୁମାନଙ୍କୁ ଅଲ୍ଲାଃଙ୍କର ସେହି ପ୍ରାଚୀନ ଗୃହ (କା'ବା) ପର୍ଯ୍ୟନ୍ତ ଘେନିଯିବା (ପହଞ୍ଚାଇବା) ଉଚିତ୍ ।"

(ଅଲ୍ ହଜ୍ : 33-34)

ସମ୍ପାଦକ: କମୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ **ଖଣ୍ଡ: 11 | ସଂଖ୍ୟା: 42** 29 ରବିଉସ୍ ସାନି, 1448 ହି.କ, 15 ଜୁମାଦିଉଲ୍ ଅୱଲ୍ 1405 ହି.ଶ, 15 Oct 2026

ଆଁହଜରତ୍ ସ.ଅଙ୍କ ବାଣୀ

ଏହି ସହର (ମକ୍କା)କୁ ଆଲ୍ଲାଃତାଲା ସେହି ଦିନଠାରୁ ପବିତ୍ର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଯେଉଁ ଦିନ ସେ ଆକାଶ ଓ ପୃଥିବୀକୁ ସୃଷ୍ଟି କରିଥିଲେ ।

عَنۡ عَابِسِ بۡنِ رَبِیۡعَۃَ، عَنۡ عُمَرَ رَضِیَ اللّٰہُ عَنۡہُ، "اَنَّہٗ جَاءَ اِلَی الۡحَجَرِ الۡاَسۡوَدِ فَقَبَّلَہٗ فَقَالَ: اِنِّیۡ اَعۡلَمُ اَنَّکَ حَجَرٌ لَا تَضُرُّ وَلَا تَنۡفَعُ، وَلَوۡلَا اَنِّیۡ رَاَیۡتُ النَّبِیَّ صَلَّی اللّٰہُ عَلَیۡہِ وَسَلَّمَ یُقَبِّلُکَ مَا قَبَّلۡتُکَ" **(ସହି ବୁଖାରୀ, କିତାବୁଲ୍ ହଜ୍, ହଦିସ୍ ନଂ-1597)**

ଅନୁବାଦ: "ହ. ଆବିସ୍ ବିନ ରବିଆ ର.ଅ ବର୍ଣ୍ଣନା କରନ୍ତି ଯେ, ହଜରତ୍ ଉମର୍ ବିନ ଖତ୍ତାବ୍ ର.ଅ ହଜ୍‌ରେ ଅସ୍ୱଦ୍ (କଳା ରଙ୍ଗର ପଥର) ନିକଟକୁ ଆସି ତାହାକୁ ଚୁମ୍ବନ ଦେଲେ ଏବଂ କହିଲେ: 'ହେ ପଥର ! ମୁଁ ଭଲ ଭାବରେ ଜାଣେ ଯେ, ତୁ କେବଳ ଗୋଟିଏ ପଥର ଅଟୁ । ତୁ ନା କୌଣସି ଲାଭ ପହଞ୍ଚାଇ ପାରିବୁ ଓ ନା ହିଁ କୌଣସି କ୍ଷତି ପହଞ୍ଚାଇ ପାରିବୁ । ଯଦି ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ତୋତେ ତୁମକୁ ଚୁମ୍ବନ ଦେଉଥିବାର ଦେଖି ନଥାନ୍ତି ତେବେ ମୁଁ କଦାପି ତୋତେ ଚୁମ୍ବନ ଦେଇ ନଥାନ୍ତି ।"

عَنِ ابۡنِ عَبَّاسٍ رَضِیَ اللّٰہُ عَنۡہُ، قَالَ: قَالَ النَّبِیُّ صَلَّی اللّٰہُ عَلَیۡہِ وَسَلَّمَ یَوۡمَ افۡتَتَحَ مَکَّۃَ: "لَا هِجۡرَۃَ، وَلٰکِنۡ جِهَادٌ وَنِیَّۃٌ، وَإِذَا اسۡتُنۡفِرۡتُمۡ فَانۡفِرُوا، فَإِنَّ هَذَا بَلَدٌ حَرَّمَ اللّٰہُ یَوۡمَ خَلَقَ السَّمٰوٰتِ وَالۡأَرۡضَ، وَهُوَ حَرَامٌ بِحُرۡمَۃِ اللّٰہِ إِلَی یَوۡمِ الۡقِیَامَۃِ، وَإِنَّہٗ لَمۡ یَحِلَّ الۡقِتَالُ فِیۡہِ لِأَحَدٍ قَبۡلِی، وَلَمۡ یَحِلَّ لِی إِلَّا سَاعَۃً مِنۡ نَهَارٍ، فَهُوَ حَرَامٌ بِحُرۡمَۃِ اللّٰہِ إِلَی یَوۡمِ الۡقِیَامَۃِ، لَا یُعۡضَدُ شَوۡکُہٗ، وَلَا یُنَفَّرُ صَیۡدُہٗ، وَلَا یَلۡتَقِطُ لُقَطَتَہٗ إِلَّا مَنۡ عَرَّفَهَا، وَلَا یُخۡتَلَی خَلَاهَا"، قَالَ الۡعَبَّاسُ: یَا رَسُولَ اللّٰہِ، إِلَّا الۡإِذۡخِرَ فَإِنَّہٗ لِقَیۡنِهِمۡ وَلِبُیُوتِهِمۡ، قَالَ: قَالَ: إِلَّا الۡإِذۡخِرَ.

ଅନୁବାଦ: "ହ. ଇବ୍‌ନେ ଅବ୍‌ବାସ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମକ୍କା ବିଜୟ ଦିନ କହିଲେ: 'ବର୍ତ୍ତମାନ ମକ୍କାରୁ ହିଜ୍‌ରତ୍ (ପ୍ରବାସ)ର ଆବଶ୍ୟକତା ନାହିଁ । କିନ୍ତୁ ସତ୍‌ଉଦ୍ଦେଶ୍ୟ ଏବଂ ଜିହାଦ୍ ଏବେ ବି ବାକି ଅଛି । ତେଣୁ ଯେତେବେଳେ ତୁମମାନଙ୍କୁ ଜିହାଦ୍ ପାଇଁ ଡକାଯିବ ସେତେବେଳେ ତୁମେମାନେ ପ୍ରସ୍ତୁତ ହୋଇଯିବ। ଏହି ସହର (ମକ୍କା)କୁ ଅଲ୍ଲାଃତାଲା ସେହି ଦିନଠାରୁ ପବିତ୍ର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ଯେଉଁ ଦିନ ସେ ଆକାଶ ଓ ପୃଥିବୀକୁ ସୃଷ୍ଟି କରିଥିଲେ । ତେଣୁ ଅଲ୍ଲାଃଙ୍କ ନିର୍ଦ୍ଧାରିତ ପବିତ୍ରତା ହେତୁ ଏହା ପ୍ରଳୟ ଦିବସ ପର୍ଯ୍ୟନ୍ତ ମର୍ଯ୍ୟାଦାପୂର୍ଣ୍ଣ ରହିବ । ମୋ ପୂର୍ବରୁ ଏଠାରେ କାହା ପାଇଁ ଯୁଦ୍ଧ କରିବା ବୈଧ ନଥିଲା ଏବଂ ମୋ ପାଇଁ ମଧ୍ୟ କେବଳ ଗୋଟିଏ ଦିନର କିଛି ସମୟ ପାଇଁ ଅନୁମତି ମିଳିଥିଲା । ବର୍ତ୍ତମାନ ଅଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଧାରିତ ପବିତ୍ରତା ହେତୁ ଏହା ପ୍ରଳୟ ଦିବସ ପର୍ଯ୍ୟନ୍ତ ସଦାସର୍ବଦା ପବିତ୍ର ରହିବ । ତେଣୁ ଏହି ସହରର କଣ୍ଟା କଟାଯିବ ନାହିଁ, ଏହାର ଶିକାରକୁ ଘଉଡ଼ାଯିବ ନାହିଁ ଏବଂ ଘୋଷଣା କରିବା (ତାହାର ମାଲିକକୁ ଖୋଜିବା) ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କେହି ଏଠାରେ ପଡ଼ିଥିବା ଜିନିଷ ଉଠାଇବେ ନାହିଁ କିମ୍ବା ଏହାର ଘାସ ଉପୁଡ଼ାଯିବ ନାହିଁ ।" ହ. ଅବ୍‌ବାସ ର.ଅ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ ! ଇଜ୍‌ଖିର୍ (ଗୋଟିଏ ପ୍ରକାରର ସୁଗନ୍ଧିତ ଘାସ) ପାଇଁ ଅନୁମତି ଦିଅନ୍ତୁ । କାରଣ ଏହା ଏଠାକାର କାରିଗର ଏବଂ ଘରଗୁଡ଼ିକ ପାଇଁ ଆବଶ୍ୟକ ଅଟେ । ତେବେ ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, 'ହଉ ଇଜ୍‌ଖିର ପାଇଁ ଅନୁମତି ପ୍ରଦାନ କରାଗଲା ।"


(ସହି ବୁଖାରୀ,କିତାବୁ ଯଜାଅସ୍ ସୈଦି, ହଦିସ୍ ନଂ-1834)



ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ ମଉଦ୍ ଅ.ସ)

ହ. ମସୀହେ ମଉଦ ଅ.ସଙ୍କର କିଛି ପ୍ରସିଦ୍ଧ ଓ ହୃଦୟସ୍ପର୍ଶୀ ଦୁଆ (ପ୍ରାର୍ଥନା) ।

ପୁଣ୍ୟଶ୍ଲୋକ ହ. ମସିହ ମଉଦ୍ ଅ.ସ କୁହନ୍ତି: "1886 ମସିହାରେ ଯେତେବେଳେ ହ. ସୁଫୀ ଅହମଦ ଜାନ୍ ସାହେବ ର.ଅ ହଜ୍ ପାଇଁ ପ୍ରସ୍ଥାନ କରୁଥିଲେ ସେତେବେଳେ ହ. ମସିହେ ମଉଦ୍ ଅ.ସ ଆପଣଙ୍କୁ ଗୋଟିଏ ଚିଠିରେ ଉଲ୍ଲେଖ କରିଥିଲେ ଯେ,"ମହୋଦୟ ! ଏହି ବିନୀତର ଗୋଟିଏ ବିନମ୍ର ଅନୁରୋଧ ମନେରଖିବେ ଯେ, ଯେତେବେଳେ ଅଲ୍ଲାଃତାଲାଙ୍କ କୃପା ଦ୍ୱାରା ଆପଣଙ୍କୁ ବୈତୁଲ୍ଲାଃ (କା'ବା)ର ଦର୍ଶନ ପ୍ରାପ୍ତ ହେବ ସେତେବେଳେ ସେହି ମହାନ୍ ପବିତ୍ର ସ୍ଥାନରେ ଏହି ଅଧମ ତଥା ତୁଚ୍ଛ ଭକ୍ତ ତରଫରୁ ଏକାଗ୍ର ଚିତ୍ତରେ ଅତ୍ୟନ୍ତ ଦୀନତାର ସହିତ ହାତ ଟେକି ଏହି ଶବ୍ଦଗୁଡ଼ିକରେ ପ୍ରାର୍ଥନା କରିବେ ଯେ: 'ହେ ଅର । ହମୁର୍ ରାହିମୀନ୍ (ଅଶେଷ ଦୟାବାନ୍ ଓ ପରମ ଦୟାଳୁ ଈଶ୍ୱର) ! ତୁମ୍ଭର ଜଣେ ଅସହାୟ, ନଗଣ୍ୟ, ଦୋଷୀ, ତ୍ରୁଟିପୂର୍ଣ୍ଣ ଏବଂ ଅଯୋଗ୍ୟ ଦାସ ଗୁଲାମ୍ ଅହମଦ ଯିଏ ତୁମ୍ଭର ଭାରତବର୍ଷର ଭୂମିରେ ଅଛି ତାହାର ନିବେଦନ ଏହିକି ଯେ, ହେ ଅରହମୁର୍ ରାହିମୀନ୍ (ଅଶେଷ ଦୟାବାନ୍ ଓ ପରମ ଦୟାଳୁ ଈଶ୍ୱର) ! ତୁମ୍ଭେ ମୋ ପ୍ରତି ପ୍ରସନ୍ନ ହୋଇଯାଅ' ଏବଂ ମୋର ଦୋଷତ୍ରୁଟି ଓ ପାପକୁ କ୍ଷମା କରିଦିଅ । କାରଣ ତୁମ୍ଭେ କ୍ଷମାଶୀଳ ଓ ଦୟାଳୁ ଅଟ । ମୋ ଦ୍ୱାରା ସେହି କାର୍ଯ୍ୟ ସମ୍ପାଦନ କରାଅ ଯଦ୍ଦ୍ୱାରା ତୁମ୍ଭେ ସର୍ବାଧିକ ପ୍ରସନ୍ନ ହେବ । ମୋ ମଧ୍ୟରେ ଏବଂ ମୋର ଆତ୍ମା (ପ୍ରବୃତ୍ତି) **ଅବଶିଷ୍ଟାଂଶ... ପୃ-6 ରେ**



ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍‌ଲେହ୍ ମଉଦ୍ ର.ଅ)

"ଆମେ କୁର୍ବାନୀ (ପଶୁବଳି)ଗୁଡ଼ିକୁ ଅଲ୍ଲାଃଙ୍କର ସଙ୍କେତ (ଶାଇରୁଲ୍ଲାହ) ବୋଲି ନିର୍ଦ୍ଧାରିତ କରିଛୁ ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି: 'وَالۡبُدۡنَ جَعَلۡنٰهَا لَکُمۡ مِّنۡ شَعَآئِرِ اللّٰہِ' ଏବଂ ତୁମେ ସେମାନଙ୍କୁ କହିଦିଅ ଯେ, କୁର୍ବାନୀ (ପଶୁବଳି)ଗୁଡ଼ିକୁ ଆମେ ଅଲ୍ଲାଃଙ୍କର ଶାଇରୁଲ୍ଲାଃ (ଆଲ୍ଲାଃଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା ନିଦର୍ଶନ) ବୋଲି ବିବେଚିତ କରିଛୁ । ଅର୍ଥାତ୍ ଏଗୁଡ଼ିକ ମଣିଷକୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଏବଂ ଏହିଗୁଡ଼ିକ ମାଧ୍ୟମରେ ଧାର୍ମିକ ଓ ପାର୍ଥିବ (ସଂସାରିକ) ମଙ୍ଗଳ ପ୍ରାପ୍ତି ହୋଇଥାଏ । ତେଣୁ କୁର୍ବାନୀର ଦିନଗୁଡ଼ିକରେ କୁର୍ବାନୀର ପଶୁମାନଙ୍କୁ ଧାଡ଼ି ବାନ୍ଧି ଛିଡ଼ା କରାଇ ସେମାନଙ୍କ ଉପରେ ଅଲ୍ଲାଃତାଲାଙ୍କ ନାମ ଏପରି ଉଚ୍ଚାରଣ କର ଯେପରିକି ସେଗୁଡ଼ିକ ଅଲ୍ଲାଃଙ୍କ ଭକ୍ତମାନଙ୍କର କାମରେ ଆସିପାରିବେ । ସୁତରାଂ ଯେତେବେଳେ ସେଗୁଡ଼ିକ ଜେବହ୍ ହୋଇ ନିଜ କଡ଼ ମାଡ଼ି ପଡ଼ିଯିବେ ସେତେବେଳେ ତୁମ୍ଭେ ନିଜେ ମଧ୍ୟ ସେମାନଙ୍କର ମାଂସ ଖାଅ ଏବଂ ଧୈର୍ଯ୍ୟବାନ୍ ଗରିବ ଓ ଅସହାୟ ଗରିବମାନଙ୍କୁ ମଧ୍ୟ ଖୁଆଅ । ଏହି ସମସ୍ତ ସମ୍ପତ୍ତି ଆମ୍ଭେ ତୁମ୍ଭକୁ ଦେଇଅଛୁ କାରଣ ତୁମ୍ଭେମାନେ ଏହାକୁ ଗରିବମାନଙ୍କ ଉପରେ ଖର୍ଚ୍ଚ କରି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିପାରିବ । **ଅବଶିଷ୍ଟାଂଶ... ପୃ-7 ରେ**

ଅହମଦିୟା ଖବର

ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

ସମ୍ପାଦକୀୟ

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କର 2026 ମସିହା ଜଲ୍‌ସା ସାଲାନା ବ୍ରିଟେନ୍‌ର ଦ୍ୱିତୀୟ ଦିନ لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِ ଦ୍ୱିପ୍ରହର ପରେ ଜଲ୍‌ସା ଗାହରୁ ଦିଆଯାଇଥିବା ଉଦ୍‌ବୋଧନର ସାରାଂଶ !

ତଶହୁଦ୍, ତାଉଜ୍ ଏବଂ ସୁରତୁଲ୍ ଫାତିହାର ପାଠ ପରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ବର୍ତ୍ତମାନ ମୁଁ ଚଳିତ ବର୍ଷ ଜମାଅତ୍ ଅହମଦିୟା ଉପରେ ଅଲ୍ଲାଃତାଲାଙ୍କର ଯେଉଁ ସବୁ କୃପା ହୋଇଛି ତାହାର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବି ।

ନୂତନ ଜମାଅତ୍‌ଗୁଡ଼ିକର ସ୍ଥାପନା :

ଚଳିତ ବର୍ଷ ବିଶ୍ୱବ୍ୟାପୀ ପାକିସ୍ତାନ ବ୍ୟତୀତ ଯେଉଁ ନୂତନ ଜମାଅତ୍‌ଗୁଡ଼ିକ ସ୍ଥାପିତ ହୋଇଛି ସେଗୁଡ଼ିକର ମୋଟ୍ ସଂଖ୍ୟା 398 ଅଟେ । ଏହି ନୂତନ ଜମାଅତ୍‌ଗୁଡ଼ିକ ବ୍ୟତୀତ 811ଟି ନୂତନ ସ୍ଥାନରେ ପ୍ରଥମ ଥର ପାଇଁ ଅହମଦିୟତ୍‌ର ଚାରାରୋପଣ ହୋଇଛି । ବେନିନ୍‌ରେ ଚଳିତ ବର୍ଷ 86ଟି ନୂତନ ଜମାଅତ୍ ସ୍ଥାପିତ ହୋଇଛି । ଦ୍ୱିତୀୟ ସ୍ଥାନରେ କଙ୍ଗୋ ବ୍ରାଜାୱିଲ୍ । ତା'ପରେ ଲାଇବେରିଆ ଏବଂ ଏହିପରି ଅନ୍ୟାନ୍ୟ ଦେଶମାନେ ରହିଛନ୍ତି ।

ନୂତନ ମସ୍‌ଜିଦ୍‌ଗୁଡ଼ିକର ସ୍ଥାପନ :

ସେହିପରି ଚଳିତ ବର୍ଷ ଯେଉଁ ମସଜିଦ୍‌ଗୁଡ଼ିକ ନିର୍ମିତ ହୋଇଛି କିମ୍ବା ଜମାଅତ୍‌କୁ ପ୍ରାପ୍ତ ହୋଇଛି ସେଗୁଡ଼ିକର ମୋଟ ସଂଖ୍ୟା 172 ଅଟେ । ତନ୍ମଧ୍ୟରୁ 133ଟି ନୂତନ ମସଜିଦ୍ ନିର୍ମାଣ କରାଯାଇଛି ଏବଂ 39ଟି ପ୍ରସ୍ତୁତ ହୋଇ ସାରିଥିବା ମସ୍‌ଜିଦ୍ ଜମାଅତ୍‌କୁ ପ୍ରାପ୍ତ ହୋଇଛି ।

ମିଶନ୍ ହାଉସ୍ ଏବଂ ପ୍ରଚାର କେନ୍ଦ୍ରଗୁଡ଼ିକର ବୃଦ୍ଧି :

ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ 41ଟି ଦେଶରେ 127ଟି ମିଶନ୍ ହାଉସ୍ ବୃଦ୍ଧି ପାଇଛି । ଏଥିରେ ପ୍ରଥମ ସ୍ଥାନରେ କେନ୍ୟା, ଦ୍ୱିତୀୟ ସ୍ଥାନରେ ଘାନା ଓ ଇଣ୍ଡୋନେସିଆ ଏବଂ ତୃତୀୟ ସ୍ଥାନରେ ନାଇଜର୍ ରହିଛି । 'ୱକାର୍-ଏ-ଅମଲ୍' (ସ୍ୱଚ୍ଛତା କାର୍ଯ୍ୟକ୍ରମ) ମାଧ୍ୟମରେ କାମ କରିବା ଯୋଗୁଁ ଚଳିତ ବର୍ଷ ଜମାଅତ୍‌ର 3 ନିଯୁତ (30ଲକ୍ଷ) ଆମେରିକୀୟ ଡଲାର୍‌ର ଆର୍ଥିକ ସଞ୍ଚୟ ମଧ୍ୟ ହୋଇଛି ।

ୱକାଲତ୍-ଏ-ଇଶାଅତ୍ (ପ୍ରକାଶନ ବିଭାଗ) :

ୱକାଲତେ ଇଶାଅତ୍‌ର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ 37ଟି ଭାଷାରେ 353ଟି ବିଭିନ୍ନ ପୁସ୍ତକ, ପମ୍ପଲେଟ୍, ଫୋଲ୍‌ଡ଼ର୍ ଆଦି 16 ଲକ୍ଷ 89 ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମୁଦ୍ରିତ ହୋଇଛି । ପବିତ୍ର କୁରଆନ୍‌ର ତଫ୍‌ସିର୍‌ଗୁଡ଼ିକ ମଧ୍ୟରେ ହ. ମସିହ୍ ମଉଦ୍ ଅ.ସଙ୍କ ତଫସିର୍ (ବ୍ୟାଖ୍ୟା) ଯାହାକି ପୂର୍ବରୁ ଉର୍ଦ୍ଦୁ ଭାଷାରେ 8ଟି ଗ୍ରନ୍ଥଖଣ୍ଡରେ ପ୍ରକାଶିତ ହୋଇଥିଲା ତାହାର ସମ୍ପୂର୍ଣ୍ଣ ଆରବୀ ଅନୁବାଦ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଛି । ସେହିପରି ଇଂରାଜୀ ତଫସିର୍ 'ଫାଇଭ୍ ଭଲ୍ୟୁମ୍ କମେଣ୍ଟ୍ରି' ମଧ୍ୟ ପ୍ରକାଶିତ ହୋଇଛି ଏବଂ ତାହାର ପ୍ରଥମ ଭାଗର ଆରବୀ ଅନୁବାଦ ପୁନଃ ମୁଦ୍ରିତ ହୋଇଛି ।

ହଦିସ୍‌ଗୁଡ଼ିକ ମଧ୍ୟରେ ହ. ସୟେଦ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବଙ୍କ 'ସହିହ୍ ବୁଖାରୀ' ବ୍ୟାଖ୍ୟାର ପ୍ରଥମ ଭାଗର ଇଂରାଜୀ ଅନୁବାଦ ପୁନର୍ବାର ପ୍ରକାଶିତ ହୋଇଛି । ଦ୍ୱିତୀୟ ଭାଗର ଇଂରାଜୀ ଅନୁବାଦ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଛି। ଏହା ଜ୍ଞାନର ଏକ ବୃହତ୍ ଭଣ୍ଡାର ଅଟେ । ତେଣୁ ସମସ୍ତେ ଏଥିରୁ ଲାଭ ଉଠାଇବା ଉଚିତ୍ ।

ହ. ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକଗୁଡ଼ିକର ଅନୁବାଦ ମଧ୍ୟରେ 45ଟି ପୁସ୍ତକର 18ଟି ଭାଷାରେ ଅନୁବାଦ ହୋଇଛି । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ 11ଟି ପୁସ୍ତକ 6ଟି ଭାଷାରେ ପ୍ରକାଶିତ ହୋଇଛି । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ପୁସ୍ତକ "ତାମୀରେ ବୈତୁଲ୍ଲାଃର 23ଟି ମହାନ୍ ଉଦ୍ଦେଶ୍ୟ"ର ଆରବୀ ଅନୁବାଦ ପ୍ରଥମ ଥର ପାଇଁ ପ୍ରକାଶ ପାଇଛି । ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ପୁସ୍ତକ Christianity—A Journey from Facts to Fiction ର ବୁଲ୍‌ଗେରୀୟ ଏବଂ An Elementary Study of Islamର ଡେନିଶ୍ ଭାଷାରେ ପ୍ରଥମ ଥର ଅନୁବାଦ ପ୍ରକାଶିତ ହୋଇଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ବିଭିନ୍ନ ସମୟରେ ମୁଁ ଯେଉଁ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଆସିଛି ସେଗୁଡ଼ିକୁ ମଧ୍ୟ ପୁସ୍ତକ ଆକାରରେ ପ୍ରକାଶ କରାଯାଇଛି ଏବଂ ଇଂରାଜୀ ଭାଷାରେ ମଧ୍ୟ । ସେହିପରି ଅନ୍ୟ କେତେକ ଭାଷଣକୁ ମଧ୍ୟ ଫ୍ରେଞ୍ଚ୍, ଆରବୀ, ଜର୍ମାନ, ଇଣ୍ଡୋନେସୀୟ ଆଦି ବିଭିନ୍ନ ଭାଷାରେ ପ୍ରକାଶ କରାଯାଇଛି ।

ନଜାରତ୍ ନଶ୍ରୋ ଇଶାଅତ୍, କାଦିୟାନ୍ :

ନଜାରତ୍ ନଶ୍ରୋ ଇଶାଅତ୍ କାଦିୟାନ୍ ଭାରତର ସ୍ଥାନୀୟ 14ଟି ଭାଷାରେ ଏପର୍ଯ୍ୟନ୍ତ ପବିତ୍ର କୁର୍‌ଆନ୍ କରୀମ୍‌ର ଅନୁବାଦ ପ୍ରକାଶିତ କରିସାରିଛି । ଅଲ୍ଲାଃତାଲାଙ୍କ କୃପାରୁ କାଦିୟାନ୍‌ରୁ ଏଥର ପବିତ୍ର କୁରଆନ୍ କରୀମ୍‌ର ଏକ ଫଣ୍ଟ୍ 'ତୌହୀଦ୍ ନସ୍‌ତାଲୀକ୍' ପ୍ରସ୍ତୁତ କରାଯାଇଛି । ଏହା ଜମାଅତେ ଅହମଦିୟା ତରଫରୁ ପ୍ରସ୍ତୁତ ପ୍ରଥମ ନସ୍‌ତାଲୀକ୍ ଫଣ୍ଟ୍ ଅଟେ । 'ତଫ୍‌ସିରେ ସଗିର୍‌ର ଆରବୀ ପାଠ 'ଖତେ ମଞ୍ଜୁର' ଫଣ୍ଟ୍‌ରେ ଏବଂ ଉର୍ଦ୍ଦୁ ପାଠ ଏହି ନୂତନ ଫଣ୍ଟ୍‌ରେ ପ୍ରସ୍ତୁତ ହୋଇସାରିଛି । ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକଗୁଡ଼ିକର ଭାରତର ଆଞ୍ଚଳିକ ତଥା ପ୍ରାଦେଶିକ ଭାଷାଗୁଡ଼ିକରେ ମଧ୍ୟ ଅନୁବାଦ ହୋଇଛି ।

ୱକାଲତ୍-ଏ-ତସ୍‌ନୀଫ୍ (UK):

ୱକାଲତେ ତସ୍‌ନୀଫ୍ ୟୁ.କେ ଏକ ନୂତନ ଭାଷା 'ଲିଥୁଆନୀୟ' (Lithuanian) ଭାଷାରେ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ପ୍ରକାଶ କରିଛି । ବର୍ତ୍ତମାନ ଜମାଅତ୍ ଅହମଦିୟା ତରଫରୁ ବିଭିନ୍ନ ଭାଷାରେ ମୁଦ୍ରିତ ପବିତ୍ର କରୁଆନର ଅନୁବାଦଗୁଡ଼ିକର ମୋଟ୍ ସଂଖ୍ୟା 79 ହୋଇଯାଇଛି । ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ 'ନଜ୍‌ମୁଲ୍ ହୁଦା', 'ଖୁତ୍‌ବା ଇଲ୍‌ହାମିୟାହ୍', 'କରାମାତୁସ୍ ସାଦିକ୍‌ନ୍' ଏବଂ 'ମଲ୍‌ଫୁଜାତ୍' (ଗ୍ରନ୍ଥଖଣ୍ଡ-5) ର ଇଂରାଜୀ ଅନୁବାଦ ମୁଦ୍ରିତ ହୋଇଛି । 'ବରାହିନେ ଅହମଦିୟା'ର ଚାରୋଟି ଭାଗର ଇଂରାଜୀ ଅନୁବାଦ ଗୋଟିଏ ଭାଗ (ପୁସ୍ତକ)ରେ ପ୍ରକାଶିତ ହୋଇଛି । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପୁସ୍ତକ 'ଇନ୍‌କିଲାବେ ହକିକି', 'ମୁତାଲବାତେ ତହ୍‌ରୀକେ ଜଦିଦ୍', 'ଇର୍‌ଫାନେ ଇଲାହୀ' ଏବଂ 'ୱାକିଆତ୍ ଖ୍‌ଲାଫତେ ଉଲୁୱୀ'ର ଇଂରାଜୀ ଭାଷାରେ ଅନୁବାଦ ପ୍ରକାଶିତ ହୋଇଛି ।

ଜମାଅତ୍‌ଗୁଡ଼ିକରେ ଆଞ୍ଚଳିକ ଓ କେନ୍ଦ୍ରୀୟ ପାଠାଗାର (Central Library) ସ୍ଥାପନା :

ବିଶ୍ୱର 108ଟି ଦେଶରେ ଏପର୍ଯ୍ୟନ୍ତ 732ଟି ଲାଇବ୍ରେରୀ ସ୍ଥାପିତ ହୋଇ ସାରିଛି ।

ୱକାଲତେ ଇଶାଅତ୍ ତର୍‌ସୀଲ୍:

ସାରା ବିଶ୍ୱର 22ଟି ଭାଷାରେ 116ଟି ପତ୍ରିକା, ଜର୍ଣ୍ଣାଲ୍ ଏବଂ ସମ୍ବାଦପତ୍ର ପ୍ରକାଶିତ ହେଉଛି ।

ପ୍ରଦର୍ଶନୀ (Exhibition) ଆୟୋଜନ :

ସମଗ୍ର ବିଶ୍ୱରେ 3,688ଟି ପ୍ରଦର୍ଶନୀ ମାଧ୍ୟମରେ 10 ଲକ୍ଷ 7 ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପର୍ଯ୍ୟନ୍ତ ଇସ୍‌ଲାମ୍ ଅହମଦିୟତ୍‌ର ସନ୍ଦେଶ ପହଞ୍ଚିଛି ।

ରକୀମ୍ ପ୍ରେସ୍ (Raqeem Press) :

ରକୀମ୍ ପ୍ରେସ୍ ମାଧ୍ୟମରେ ପ୍ରକାଶିତ ପୁସ୍ତକଗୁଡ଼ିକର ସଂଖ୍ୟା 1 ଲକ୍ଷ 57 ହଜାର 240 ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ରକୀମ୍ ପ୍ରେସ୍ ଏଠାରେ ବେଶ୍ ଭଲ କାମ କରୁଛି। ଆଫ୍ରିକାର 7ଟି ଦେଶରେ ଆମର ପ୍ରେସ୍ ରହିଛି, ଯେଉଁଠାରେ ୭ ଲକ୍ଷ ୬୦ ହଜାର ପୁସ୍ତକ ଏବଂ 82 ଲକ୍ଷରୁ ଉର୍ଦ୍ଧ୍ୱ ସମ୍ବାଦପତ୍ର, ପତ୍ରିକା ଓ ପ୍ରଚାର ପ୍ରଶିକ୍ଷଣ ପୁସ୍ତିକା ପ୍ରକାଶିତ ହୋଇଛି ।

ୱକାଲତ ତାମିଲ୍-ଓ-ତନ୍‌ଫୀଜ୍ ଭାରତର ରିପୋର୍ଟ ଅନୁଯାୟୀ ହ. ଖଲିଫତୁଲ୍ ମସିହ୍ ଅୱଲ୍‌ଙ୍କ ବାସଭବନ ପରିସରରେ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ 'ଅଲ୍ ମୁଜିବ୍' ନାମକ ପ୍ରଦର୍ଶନୀ ପ୍ରସ୍ତୁତ କରାଯାଇଛି । କାଦିୟାନ୍‌ରେ କେନ୍ଦ୍ରୀୟ ରିସର୍ଚ୍ଚ ସେଲ୍ ବୋର୍ଡ ଗଠନ କରାଯାଇଛି ।

ଆରବୀ ଡେସ୍କ୍ :

ଆରବୀ ଡେସ୍କ୍ ଅଧୀନରେ ଏପର୍ଯ୍ୟନ୍ତ ପ୍ରକାଶିତ ପୁସ୍ତକ ସଂଖ୍ୟା 200 ହୋଇ ସାରିଛି । ଏଥିରେ ରୁହାନୀ ଖଜାଏନ୍‌ର ସମସ୍ତ ଉର୍ଦ୍ଦୁ ପୁସ୍ତକ, ମଲ୍‌ଫୁଜାତ୍‌ର ସମ୍ପୂର୍ଣ୍ଣ ସେଟ୍, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ତଫ୍‌ସିରେ କବିର୍‌ର 10ଟି ଭାଗର ସେଟ୍ ଏବଂ ଅନ୍ୟ 34ଟି ପୁସ୍ତକର ଅନୁବାଦ ଅନ୍ତର୍ଭୁକ୍ତ ଅଟେ । ଚଳିତ ବର୍ଷ ମଜ୍‌ମୁଆ ଇଶ୍‌ତିହାରାତ୍‌ର ତିନୋଟିଯାକ ଗ୍ରନ୍ଥଖଣ୍ଡ, ଦାୱତୁଲ୍ ଅମୀର୍‌ର ଆରବୀ ଅନୁବାଦ ଏବଂ ଅନ୍ୟ କେତେକ ପୁସ୍ତକର ଅନୁବାଦ ମଧ୍ୟ ପ୍ରକାଶିତ ହୋଇଛି ।

ବାଂଲା ଡେସ୍କ୍ :

ବାଂଲା ଡେସ୍କ୍ ଅଧୀନରେ ହ. ମସିହ୍ ମଉଦ୍ ଅ.ସଙ୍କ 6ଟି ପୁସ୍ତକର ଅନୁବାଦ ଛପାଯାଇଛି । ମୋର ଖୁତ୍‌ବାଗୁଡ଼ିକୁ ମଧ୍ୟ ସେମାନେ ପ୍ରକାଶ କରିଛନ୍ତି ।

ଫ୍ରେଞ୍ଚ୍ ଡେସ୍କ୍ :

ଫ୍ରେଞ୍ଚ ଡେସ୍କ୍ 'ଲେକ୍‌ଚର୍ ଲାହୋର୍'ର ଫରାସୀ ଅନୁବାଦ ପ୍ରକାଶ କରିଛି ।

ତୁର୍କୀ ଓ ସ୍ପାନିଶ୍ ଡେସ୍କ୍ :

ତୁର୍କୀ ଭାଷାରେ ମଧ୍ୟ ଅନୁବାଦ କାମ ଚାଲିଛି । ସ୍ପାନିଶ୍ ଡେସ୍କ୍ ଚଳିତ ବର୍ଷ 6ଟି ପୁସ୍ତକର ଅନୁବାଦ ସମ୍ପୂର୍ଣ୍ଣ କରିଛି ।

ଚାଇନିଜ୍ ଡେସ୍କ୍ :

ଚାଇନିଜ୍ ଡେସ୍କ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ 1924 ମସିହାର ଧାର୍ମିକ ସମ୍ମିଳନୀ ଭାଷଣର ଅନୁବାଦ କରିଛି ।

ଲିଫ୍‌ଲେଟ୍ ଓ ଫ୍ଲାୟର୍ ବଣ୍ଟନ :

ଚଳିତ ବର୍ଷ 120ଟି ଦେଶରେ ମୋଟ 78 ଲକ୍ଷ 66 ହଜାରରୁ ଉର୍ଦ୍ଧ୍ୱ ଲିଫ୍‌ଲେଟ୍ ବଣ୍ଟନ କରାଯାଇଛି, ଯାହା ମାଧ୍ୟମରେ 3 କୋଟି 92 ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପର୍ଯ୍ୟନ୍ତ ସନ୍ଦେଶ ପହଞ୍ଚାଯାଇଛି ।

ତେହ୍‌ରୀକେ ୱକ୍‌ଫେ ନଅ :

ୱକ୍‌ଫେ ନଅ ଅହ୍ୱାନରେ ଅନ୍ତର୍ଭୁକ୍ତ ବାଳକଙ୍କ ସଂଖ୍ୟା 50,981 ଏବଂ ବାଳିକାଙ୍କ ସଂଖ୍ୟା 36,686 । ଚଳିତ ବର୍ଷ 74ଟି ଦେଶରୁ 3,116ଜଣ ମାତାପିତାମାନେ ନିଜର ଆଗାମୀ ସନ୍ତାନଙ୍କୁ ୱକ୍‌ଫେ ନଅ ପାଇଁ ଉତ୍ସର୍ଗ କରିଛନ୍ତି ।

ରିଭ୍ୟୁ ଅଫ୍ ରିଲିଜିୟନ୍ସ୍ (Review of Religions) :

ଏହାର ଶୁଭାରମ୍ଭ ହ. ମସିହ୍ ମଉଦ୍ ଅ.ସ କରିଥିଲେ । ଉକ୍ତ ପତ୍ରିକା ବର୍ତ୍ତମାନ ନିଜର 124ତମ ବର୍ଷରେ ପଦାର୍ପଣ (ପ୍ରବେଶ) କରିଛି । ଏହା ବିଭିନ୍ନ ମାଧ୍ୟମରେ ଇଂରାଜୀ, ଜର୍ମାନ୍, ସ୍ପାନିଶ୍ ଏବଂ ଫରାସୀ ଭାଷାରେ କୋଟି କୋଟି ଲୋକଙ୍କ ପାଖରେ ସନ୍ଦେଶ ପହଞ୍ଚାଉଛି । ଚଳିତ ବର୍ଷ ଏହାର ଡିଜିଟାଲ୍ ସଂସ୍କରଣ ମଧ୍ୟ ଜାରି ଅବଶିଷ୍ଟାଂଶ... ପୃ-7 ରେ

(ଖୁତ୍‌ବା ଜୁମା)



ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା) ସଂପର୍କରେ ସିରତୁନ୍ ନବୀ[ସ.ଅ]ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଖୁତ୍‌ବା ଜୁମା 11 Sep 2026 ମସିହା ଅନୁଯାୟୀ ୧୧ ତୁବୁକ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ۔ اَلرَّحۡمٰنِ الرَّحِیۡمِ ۔ مٰلِکِ یَوۡمِ الدِّیۡنِ ۔ اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ۔ اِہۡدِنَا الصِّرَاطَ الۡمُسۡتَقِیۡمَ ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۔ غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ତୱକ୍କୁଲ୍ ଅଲଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ସମ୍ପର୍କରେ ଗତ ଶୁକ୍ରବାର ଦିନ ବର୍ଣ୍ଣନା କରାଯାଇଥିଲା । ଆଜି ମଧ୍ୟ ଏହି ବିଷୟ ରହିଛି ଯାହାକୁ ମୁଁ ବର୍ଣ୍ଣନା କରିବି । ବିଶ୍ୱାସକାରୀମାନଙ୍କୁ ତୱକ୍କୁଲ (ଈଶ୍ୱର ଉପରେ ଅଗାଧ ବିଶ୍ୱାସ)ର ଉପଦେଶ ଦେଇ ଆପଣ ସ.ଅ କହିଛନ୍ତି, ଯାହାର ରିୱାୟତ୍ ହ. ଅବୁ ଦର୍ଦା ର.ଅ କରିଛନ୍ତି । ଆପଣ ସ.ଅ କହିଲେ ଯେ, ଯେଉଁ ବ୍ୟକ୍ତି ସକାଳେ ଏବଂ ସନ୍ଧ୍ୟା ସମୟରେ ସାତ ଥର ଏହା କହିବ: حَسۡبِیَ اللّٰہُ لَاۤ اِلٰہَ اِلَّا ہُوَ عَلَیۡہِ تَوَکَّلۡتُ وَ ہُوَ رَبُّ الۡعَرۡشِ الۡعَظِیۡمِ ଅର୍ଥାତ୍ ଅଲ୍ଲାଃ ମୋ ପାଇଁ ଯଥେଷ୍ଟ ଅଟନ୍ତି । ତାହାଙ୍କ ବ୍ୟତୀତ ଅନ୍ୟ କେହି ବିଉପାସ୍ୟ ନାହାନ୍ତି । ମୁଁ ତାଙ୍କରି ଉପରେ ଭରସା କରିଛି ଏବଂ ସେ ମହାନ୍ ସିଂହାସନର ପ୍ରଭୁ ଅଟନ୍ତି । ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିର ସେହି ସମସ୍ତ ଚିନ୍ତା ପାଇଁ ଯଥେଷ୍ଟ ହୋଇଯିବେ ଯାହା ତାକୁ ବ୍ୟାକୁଳ କରୁଛି । ସେ ପଛେ ଏଥିରେ ସତ୍ୟବାଦୀ ହେଉ କିମ୍ବା ମିଥ୍ୟାବାଦୀ ହେଉ । **(ସୁନନ୍ ଅବୁ ଦାଉଦ, କିତାବୁଲ ଅଦବ୍ ଅବ୍‌ୱାବୁନ୍ ନୌମି, ବାବ୍-ମା ୟକୁଲୁ ଇଜା ଅସବହା, ହଦିସ୍ ନଂ-5081)**

ଆଁହଜରତ୍ ସ.ଅ ନିଜ ପାଇଁ ତୱକ୍କୁଲ ସମ୍ପର୍କରେ କିପରି ଦୁଆ (ପ୍ରାର୍ଥନା) କରୁଥିଲେ? ଏ ସଂପର୍କରେ ଏକ ବର୍ଣ୍ଣନାରେ ବର୍ଣ୍ଣତ ହୋଇଛି । ହ. ଜାବିର ବିନ୍ ଅବଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆପଣ ସ.ଅ ରୁକୁ (ନମାଜ୍‌ରେ ନଇଁବା)କୁ ଯାଉଥିଲେ, ସେତେବେଳେ ଆପଣ ସ.ଅ ଏହି ଦୁଆ ପାଠ କରୁଥିଲେ: اَللّٰہُمَّ لَکَ رَکَعۡتُ وَ بِکَ اٰمَنۡتُ وَ لَکَ اَسۡلَمۡتُ وَ عَلَیۡکَ تَوَکَّلۡتُ اَنۡتَ رَبِّیۡ خَشَعَ سَمۡعِیۡ وَ بَصَرِیۡ وَ مُخِّیۡ وَ عَظۡمِیۡ وَ عَصَبِیۡ لِلّٰہِ رَبِّ الۡعٰلَمِیۡنَ ଅର୍ଥାତ୍: ହେ ଅଲ୍ଲାଃ ! ମୁଁ ତୁମ୍ଭ ପାଇଁ ରୁକୁ କଲି, ତୁମ୍ଭ ଉପରେ ବିଶ୍ୱାସ ଆଣିଲି, ନିଜକୁ ତୁମ୍ଭ ପ୍ରତି ସମର୍ପଣ କଲି ଏବଂ ତୁମ୍ଭ ଉପରେ ଭରସା କଲି । ତୁମ୍ଭେ ହିଁ ମୋର ପାଳକର୍ତ୍ତା ଅଟ । ମୋର ଶ୍ରବଣଶକ୍ତି, ଦୃଷ୍ଟିଶକ୍ତି, ରକ୍ତ, ମାଂସ, ହାଡ଼ ଏବଂ ସ୍ନାୟୁ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ପ୍ରଭୁ ଅଲ୍ଲାଃଙ୍କ ଆଗରେ ନତମସ୍ତକ ହୋଇଛି ।

(ସୁନନୁନ୍ ନିସାଈ, କିତାବୁତ୍ ତତ୍‌ବିକ୍, ବାବ୍ ନୌଇ ଆଖ୍‌ର୍, ହଦିସ୍ ନଂ-1051)

ପୁନଶ୍ଚ ଗୋଟିଏ ବର୍ଣ୍ଣନାରେ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଛନ୍ତି: "ଯେତେବେଳେ ମୋତେ କୌଣସି ଚିନ୍ତା ଘାରୁଥିଲା (ଅର୍ଥାତ୍ ଯେତେବେଳେ ମୁଁ ଚିନ୍ତିତ ହେଉଥିଲି) ହେଉଥିଲା ସେତେବେଳେ ହ. ଜିବ୍ରାଇଲ୍ ଅ.ସ ମୋ ଆଗରେ ପ୍ରକଟ ହୋଇ କହୁଥିଲେ, ହେ ମୁହମ୍ମଦ ସ.ଅ ! ଆପଣ କୁହନ୍ତୁ: تَوَکَّلۡتُ عَلَی الۡحَیِّ الَّذِیۡ لَا یَمُوۡتُ وَ الۡحَمۡدُ لِلّٰہِ الَّذِیۡ لَمۡ یَتَّخِذۡ وَلَدًا وَّ لَمۡ یَکُنۡ لَّہٗ شَرِیۡکٌ فِی الۡمُلۡکِ وَ لَمۡ یَکُنۡ لَّہٗ وَلِیٌّ مِّنَ الذُّلِّ وَ کَبِّرۡہُ تَکۡبِیۡرًا ଅର୍ଥାତ୍: ମୁଁ ସେହି ଜୀବନ୍ତ ସତ୍ତାଙ୍କ ଉପରେ ଭରସା କଲି ଯାହାଙ୍କର କେବେ ବି ମୃତ୍ୟୁ ହେବ ନାହିଁ । କାରଣ ସେ ଚିରଞ୍ଜିବ ଅଟନ୍ତି । ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଯିଏ କାହାକୁ ପୁତ୍ର କରି ନାହାନ୍ତି । ତାଙ୍କ ରାଜତ୍ୱରେ କେହି ଅଂଶୀଦାର ନୁହନ୍ତି ଏବଂ ତାଙ୍କୁ କେବେ ବି ଏପରି ସାଥିର ଆବଶ୍ୟକତା ପଡ଼ିଲା ନାହିଁ ଯିଏ ଦୁର୍ବଳାବସ୍ଥାରେ ତାହାଙ୍କର ସହାୟକ ହୋଇଥାଆନ୍ତା ଏବଂ ତୁମ୍ଭେମାନେ ପୂର୍ଣ୍ଣ ନିଷ୍ଠାର ସହିତ ତାଙ୍କର ମହିମା ପ୍ରକାଶ କର । **(ଅଲ୍ ମୁସ୍ତଦ୍‌ରିକ୍ ଅଲସ୍ ସିହିହୈନ୍, କିତାବୁଦ୍ ଦୁଆ ୱତ୍ ତକ୍‌ବିରି, ୱତ୍ ତହ୍‌ଲିଲି ୱତ୍ ତସ୍‌ବିହି ୱଜ୍ ଜିକ୍ରି, ହଦିସ୍ ନଂ-1876, ଗ୍ରନ୍ଥଖଣ୍ଡ-1, ପୃ-689, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ତାଉସ୍‌ଙ୍କଠାରୁ ମର୍ଓି ଅଛି, ସେ ହ. ଇବ୍‌ନେ ଅବ୍‌ବାସ୍ ର.ଅଙ୍କଠାରୁ ଶୁଣିଛନ୍ତି । ସେ କହିଛନ୍ତି: ନବୀ ସ.ଅଯେତେବେଳେ ରାତିରେ ତହଜ୍ଜୁଦ୍ ପାଠ କରିବା ପାଇଁ ଉଠୁଥିଲେ, କହୁଥିଲେ: اَللّٰہُمَّ لَکَ الۡحَمۡدُ اَنۡتَ قَیِّمُ السَّمٰوٰتِ وَ الۡاَرۡضِ وَ مَنۡ فِیۡہِنَّ ، وَ لَکَ الۡحَمۡدُ لَکَ مُلۡکُ السَّمٰوٰتِ وَ الۡاَرۡضِ وَ مَنۡ فِیۡہِنَّ ، وَ لَکَ الۡحَمۡدُ اَنۡتَ نُوۡرُ السَّمٰوٰتِ وَ الۡاَرۡضِ وَ مَنۡ فِیۡہِنَّ ، وَ لَکَ الۡحَمۡدُ اَنۡتَ مَلِکُ السَّمٰوٰتِ وَ الۡاَرۡضِ ، وَ لَکَ الۡحَمۡدُ اَنۡتَ الۡحَقُّ وَ وَعۡدُکَ الۡحَقُّ ، وَ لِقَآؤُکَ حَقٌّ ، وَ قَوۡلُکَ حَقٌّ ، وَ الۡجَنَّۃُ حَقٌّ ، وَ النَّارُ حَقٌّ ، وَ النَّبِیُّوۡنَ حَقٌّ ، وَ مُحَمَّدٌ صَلَّی اللّٰہُ عَلَیۡہِ وَ سَلَّمَ حَقٌّ ، وَ السَّاعَۃُ حَقٌّ ، اَللّٰہُمَّ لَکَ اَسۡلَمۡتُ وَ بِکَ اٰمَنۡتُ ، وَ عَلَیۡکَ تَوَکَّلۡتُ ، وَ اِلَیۡکَ اَنَبۡتُ ، وَ بِکَ خَاصَمۡتُ ، وَ اِلَیۡکَ حَاکَمۡتُ ، فَاغۡفِرۡ لِیۡ مَا قَدَّمۡتُ وَ مَاۤ اَخَّرۡتُ ، وَ مَاۤ اَسۡرَرۡتُ وَ مَاۤ اَعۡلَنۡتُ ، اَنۡتَ الۡمُقَدِّمُ ، وَ اَنۡتَ الۡمُؤَخِّرُ ، لَاۤ اِلٰہَ اِلَّاۤ اَنۡتَ "ଅର୍ଥାତ୍ ହେ ଅଲ୍ଲାଃ ! ସକଳ ପ୍ରଶଂସା ତୁମ୍ଭ ପାଇଁ ଉଦ୍ଦିଷ୍ଟ ଅଟେ । ତୁମ୍ଭେ ଆକାଶ, ପୃଥିବୀ ଏବଂ ସେଥିରେ ଥିବା ସମସ୍ତ ଜିନିଷର ସଂରକ୍ଷକ ଅଟ । ସମସ୍ତ ପ୍ରଶଂସା ତୁମ୍ଭ ପାଇଁ ଉଦ୍ଦିଷ୍ଟ, ଆକାଶ, ପୃଥିବୀ ଏବଂ ସେଥିରେ ଥିବା ସମସ୍ତ ସୃଷ୍ଟିର ରାଜତ୍ୱ ତୁମ୍ଭର ଅଟେ । ସକଳ ପ୍ରଶଂସା ତୁମ୍ଭ ପାଇଁ ଉଦ୍ଦିଷ୍ଟ ତୁମ୍ଭେ ଆକାଶ ଓ ପୃଥିବୀର ନୁର (ଆଲୋକ) ଅଟ । ତୁମ୍ଭେ ହିଁ ସତ୍ୟ, ତୁମ୍ଭର ପ୍ରତିଶ୍ରୁତି ସତ୍ୟ, ତୁମ୍ଭ ସହ ସାକ୍ଷାତ୍ ସତ୍ୟ, ତୁମ୍ଭର ବାଣୀ ସତ୍ୟ, ସ୍ୱର୍ଗ ସତ୍ୟ, ନର୍କ ସତ୍ୟ, ସମସ୍ତ ଅବତାରମାନେ ସତ୍ୟ, ମୁହମ୍ମଦ ସ.ଅ ସତ୍ୟ ଏବଂ ପ୍ରଳୟ ଦିବସର ସମୟ ମଧ୍ୟ ନିରାଟ ସତ୍ୟ ଅଟେ । ହେ ଅଲ୍ଲାଃ ! ମୁଁ ତୁମ୍ଭ ଆଗରେ ଆତ୍ମସମର୍ପଣ କଲି, ତୁମ୍ଭ ଉପରେ ବିଶ୍ୱାସ ଆଣିଲି, ତୁମ୍ଭରି ଉପରେ ଭରସା କଲି, ତୁମ୍ଭ ଆଡ଼କୁ ନଇଁଲି, ତୁମ୍ଭରି ସାହାଯ୍ୟରେ ବିରୋଧୀମାନଙ୍କର ସାମ୍ନା କଲି ଏବଂ ତୁମ୍ଭ ଆଗରେ ହିଁ ନ୍ୟାୟ ମାଗିଲି । ମୋର ପୂର୍ବ ଓ ପରର, ପ୍ରକାଶ୍ୟ ଓ ଅପ୍ରକାଶ୍ୟ ସମସ୍ତ ଅପରାଧକୁ କ୍ଷମା କରିଦିଅ । ତୁମ୍ଭେ ହିଁ ଆଗକୁ ନେଉଥିବା ଏବଂ ପଛକୁ ହଟାଉଥିବା ସତ୍ତା ଅଟ । ତୁମ୍ଭ ବ୍ୟତୀତ ଅନ୍ୟ କେହି ବିଉପାସ୍ୟ ନୁହନ୍ତି ।" **(ସହିହୁଲ୍ ବୁଖାରୀ, କିତାବୁତ୍ ତହଜ୍ଜୁଦି, ବାବ୍- ଅତ୍ ତହଜ୍ଜୁଦ୍ ବିଲ୍ ଲୈଲି, ହଦିସ୍ ନଂ-1120)**

ହ. ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହୁଥିଲେ: "ହେ ଅଲ୍ଲାଃ! ମୁଁ ତୁମର ଆଜ୍ଞାବହତ୍ୱତା ସ୍ୱୀକାର କରୁଛି, ତୁମ୍ଭ ଉପରେ ବିଶ୍ୱାସ ଆଣୁଛି, ତୁମ୍ଭ ଉପରେ ଭରସା କରୁଛି ଏବଂ ତୁମ୍ଭ ଆଡ଼କୁ ଫେରୁଛି । ତୁମ୍ଭ ସାହାଯ୍ୟରେ ହିଁ ମୁଁ ଯୁଦ୍ଧ କରୁଛି । ହେ ଅଲ୍ଲାଃ ! ମୁଁ ତୁମ୍ଭର ମହିମାର ଶରଣାପନ୍ନ ହେଉଛି ଯେ ତୁମ୍ଭେ ଯେପରି ମୋତେ ପଥଭ୍ରଷ୍ଟ ନ କର । ତୁମ୍ଭ ବ୍ୟତୀତ କେହି ବି ଉପାସ୍ୟ ନୁହନ୍ତି । ତୁମ୍ଭେ ହିଁ ଚିରଞ୍ଜୀବ, ଅବିନଶ୍ୱର ଯାହାର କେବେ ମୃତ୍ୟୁ ହୁଏ ନାହିଁ । ଅପରପକ୍ଷେ ଜିନ୍ ଏବଂ ମଣିଷ ସମସ୍ତେ ମୃତ୍ୟୁବରଣ କରିବେ ।" **(ସହିହ ମୁସଲିମ୍, କିତାବୁଜ୍ ଜିକର୍ ୱଦ୍ ଦୁଆ ୱତ୍ ତୌବତା ୱଲ୍ ଇସ୍ତିଗ୍‌ଫାରି, ବାବ୍- ଅତ୍ ତାଆୱୁଜୁ ମିନ୍ ଶର୍‌ରି ମା ଅମିଲା ୱ ମିନ୍ ଶର୍‌ରି ମା ଲମ୍ ୟାମଲୁ, ଅନୁବାଦକ, ଗ୍ରନ୍ଥଖଣ୍ଡ-14, ପୃ-91, ହଦିସ୍ ନଂ-48880, ପ୍ରକାଶକ- ନୁର୍ ଫାଉଣ୍ଡେସନ୍)**

ଆଁହଜରତ୍ ସ.ଅଙ୍କର ସର୍ବଦା ଅଲ୍ଲାଃତାଲାଙ୍କ ଉପରେ ହିଁ ଦୃଷ୍ଟି ରହୁଥିଲା । ଆପଣ ସ.ଅଙ୍କର ଏହି ଗୁଣର ଉଚ୍ଚ ସ୍ତର ସଂପର୍କରେ ବର୍ଣ୍ଣନା କରି ହ. ମୁସ୍‌ଲେହ ମଉଦ୍ ର.ଅ ଗୋଟିଏ ସ୍ଥାନରେ ନିଜର ବକ୍ତୃତାରେ ଉଲ୍ଲେଖ କରନ୍ତି: "ରସୁଲ କରୀମ୍ ସ.ଅଙ୍କର ଈଶ୍ୱରଙ୍କ ଉପରେ ଏପରି ଅଗାଧ ଭରସା ରହିଥିଲା ଯେ, ପ୍ରତ୍ୟେକ ବିପଦ ଓ କଷ୍ଟ ସମୟରେ ଆପଣ ସ.ଅ କେବଳ ତାଙ୍କରି (ଅଲ୍ଲାଃତାଲାଙ୍କ) ଉପରେ ହିଁ ଦୃଷ୍ଟି ରଖୁଥିଲେ ଏବଂ ତାହାଙ୍କ (ଅଲ୍ଲାଃଙ୍କ) ବ୍ୟତୀତ ଅନ୍ୟ ସମସ୍ତ ଜିନିଷରୁ ଧ୍ୟାନ ହଟାଇ ନେଉଥିଲେ। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆପଣ ସ.ଅ ଆଜିକାଲିର ସୁଫୀମାନଙ୍କ (ସାଧୁ ସଜ୍ଜନମାନଙ୍କ) ପରି ସାଧନ (ଉପାୟ)କୁ ପରିତ୍ୟାଗ କରୁ ନଥିଲେ । ଅର୍ଥାତ୍ ଯେଉଁ ସୁଫୀମାନେ ଆଜିକାଲି କୁହନ୍ତି ଯେ, ବସ୍ତୁର ଆବଶ୍ୟକତା ନାହିଁ, କେବଳ ତୱକ୍କୁଲ (ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ଓ ବିଶ୍ୱାସ) ଆବଶ୍ୟକ । ଆପଣ ସ.ଅ ସାଧନକୁ ବ୍ୟବହାର ତଥା ବିନିଯୋଗ କରୁଥିଲେ । କାରଣ ସାଧନ ତ୍ୟାଗ (ଛାଡ଼ିବା) କରିବା ଅଲ୍ଲାଃଙ୍କ ସୃଷ୍ଟିର ଅନାଦର କରିବା ସହିତ ସମାନ ଅଟେ । କିନ୍ତୁ ସାଧନ ପ୍ରସ୍ତୁତ କରିବା ପରେ ଆପଣ ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃଙ୍କ ଉପରେ ହିଁ ଭରସା କରୁଥିଲେ । ସାଧନ ଯୋଗାଡ଼ କଲେ ମଧ୍ୟ ସେଗୁଡ଼ିକ ଉପରେ କେବେ ଭରସା କରୁ ନଥିଲେ ବରଂ ଆପଣ ସ.ଅ କେବଳ ଓ କେବଳ ଅଲ୍ଲାଃଙ୍କ କୃପାର ଆଶା ରଖୁଥିଲେ ।" ହ. ଇବ୍‌ନେ ଅବ୍‌ବାସ୍ ର.ଅ କୁହନ୍ତି ଯେ, ଆପଣ ସ.ଅ ପ୍ରତ୍ୟେକ ବ୍ୟାକୁଳତା (ଘାବରେଇବା) ସମୟରେ କହୁଥିଲେ: لَاۤ اِلٰہَ اِلَّا اللّٰہُ رَبُّ الۡعَرۡشِ الۡعَظِیۡمِ لَاۤ اِلٰہَ اِلَّا اللّٰہُ رَبُّ السَّمٰوٰتِ وَ رَبُّ الۡاَرۡضِ وَ رَبُّ الۡعَرۡشِ الۡکَرِیۡمِ ଅର୍ଥାତ୍: ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ସେ ମହାନ୍ ଅଟନ୍ତି । ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ସେ ଆକାଶ ସମୂହର ପ୍ରଭୁ, ପୃଥିବୀର ପ୍ରଭୁ ଏବଂ ମହାନ୍ ସିଂହାସନର ମଧ୍ୟ ଈଶ୍ୱର ଅଟନ୍ତି। ଅର୍ଥାତ୍ ମୋର ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ଉପରେ ହିଁ ରହିଛି ।

(ସୀରତୁନ୍ ନବୀ ସ.ଅ, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-1, ପୃ-496-497)

ହ. ଇବ୍‌ନେ ଅବ୍‌ବାସ୍ ବର୍ଣ୍ଣନା କରନ୍ତି: حَسۡبُنَا اللّٰہُ وَ نِعۡمَ الۡوَکِیۡلُ ଅର୍ଥାତ୍: ଅଲ୍ଲାଃତାଲା ହିଁ ଆମ ପାଇଁ ଯଥେଷ୍ଟ ଏବଂ ସେ ହିଁ ସର୍ବୋତ୍ତମ କାର୍ଯ୍ୟସାଧକ । ଏହା ହ. ଇବ୍ରାହିମ୍ ଅ.ସ ସେତେବେଳେ କହିଥିଲେ ଯେତେବେଳେ ତାଙ୍କୁ ନିଆଁରେ ପକାଯାଇଥିଲା। ଠିକେ ସିହପିର ମୁହମ୍ମଦ ସ.ଅ ମଧ୍ୟ ଏହା କହିଥିଲେ ଯେତେବେଳେ ଲୋକମାନେ କହିଥିଲେ ଯେ, ହେ ମୁହମ୍ମଦ୍ ସ.ଅ ! ଶତ୍ରୁମାନେ (ଅର୍ଥାତ୍ ଅବିଶ୍ୱସାକାରୀମାନେ) ଆପଣଙ୍କ ବିରୋଧରେ ବଡ଼ ପ୍ରସ୍ତୁତି କରିଛନ୍ତି । ତେଣୁ ସେମାନଙ୍କୁ ଭୟ କରନ୍ତୁ । ବ୍ୟାଖ୍ୟାକାରମାନଙ୍କ ଅନୁସାରେ ଏହା ୱହୋଦ୍ ଯୁଦ୍ଧ, ହମ୍‌ରଉଲ୍ ଅସଦ୍ କିମ୍ବା ଖନ୍ଦକ୍ ଯୁଦ୍ଧ ସମୟରେ କୁହାଯାଇଥିଲା । ଏହି କଥା ସେମାନଙ୍କ ବିଶ୍ୱାସକୁ ଆହୁରି ବୃଦ୍ଧି କରିଦେଲା ଏବଂ ସେମାନେ କହିଲେ **ହସ୍‌ବୁନଲ୍ଲାହୁ ୱ ନିମଲ୍ ୱକିଲ୍ । (ଫତ୍‌ହୁଲ୍ ବାରି, ଗ୍ରନ୍ଥଖଣ୍ଡ-8, ପୃ-290, କରାଚୀ ସ୍ଥିତ ଆରାମ ବଗିଚାର ବିପରୀତ ପାର୍ଶ୍ୱରେ ଅବସ୍ଥିତ ପୁରାତନ ପୁସ୍ତକାଳୟ)(ସହିହୁଲ୍ ବୁଖାରୀ, କାତାବୁତ୍ ତଫ୍‌ସିର, ବାବ୍-କୌଲୁହୁଲ୍ ଲଜିନା, କାଲା ଲହୁମୁନ୍ ନାସି.....ହଦିସ୍ ନଂ-4563) (ତଫ୍‌ସିରୁଲ୍ କୁର୍‌ଆନିଲ୍ ଅଜିମି, ଲିଇବ୍‌ନେ କସିର୍, ସୁରାଃ ଆଲେ ଇମ୍ରାନ୍, ଆୟତ୍ ସଂଖ୍ୟା-174, ଗ୍ରନ୍ଥଖଣ୍ଡ-2, ପୃ-149-150) (ଅତ୍ ତଫ୍‌ସିରୁଲ୍ ମଜ୍‌ହରି, ସୁରତୁଲ୍ ଅହ୍‌ଜାବ୍, ଆୟତ୍ ନଂ-10, ଗ୍ରନ୍ଥଖଣ୍ଡ-5, ପୃ-487, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ତଫ୍‌ସିରୁଲ୍ ବୁଗୱି) (ମୁଆଲିମୁତ୍ ତନ୍‌ଜିଲ୍, ଗ୍ରନ୍ଥଖଣ୍ଡ-1, ପୃ-374, ସୁରାଃ ଆଲେ ଇମ୍ରାନ୍, ଆୟତ୍ ସଂଖ୍ୟା-174, ତାଲିଫାତେ ଅଶ୍ରଫିୟା ଅନୁଷ୍ଠାନ, ମୁଲତାନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବିଭିନ୍ନ ଅବସରରେ ମକ୍କାର ଅବିଶ୍ୱାସକାରୀମାନଙ୍କ ଦ୍ୱାରା ଆଁହଜରତ୍ ସ.ଅଙ୍କୁ ପ୍ରଲୋଭନ ଦିଆଯିବା ଏବଂ ନବୀ କରୀମ୍ ସ.ଅଙ୍କର ଅଲ୍ଲାଃଙ୍କ ଉପରେ ଅତୁଳନୀୟ ବିଶ୍ୱାସର ସହିତ୍ ଉତ୍ତର ଦେବା: ଏପରି ଏକ ଘଟଣାର ଉଲ୍ଲେଖ

ଇବ୍ନେ ଇସହାକ୍ କହିଛନ୍ତି ଯେ, ଦିନେ କୁରୈଶ୍ର ସର୍ଦ୍ଦାର୍ (ଅଧିପତି) ଉତ୍ବା ବିନ୍ ରବିଆ କୁରୈଶ୍ ସଭାରେ ବସିଥିଲେ । ସେତେବେଳେ ରସୁଲୁଲ୍ଲାଃ ସ.ଅ ମସ୍ଜିଦେ ହରାମ୍ରେ ଏକାକୀ ବିରାଜମାନ ଥିଲେ । ଉତ୍ବା କହିଲା: "ହେ କୁରୈଶ୍ ଗୋଷ୍ଠୀ ! ମୁଁ ମୁହମ୍ମଦ୍ ସ.ଅଙ୍କ ପାଖକୁ ଯାଇ କଥା ହେବି କି ? ମୁଁ ତାଙ୍କ ଆଗରେ କିଛି ପ୍ରସ୍ତାବ ରଖିବି କି ? ହୋଇପାରେ ସେ ସେଥିରୁ କିଛି ଗ୍ରହଣ କରିନେବେ । ଆମେ ତାଙ୍କର ମନସ୍କାମନା ପୂରଣ କରିଦେବୁ ଏବଂ ସେ ଆମ ବିରୋଧରେ ନିଜର ପ୍ରଚାର ବନ୍ଦ କରିଦେବେ ।" ଏହା ସେତେବେଳର କଥା ଯେତେବେଳେ ହ. ହମ୍ଜା ର.ଅ ଇସ୍ଲାମ୍ ଧର୍ମ ଗ୍ରହଣ କରିସାରିଥିଲେ ଏବଂ କୁରୈଶ୍ମାନେ ଦେଖୁଥିଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କ ସାଥୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ କୁରୈଶ୍ମାନେ କହିଲେ: "ନିଶ୍ଚୟ ହେ ଅବୁଲ୍ ୱଲୀଦ୍ ! ଆପଣ ହିଁ ତାଙ୍କ ସହିତ (ଆଁହଜରତ୍ ସ.ଅଙ୍କ ସହିତ) କଥା ହୁଅନ୍ତୁ।" ଚେଷ୍ଟା କ୍ରମେ ଉତ୍ବା ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସି ବସିଲା ଏବଂ କହିଲା: "ହେ ମୋ ପୁତୁରା ! ତୁମେ ଭଲ ଭାବରେ ଜାଣ ଯେ, ନିଜ ପରିବାରରେ ତୁମର ସ୍ଥାନ ଓ ମର୍ଯ୍ୟାଦା ଅତ୍ୟନ୍ତ ଉଚ୍ଚ । ବଂଶ ଦୃଷ୍ଟିରୁ ତୁମେ ଗୌରବରେ ମଧ୍ୟ ସମ୍ମାନିତ । କିନ୍ତୁ ତୁମେ ନିଜ ଜାତି ଆଗରେ ଏପରି ଏକ ବଡ଼ କଥା ଆଣିଛ ଯାହା ସେମାନଙ୍କର ଏକତାକୁ ଭାଙ୍ଗି ଦେଇଛି, ସେମାନଙ୍କ ବୁଦ୍ଧିକୁ ତୁଚ୍ଛ ଓ ହେୟ ବୋଲି ମନେକରିଛି, ସେମାନଙ୍କ ଦେବଦେବୀ ଏବଂ ଧର୍ମକୁ ଖରାପ କହିଛି ଓ ସେମାନଙ୍କ ପୂର୍ବପୁରୁଷମାନଙ୍କୁ ଅବିଶ୍ୱାସକାରୀର ଆଖ୍ୟା ପ୍ରଦାନ କରିଛି । ଏବେ ମୋର କିଛି କଥା ଧ୍ୟାନ ଦେଇ ଶୁଣ, ମୁଁ କିଛି ପ୍ରସ୍ତାବ ରଖୁଛି। ହୋଇପାରେ ତୁମେ ସେଥିରୁ କୌଣସି ଗୋଟିଏ ପ୍ରସ୍ତାବ ଗ୍ରହଣ କରିନେବ ।" ରସୁଲୁଲ୍ଲାଃ ସ.ଅ କହିଲେ: "କୁହ ହେ ଅବୁଲ୍-ୱଲୀଦ୍ ! ମୁଁ ଆପଣଙ୍କ କଥା ଶୁଣୁଛି ।" ଉତ୍ବା କହିଲା: "ପୁତୁରା ! ଯଦି ଏହି ପ୍ରଚାରର ଲକ୍ଷ୍ୟ ଧନସମ୍ପତ୍ତି ହାସଲ କରିବା ଅଟେ, ତେବେ ଆମେ ସମସ୍ତେ ମିଶି ତୁମକୁ ଏତେ ଧନ ଦେବୁ ଯେ ତୁମେ ଆମ ସମସ୍ତଙ୍କଠାରୁ ଅଧିକ ଧନୀ ହୋଇଯିବ । ଯଦି ସମ୍ମାନ ଓ ନେତୃତ୍ୱ ଚାହୁଁଛ ତେବେ ଆମେ ତୁମକୁ ଆମର ନେତା (ସରଦାର୍) ବୋଲି ଗ୍ରହଣ କରିନେବୁ । ତୁମ ପରାମର୍ଶ ବିନା କୌଣସି ନିଷ୍ପତ୍ତି ନେବୁ ନାହିଁ । ଯଦି ତୁମେ ରାଜତ୍ୱ ଚାହୁଁଛ ତେବେ ଆମେମାନେ ତୁମକୁ ଆମର ରାଜା ବୋଲି ସ୍ୱୀକାର କରିନେବୁ । ସେହିପରି ଯଦି ତୁମ ଉପରେ କୌଣସି ପ୍ରେତାତ୍ମା କିମ୍ବା ଜିନ୍ର ପ୍ରଭାବ ପଡ଼ିଛି ଯାହାକୁ ତୁମେ ହଟାଇ ପାରୁନାହଁ ତେବେ ଆମେ ଶ୍ରେଷ୍ଠ ଚିକିତ୍ସକଙ୍କ ଦ୍ୱାରା ତୁମର ଚିକିତ୍ସା କରାଇବୁ । ତେଣୁ ଯେପର୍ଯ୍ୟନ୍ତ ତୁମେ ସମ୍ପୂର୍ଣ୍ଣ ସୁସ୍ଥ ନ ହୋଇ ନଯାଇଛ ସେପର୍ଯ୍ୟନ୍ତ ଆମେମାନେ ଆମମାନଙ୍କର ଧନ ଖର୍ଚ୍ଚ କରିବୁ,।" ଉତ୍ବା ନିଜ କଥା ଶେଷ କଲା ଏବଂ ରସୁଲୁଲ୍ଲାଃ ସ.ଅ ଧୈର୍ଯ୍ୟର ସହିତ ତା' କଥାକୁ ଶୁଣୁଥିଲେ। ତା'ପରେ ଆପଣ ସ.ଅ ପଚାରିଲେ: "ହେ ଅବୁଲ୍-ୱଲୀଦ୍ ! ତୁମର କଥା ଶେଷ ହେଲା?" ସେ କହିଲା: "ହଁ ହଁ ମୋ କଥା ଶେଷ ହେଲା ।" ଆପଣ ସ.ଅ କହିଲେ: "ଏବେ ମୋ କଥା ଶୁଣ ।" ସେ କହିଲା, "ନିଶ୍ଚୟ, ମୁଁ ଶୁଣୁଛି ।" ତେବେ ରସୁଲୁଲ୍ଲାଃ ସ.ଅ ସୁରାଃ ହା ମୀମ୍ ଅସ୍ସଜ୍ଦାର ଏହି ଆୟତ୍ଗୁଡ଼ିକ ପାଠ କଲେ:بِسْمِ اللّٰهِ الرَّحْمٰنِ الرَّحِيْمِ ۔ حٰمٓ ۔ تَنْزِيْلٌ مِّنَ الرَّحْمٰنِ الرَّحِيْمِ ۔ كِتٰبٌ فُصِّلَتْ اٰيٰتُهٗ قُرْاٰنًا عَرَبِيًّا لِّقَوْمٍ يَّعْلَمُوْنَ ۔ بَشِيْرًا وَّنَذِيْرًا فَاَعْرَضَ اَكْثَرُهُمْ فَهُمْ لَا يَسْمَعُوْنَ ۔ وَقَالُوْا قُلُوْبُنَا فِيْٓ اَكِنَّةٍ مِّمَّا تَدْعُوْنَآ اِلَيْهِ... **(ସୁରାଃ ହା ମୀମ୍ ଅସ୍ ସଜ୍ଦା: ୧-୬)** "ଅର୍ଥାତ୍ ଅଲ୍ଲାଃଙ୍କ ନାମ ନେଇ ଯିଏ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି ପାଠ କରୁଛି । ହା ମୀମ୍ । ଏହା ପରମ ଦୟାଳୁ ଓ କୃପାମୟ (ଅଲ୍ଲାଃ)ଙ୍କ ତରଫରୁ ଅବତୀର୍ଣ୍ଣ କରାଯାଇଛି । ଏହା ଏପରି ଏକ ଗ୍ରନ୍ଥ ଯାହାର ଆୟତ୍ଗୁଡ଼ିକ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯାଇଛି । ଏହା ଆରବୀ ଭାଷାରେ ରହିଛି ଯାହା ନିଜର ଅର୍ଥକୁ ପୃଥକ୍ ପୃଥକ୍ ଖୋଲିକି ବର୍ଣ୍ଣନା କରିଥାଏ । କିନ୍ତୁ ଏହି କୁରଆନ୍ ସେହି ଲୋକମାନଙ୍କ ପାଇଁ ଲାଭଦାୟକ ଅଟେ ଯେଉଁମାନେ ଆଧ୍ୟାତ୍ମିକ ଜ୍ଞାନ ରଖନ୍ତି (ଅଧିକାରୀ ଅଟନ୍ତି) । ଏହା ପୁଣ୍ୟବାନ୍ ବ୍ୟକ୍ତିମାନଙ୍କୁ ଶୁଭ ସମା ଚାର ପ୍ରଦାନକାରୀ ଓ ଅସତ୍କର୍ମାକାରୀମାନଙ୍କୁ ସତର୍କ ଏବଂ ସାବଧାନ କରିଥାଏ । କିନ୍ତୁ ତଥାପି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ମୁହଁ ଫେରାଇ ନେଲେ ଏବଂ ସେମାନେ ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନୁହଁନ୍ତି । ସେମାନେ କୁହନ୍ତି ଯେ, ଯେଉଁ ଜିନିଷ ଆଡ଼କୁ ତୁମେ ଆମକୁ ଡାକୁଛ ସେଥିରୁ ଆମର ହୃଦୟ ପରଦା ଭିତରେ ଅଛି । ଅର୍ଥାତ୍ ତାହା ଆମମାନଙ୍କ ହୃଦୟରେ ପ୍ରଭାବ ପକାଉ ନାହିଁ।"ରସୁଲୁଲ୍ଲାଃ ସ.ଅ ଏହି ଆୟାତ୍ଗୁଡ଼ିକ ତିଲାୱତ୍ କରୁଥିଲେ । ଉତ୍ବା ନୀରବ ହୋଇ ସମ୍ପୂର୍ଣ୍ଣ ଧ୍ୟାନର ସହିତ ଶୁଣୁଥିଲା । ସେ ଦୁଇ ହାତ ପଛରେ ଟେକି ଦେଇ ଏକାଗ୍ରଚିତ୍ତ ହୋଇ କୁର୍ଆନ୍ ଶୁଣୁଥିଲା । ଯେତେବେଳେ ରସୁଲୁଲ୍ଲାଃ ସ.ଅ ସଜ୍ଦା ଆୟାତ୍ ଠାରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ସଜ୍ଦା କଲେ । ତା'ପରେ ଉତ୍ବାକୁ କହିଲେ: "ହେ ଅବୁଲ୍-ୱଲୀଦ୍ ! ତୁମେ ଯାହା ଶୁଣିବାର ଥିଲା ଶୁଣିନେଲ । ଏବେ ନିଷ୍ପତ୍ତି ତୁମ ହାତରେ । ମୁଁ ତୁମ କଥା ଶୁଣିଲି, ତୁମେ ମୋ କଥା ଶୁଣିଲ, ଏବେ ତୁମେ ନିଷ୍ପତ୍ତି ନିଅ।" ଆଁହଜରତ୍ ସ.ଅଙ୍କର ଅଲ୍ଲାଃତାଲାଙ୍କ ଉପରେ ଯେଉଁ ଅଗାଧ ତଥା ସଂପୂର୍ଣ୍ଣ ଈଶ୍ୱର ବିଶ୍ୱାସ ରହିଥିଲା ତାହା ପ୍ରତିଦିନ ଏକ ନୂତନ ମହିମାରେ ପ୍ରକାଶ ପାଉଥିଲା । ସୁତରାଂ ଇତିହାସ ଏହା କହେ ଯେ, ଯେତେବେଳେ ଆପଣ ସ.ଅ ଉତ୍ବାକୁ ଏହି ଉତ୍ତର ଦେଲେ ସେତେବେଳେ ମଧ୍ୟ ଆପଣ ସ.ଅ ନିଜ ସଂକଳ୍ପରେ ଦୃଢ଼ ରହିଥିଲେ । ଆପଣ ସ.ଅ ତ' ଅଲ୍ଲାଃଙ୍କ ଧର୍ମର ପ୍ରଚାର ଓ ସେଥିପ୍ରତି ଆହ୍ୱାନ ଦେବାରେ ନିୟୋଜିତ ରହିଥିଲେ। ତା'ପରେ ସେହି ଅବିଶ୍ୱାସକାରୀମାନଙ୍କ ଗୋଷ୍ଠୀ ମିଶି ଅବୁ ତାଲିବ୍ଙ୍କ ପାଖକୁ ଗଲେ ଏବଂ କହିଲେ: "ହେ ଅବୁ ତାଲିବ୍ ! ଆମେ ଆପଣଙ୍କୁ ନିବେଦନ କରିଥିଲୁ ଯେ, ଆପଣ ନିଜର ପୁତୁରାଙ୍କୁ ଅଟକାନ୍ତୁ କିନ୍ତୁ । ଆପଣ ତାଙ୍କୁ ଅଟକାଇଲେ ନାହିଁ । ହୁଏତ ଆମେ ତାଙ୍କୁ ଆମ ବିରୋଧରେ ଏପରି କହିବାରୁ ଅଟକାଇବୁ । ନଚେତ୍ ଆମେ ତାଙ୍କ ଓ ଆପଣଙ୍କ ସହିତ ଯୁଦ୍ଧ କରିବୁ ଯେପର୍ଯ୍ୟନ୍ତ ଦୁଇ ପକ୍ଷରୁ ଗୋଟିଏ ପକ୍ଷର ଧ୍ୱଂସ ନ ହୋଇଛି।" କୁରୈଶ୍ମାନେ ଯେତେବେଳେ ଅବୁ ତାଲିବ୍ଙ୍କୁ ଏହି କଥା କହିଲେ ସେତେବେଳେ ଅବୁ ତାଲିବ୍ ରସୁଲୁଲ୍ଲାଃ ସ.ଅଙ୍କୁ ଡକାଇଲେ ଏବଂ କହିଲେ: "ହେ ମୋର ପୁତୁରା ! ମୋ ଉପରେ ଏପରି ବୋଝ ପକାଅ ନାହିଁ ଯାହା ମୁଁ ସହିପାରିବି ନାହିଁ ।" ରସୁଲୁଲ୍ଲାଃ ସ.ଅ ଭାବିଲେ ଯେ ହୋଇପାରେ ତାଙ୍କ ଚଚା (ଦାଦା) ଆପଣ ସ.ଅଙ୍କୁ ସାହାଯ୍ୟ କରିବା ଛାଡ଼ିଦେବେ ଏବଂ ତାଙ୍କୁ କୁରୈଶ୍ମାନଙ୍କ ହାତକୁ ଟେକିଦେବେ । ଆପଣ ସ.ଅ କହିଲେ: "ହେ ମୋର ଚଚା ! ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! ଯଦି ଏହି ଲୋକମାନେ ମୋର ଡାହାଣ ହାତରେ ସୂର୍ଯ୍ୟ ଏବଂ ବାମ ହାତରେ ଚନ୍ଦ୍ର ରଖିଦିଅନ୍ତି ତେବେ ମଧ୍ୟ ମୁଁ ମୋର କର୍ତ୍ତବ୍ୟରୁ ଓହରିବି ନାହିଁ । ମୁଁ ମୋର କାର୍ଯ୍ୟ ଜାରି ରଖିବି, ଯେପର୍ଯ୍ୟନ୍ତ ଅଲ୍ଲାଃ ଏହାକୁ ପୂର୍ଣ୍ଣ ନ କରନ୍ତି କିମ୍ବା ମୁଁ ଏହି ଚେଷ୍ଟାରେ ପ୍ରାଣ ନ ଦେଇ ଦେଇଛି ସେପର୍ଯ୍ୟନ୍ତ ମୁଁ ମୋର କର୍ତ୍ତବ୍ୟରୁ ଓହରିବି ନାହିଁ ।" ତା'ପରେ ଆପଣ ସ.ଅ ଉଠି ଚାଲିଯିବାକୁ ଲାଗିଲେ । ଅବୁ ତାଲିବ୍ ଆପଣ ସ.ଅଙ୍କୁ ଡାକି କହିଲେ: "ହେ ମୋର ପୁତୁରା ! ତୁମେ ଯାହା ଚାହୁଁଛ କୁହ । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ! କୌଣସି ମୂଲ୍ୟରେ ମଧ୍ୟ ମୁଁ ତୁମକୁ ସେମାନଙ୍କ ହାତରେ ହସ୍ତାନ୍ତର କରିବି ନାହିଁ ।"**(ଅସ୍ ସୀରତୁନ୍ ନବୱିୟାହ୍ ଲିଇବ୍ନେ ହିଶ୍ଶାମ୍, ପୃ-200-201 ଏବଂ 220, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, 2001 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମୁସ୍ଲେହ ମଉଦ୍ ର.ଅ ଏହି ଐତିହାସିକ ଘଟଣାର ଚିତ୍ରଣ କରି ଏହିପରି ବର୍ଣ୍ଣନା କହିଛନ୍ତି ଯେ, ଯେତେବେଳେ ରସୁଲ କରୀମ୍ ସ.ଅ ଅଲ୍ଲାଃତାଲାଙ୍କ ତୌହିଦ୍ (ଏକେଶ୍ୱରବାଦ) ସମ୍ପର୍କରେ ଲୋକମାନଙ୍କୁ ଉପଦେଶ ଦେବା ଏବଂ ଶିର୍କ (ଅନେକଶ୍ୱରବାଦ)ର ଖଣ୍ଡନ କରିବା ଆରମ୍ଭ କଲେ ସେତେବେଳେ ମକ୍କାବାସୀଙ୍କୁ ଏହା ଅତ୍ୟନ୍ତ ଅପ୍ରୀତିକର ଲାଗିଲା । ଶେଷରେ ଦିନେ ଗୋଟିଏ ପ୍ରତିନିଧିଦଳ ଆସି ଆପଣ ସ.ଅଙ୍କ ଚଚା ଅବୁ ତାଲିବଙ୍କୁ କହିଲା, "ହେ ଅବୁ ତାଲିବ୍! ଆପଣ ଆମ ସମାଜର ନେତା ଅଟନ୍ତି । ଆମେ ଆପଣଙ୍କୁ ବହୁତ ସମ୍ମାନ ଜଣାଉ । କିନ୍ତୁ ଏବେ ସୀମା ପାର ହୋଇଗଲାଣି..."ଆମେମାନେ ଆପଣଙ୍କ ପାଖକୁ ଏଇଥି ପାଇଁ ଆସିଛୁ ଯେ, ଆପଣ ଏ ପ୍ରସଙ୍ଗରେ ଆମମାନଙ୍କ ତରଫରୁ ମୁହମ୍ମଦ ସ.ଅଙ୍କ ସହିତ କଥାବାର୍ତ୍ତା କରନ୍ତୁ । ...ଆଉ ତା'ପରେ କୁରୈଶ୍ମାନେ ସେହି କଥାଗୁଡ଼ିକୁ ଦୋହରାଇଲେ, ଯାହା ଉତ୍ବା ହ. ମୁହମ୍ମଦ ସ.ଅଙ୍କ ସାମ୍ନାରେ ମଧ୍ୟ ରଖିଥିଲା । ଅର୍ଥାତ୍ ଉଚ୍ଚ ବଂଶର ଏବଂ ସବୁଠାରୁ ସୁନ୍ଦରୀ ନାରୀର ଲୋଭ, ଟଙ୍କା ପଇସାର ଲୋଭ, ସମ୍ପତ୍ତିର ଲୋଭ, ଏବଂ ଶାସନ କ୍ଷମତାର ଲୋଭ । ଏହା ଦେଖି ସେହି ଲୋକମାନେ ତାଙ୍କୁ କହିଲେ, "ହେ ଅବୁ ତାଲିବ୍ ! ଆପଣ କିନ୍ତୁ ତାଙ୍କୁ (ମୁହମ୍ମଦ୍ ସ.ଅଙ୍କୁ) କୁହନ୍ତୁ ଯେ, ସେ ଅନ୍ତତଃ ଏତିକି ଖାତିର୍ କରନ୍ତୁ ସେ ଯେପରି ଆମର ଦେବାଦେବୀଙ୍କୁ ଖରାପ ନ କୁହନ୍ତୁ । ଆମେମାନେ ତାଙ୍କୁ ଏହା କହୁ ନାହୁଁ ଯେ ସେ ଆମ ମୂର୍ତ୍ତିଗୁଡ଼ିକୁ ମାନିନିଅନ୍ତୁ । ଆମେ କେବଳ ଏତିକି ହିଁ କହୁଛୁ ଯେ, ସେ ଆମ ମୂର୍ତ୍ତିଗୁଡ଼ିକୁ ଖରାପ କୁହନ୍ତୁ ନାହିଁ । ଆଉ ଯଦି ସେ ଆମର ଏହି କଥାଗୁଡ଼ିକ ମଧ୍ୟରୁ ଗୋଟିଏ କଥା ବି ନ ମାନନ୍ତି ତେବେ ଆପଣ ତାଙ୍କ ସଙ୍ଗତ୍ୱ ଛାଡ଼ି ଦିଅନ୍ତୁ । ଆମେ ନିଜେ ତାଙ୍କ କଥା ବୁଝିନେବୁ । ଅବୁ ତାଲିବ ଜଣେ ବହୁତ ଭଲ ମଣିଷ ଥିଲେ । ସେ ରସୁଲ୍ କରୀମ୍ ସ.ଅଙ୍କୁ ବହୁତ ଭଲ ପାଉଥିଲେ । କିନ୍ତୁ ତାଙ୍କୁ ନିଜର ସରଦାରୀ (ନେତୃତ୍ୱ) ମଧ୍ୟ ବହୁତ ପ୍ରିୟ ଥିଲା । ସେ ରସୁଲ୍ କରୀମ୍ ସ.ଅଙ୍କୁ ଡକାଇଲେ ଏବଂ କହିଲେ: " ହେ ମୁହମ୍ମଦ୍ ସ.ଅ ! ଆଜି ତୁମର ଜାତି (ସମ୍ପ୍ରଦାୟ) ମୋ ପାଖକୁ ଆସିଥିଲା ଏବଂ ସେମାନେ ମୋତେ ଏହା କହୁଥିଲେ ଯେ, 'ହେ ଅବୁ ତାଲିବ ! ଆମ ମନରେ ତୁମ ପ୍ରତି ସମ୍ମାନ ରହିଛି ଏବଂ ତୁମର ସମ୍ମାନ ହେତୁ ଆମେ ତୁମ ପୁତୁରାଙ୍କୁ ଏପର୍ଯ୍ୟନ୍ତ କିଛି କହି ନାହୁଁ । କିନ୍ତୁ ଏବେ କଥା ସୀମା ପାର ହୋଇଗଲାଣି । ସେ ଯଦି ଅନ୍ୟ କୌଣସି କଥା ନ ମାନୁଛନ୍ତି, ତେବେ ତାଙ୍କୁ କେବଳ ଏତିକି କହି ଦିଆଯାଉ ଯେ, ସେ (ମୁହମ୍ମଦ୍ ସ.ଅ) ଆମ ମୂର୍ତ୍ତିଗୁଡ଼ିକୁ ଖରାପ ନ କୁହନ୍ତୁ । ଆମେ ତାଙ୍କୁ ଆମର ରଜା କରିବାକୁ ପ୍ରସ୍ତୁତ ଅଛୁ । ସେ (ଆଁହଜରତ୍ ସ.ଅଙ୍କୁ) ଯଦି ସମ୍ପତ୍ତି ଚାହାନ୍ତି (ଦରକାର) ତେବେ ଆମେମାନେ ତାଙ୍କୁ ସମ୍ପତ୍ତି ଦେବାକୁ ମଧ୍ୟ ପ୍ରସ୍ତୁତ ଅଛୁ । ଆରବରେ ତାଙ୍କ ଠାରୁ ଅଧିକ ଧନୀ ବ୍ୟକ୍ତି ଆଉ କେହି ରହିବ ନାହିଁ । ଆମେମାନେ ଆପଣଙ୍କୁ ଏସବୁ ଦେବାକୁ ପ୍ରସ୍ତୁତ । ଯଦି ତାଙ୍କୁ କୌଣସି ସୁନ୍ଦରୀ ପତ୍ନୀ ଦରକାର ତେବେ ଆମେମାନେ ସବୁଠାରୁ ଭଲ ନାରୀ ସହ ତାଙ୍କ ବିବାହ କରାଇବାକୁ ପ୍ରସ୍ତୁତ ଅଛୁ । ମୋଟାମୋଟି ଭାବେ କହିଲେ, ସେ ଯେଉଁ ଦାବି ବି କରିବେ ଆମେ ତାହା ପୂରଣ କରିବାକୁ ପ୍ରସ୍ତୁତ ଅଛୁ । ସେ କେବଳ ଏତିକି କରନ୍ତୁ ଯେ, ସେ ଆମ ମୂର୍ତ୍ତିମାନଙ୍କୁ ଖରାପ ନ କୁହନ୍ତୁ ।" ରସୁଲ୍ କରୀମ୍ ସ.ଅଙ୍କ ଉପରେ ଅବୁ ତାଲିବ୍ଙ୍କର ବହୁତ ଉପକାର ଥିଲା । ସେ ଆପଣ ସ.ଅଙ୍କୁ ପିଲାଟି ଦିନରୁ ବହୁତ ଭଲ ପାଉଥିଲେ ଏବଂ ଆଦରର ସହିତ ପାଳିଥିଲେ ଏବଂ ପ୍ରତ୍ୟେକ ଦୁଃଖ ଓ ବିପଦରେ ଆପଣ ସ.ଅଙ୍କୁ ସମର୍ଥନ ଜଣାଇଥିଲେ । ଯେତେବେଳେ ରସୁଲ୍ କରୀମ୍ ସ.ଅ ନିଜ ଦାଦାଙ୍କର ଏହି ଅବସ୍ଥା ଦେଖିଲେ ସେତେବେଳେ ତାଙ୍କର ଉପକାରଗୁଡ଼ିକୁ ମନେ ପକାଇ ଆପଣଙ୍କ ଆଖିରେ ଲୁହ ଆସିଗଲା । କିନ୍ତୁ ଆପଣ ସ.ଅ କହିଲେ: "ହେ ଚଚା (ଦାଦା) ! ମୁଁ ତ' କହୁନାହିଁ ଯେ ଆପଣ ମୋତେ ସାହାଯ୍ୟ କରନ୍ତୁ । ଆପଣ ନିଃସନ୍ଦେହରେ ନିଜ ଜାତିକୁ ସମର୍ଥନ ଜଣାନ୍ତୁ ଏବଂ ମୋତେ ଛାଡ଼ି ଦିଅନ୍ତୁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯଦି ଏହି ଲୋକମାନେ ସୂର୍ଯ୍ୟକୁ ମୋର ଡାହାଣ (ହାତରେ) ପାଖରେ ଏବଂ ଚନ୍ଦ୍ରକୁ ମୋର ବାମ ପାଖରେ ଆଣି ଠିଆ କରାଇ ଦିଅନ୍ତି ତଥାପି ମୁଁ ଏକେଶ୍ୱରଙ୍କ ଚର୍ଚ୍ଚାରୁ କ୍ଷାନ୍ତ ହେ ନାହିଁ ।" ଦେଖନ୍ତୁ ! ଅଲ୍ଲାଃତାଲାଙ୍କ ସତ୍ତା ଉପରେ କେତେ ଭରସା ଏବଂ କେତେ ବିଶ୍ୱାସ ? ଯଦିଓ ସୂର୍ଯ୍ୟ ନିଜ ସ୍ଥାନରୁ ହଲିବା ଏତେ ବଡ଼ ଅଲୌକିକ ଘଟଣା (ଚମତ୍କାର) ଯେ, ଯଦି ଏହା ଘଟେ ତେବେ ମଣିଷ ଆଶ୍ଚର୍ଯ୍ୟଚକିତ

ହୋଇ ରହିଯିବ । କିନ୍ତୁ ଆପଣ ସ.ଅ କହୁଛନ୍ତି, "ଯଦି ସେମାନେ ସୂର୍ଯ୍ୟକୁ ତା' ସ୍ଥାନରୁ ହଟାଇ ମୋ ପାଖକୁ ଆଣି ଠିଆ କରାଇ ଦିଅନ୍ତି, ଯଦି ସେମାନେ ଚନ୍ଦ୍ରକୁ ତା' ସ୍ଥାନରୁ ହଟାଇ ମୋ ପାଖକୁ ଆଣି ଠିଆ କରାଇଦିଅନ୍ତି ତଥାପି ଅଲ୍ଲାଃତାଲାଙ୍କ ସତ୍ତା ଉପରେ ମୋର ଏପରି ବିଶ୍ୱାସ ଓ ଭରସା ରହିଛି ଯେ, ମୁଁ ଏହି ଜିନିଷଗୁଡ଼ିକୁ କେବଳ କୁହୁକ ଅର୍ଥାତ୍ ଯାଦୁଖେଳ ବୋଲି ମେନକରିବି ଏବଂ ମୁଁ ସେମାନଙ୍କର ମୂର୍ତ୍ତିପୂଜା ଉପରେ ସଦାସର୍ବଦା ଆପତ୍ତି ଜଣାଇବି ଓ ନିଜ କାର୍ଯ୍ୟରୁ କେବେ ବି ଓହରିବି ନାହିଁ ।

(ଉସ୍ୱା ଏ ହସନା, ଅନୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-17, ପୃ--105,106)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହା ଅଲ୍ଲାଃତାଲାଙ୍କ ସତ୍ତା ଉପରେ ବିଶ୍ୱାସ ଏବଂ ପୂର୍ଣ୍ଣ ଭରସାର ସେହି ସ୍ଥାନ ଅଟେ ଯାହା ଅନ୍ୟତ୍ର (ଅନ୍ୟ କୌଣସି ସ୍ଥାନରେ) ଦେଖିବାକୁ ମିଳେ ନାହିଁ । ଉକ୍ତ ଘଟଣାର ଉଲ୍ଲେଖ କରି ହଜରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, "ଯେତେବେଳେ ଏହି ଆୟାତ୍‌ଗୁଡ଼ିକ ଅବତୀର୍ଣ୍ଣ ହେଲା ଯେ, ମୁଶ୍‌ରିକ୍ (ମୂର୍ତ୍ତିପୂଜକ) ମାନେ ଅପବିତ୍ର, ମଇଳା, 'ଶର୍ରୁଲ୍ ବରୀୟା' (ସବୁଠାରୁ ନିକୃଷ୍ଟ ସୃଷ୍ଟି), 'ସୁଫ୍‌ହା' (ମୂର୍ଖ) ଏବଂ ସଇତାନ୍‌ର ସନ୍ତାନ ଏବଂ ସେମାନଙ୍କର ପୂଜ୍ୟ ଦେବାଦେବୀମାନେ 'ୱକୁଦୁନ୍ ନାର୍' (ନିଆଁର ଜାଳେଣୀ) ଓ 'ହସବୁ ଜାହନ୍ନମ୍' (ନର୍କର ଜାଳେଣୀ) ଅଟନ୍ତି ତେବେ ଅବୁ ତାଲିବ୍ ହ. ମୁହମ୍ମଦ ସ.ଅଙ୍କୁ ଡକାଇ କହିଲେ ଯେ, 'ହେ ମୋର ପୁତୁରା ! ଏବେ ତୋର ଗାଳିଗୁଲଜ, ନିନ୍ଦା ହେତୁ ଜାତି ଅତ୍ୟନ୍ତ ଉତ୍ତେଜିତ ଓ ଉତ୍‌କ୍ଷିପ୍ତ ହୋଇପଡ଼ିଛି। ସମ୍ଭବତଃ ସେମାନେ ତୋତେ ମାରିଦେବେ ଏବଂ ତା' ସହିତ ମୋତେ ମଧ୍ୟ । ତୁ ସେମାନଙ୍କର ବୁଦ୍ଧିମାନ୍ ଲୋକଙ୍କୁ ମୂର୍ଖ ବୋଲି କହିଲୁ, ସେମାନଙ୍କର ବୃଦ୍ଧ ତଥା ଶ୍ରେଷ୍ଠ ଲୋକଙ୍କୁ ଶର୍ରୁଲ୍ ବରୀୟା କହିଲୁ ଏବଂ ସେମାନଙ୍କର ପୂଜ୍ୟ ଦେବାଦେବୀମାନଙ୍କ ନାମ ହସବୁ ଜହନ୍ନମ୍ (ନର୍କର ଜାଳେଣୀ) ଓ ୱକୁଦୁନ୍ ନାର୍ ରଖିଲୁ । ସାଧାରଣ ଭାବେ ସମସ୍ତଙ୍କୁ ଅପବିତ୍ର, ସଇତାନ୍‌ର ସନ୍ତାନ ଓ ମଇଳା ବୋଲି ବିବେଚିତ କଲୁ । ମୁଁ ତୋର ଶୁଭଚିନ୍ତକ ଭାବେ ତୋତେ କହୁଛି ଯେ, ହେ ମୋ ପୁତୁରା ମୁହମ୍ମଦ୍ ସ.ଅ ! ତୁ ନିଜ ଜିଭକୁ (ତୁଣ୍ଡକୁ) ନିୟନ୍ତ୍ରଣ କର ଏବଂ ନିନ୍ଦା କରିବାରୁ ଓହରିଯାଅ । ନଚେତ୍ ମୋ ପାଖରେ ଜାତିର ମୁକାବିଲା କରିବାର ଶକ୍ତି ନାହିଁ ।" ରସୁଲ୍ କରୀମ୍ ସ.ଅ ଉତ୍ତରରେ କହିଲେ: "ହେ ଚଚା ! ଏହା ନିନ୍ଦା କିମ୍ବା ଗାଳି ନୁହେଁ ବରଂ ପ୍ରକୃତ ସତ୍ୟର ପରିପ୍ରକାଶ ଅଟେ । ଯଥାର୍ଥ ସ୍ଥାନରେ ତଥ୍ୟ ଅର୍ଥାତ୍ ପ୍ରସଙ୍ଗର ବର୍ଣ୍ଣନା ଏବଂ ଏହି କାମ ପାଇଁ ହିଁ ମୋତେ ପଠାଯାଇଛି। ଯଦି ଏଥିପାଇଁ ମୋତେ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼େ ତେବେ ମଧ୍ୟ ମୁଁ ଆନନ୍ଦ ସହକାରେ ଏହି ମୃତ୍ୟୁକୁ ସ୍ୱୀକାର କରୁଛି । ମୋର ଜୀବନ ଏହି ମାର୍ଗରେ ସମର୍ପିତ ଅଟେ। ମୁଁ ମୃତ୍ୟୁ ଭୟରେ ସତ୍ୟ ପ୍ରକାଶ କରିବାରୁ ଅଟକି ପାରିବି ନାହିଁ । ଆଉ ହେ ଦାଦା ! ଯଦି ଆପଣଙ୍କୁ ନିଜର ଦୁର୍ବଳତା ଏବଂ କଷ୍ଟର ଚିନ୍ତା ରହିଛି ତେବେ ଆପଣ ମୋତେ ଆଶ୍ରୟ ଦେବାରୁ ଓହରି ଯାଆନ୍ତୁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୋତେ ଆପଣଙ୍କର କୌଣସି ଆବଶ୍ୟକତା ନାହିଁ । ମୁଁ ଅଲ୍ଲାଃଙ୍କ ଆଦେଶ ପହଞ୍ଚାଇବାରୁ କେବେବି ଅଟକିବି ନାହିଁ । ମୋ ପାଇଁ ମୋ ପ୍ରଭୁଙ୍କ ଆଦେଶ ଜୀବନଠାରୁ ଅଧିକ ପ୍ରିୟ ଅଟେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯଦି ଏହି ମାର୍ଗରେ ମୋର ହତ୍ୟା ହୁଏ ତେବେ ମୁଁ ଚାହୁଁଛି ଯେ, ମୁଁ ବାରମ୍ବାର ଜୀବିତ ହୋଇ ସଦାସର୍ବଦା ଏହି ମାର୍ଗରେ ମୃତ୍ୟୁବରଣ କରୁଥିବି । ଏହା ଭୟର ସ୍ଥାନ ନୁହେଁ ବରଂ ମୋତେ ଏଥିରେ ଅସୀମ ଆନନ୍ଦ ମିଳୁଛି । କାରଣ ମୁଁ ତାଙ୍କ ମାର୍ଗରେ କଷ୍ଟ ସହୁଛି ।" ରସୁଲ୍ କରୀମ୍ ସ.ଅ ଏହି ବକ୍ତୃତା ଦେଉଥିଲେ ଏବଂ ଆପଣ ସ.ଅଙ୍କ ଚେହେରାରେ ସତ୍ୟତା ଓ ଦିବ୍ୟ ଆଲୋକରେ ପରିପୂର୍ଣ୍ଣ କୋମଳତା ଏବଂ ଭାବବିହ୍ୱଳତା ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା । ଯେତେବେଳେ ଆପଣ ସ.ଅ ଏହି ବକ୍ତୃତା ଶେଷ କଲେ ସେତେବେଳେ ସତ୍ୟର ଆଲୋକ ଦେଖି ଅବୁ ତାଲିବ୍‌ଙ୍କ ଆଖିରୁ ସ୍ୱତଃପ୍ରବୃତ୍ତ ଭାବେ ଲୁହ ପ୍ରବାହିତ ହୋଇଗଲା ଏବଂ ସେ କହିଲେ, " ହେ ମୁହମ୍ମଦ୍ ସ.ଅ! ମୁଁ ତୋର ଏହି ଉଚ୍ଚ ଅବସ୍ଥା ସଂପର୍କରେ ଅଜ୍ଞ ଥିଲି । ତୁ ଅନ୍ୟ ରୂପରେ ଏବଂ ଅନ୍ୟ ମର୍ଯ୍ୟାଦାରେ ଭୂଷିତ ଅଟୁ । ଯା ନିଜ କାମରେ ଲାଗିଥା । ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ଏବଂ ଯେପର୍ଯ୍ୟନ୍ତ ମୋ ମନ ଓ ଶରୀରରେ ଶକ୍ତି ରହିଛି ସେପର୍ଯ୍ୟନ୍ତ ମୁଁ ତୋତେ ସମର୍ଥନ ଦେବି ।"

(ଇଜାଲା ଔହାମ୍, ପ୍ରଥମ ଭାଗ, ରୂହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-3 ପୃ--110-111)

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି, ତାଏଫ୍‌ରୁ ଫେରିବା ସମୟରେ ରସୁଲ୍ କରୀମ୍ ସ.ଅଙ୍କ ଈଶ୍ୱର ବିଶ୍ୱାସ (ତୱକ୍କୁଲ୍)ର ଏକ ଘଟଣା ରହିଛି । ଆପଣ ସ.ଅ ଏକାକୀ ଅଛନ୍ତି । ତାଏଫ୍‌ର ସର୍‌ଦାର (ଅଧିପତି)ମାନଙ୍କୁ ଧର୍ମପ୍ରଚାର କରିବା ପାଇଁ ଯାଇଛନ୍ତି। ଯେଉଁମାନେ ଅର୍ଥାତ୍ ତାଏଫ୍‌ବାସୀମାନେ ଅତ୍ୟାଚାରର ସୀମା ପାର କରିଦେଲେ । ତାଏଫରୁ ଫେରିବା ସମୟରେ ବାହାରୁ ଦେଖିଲେ ଯେ, ମକ୍କାରେ ପ୍ରବେଶ କରିବାର କୌଣସି ବାଟ ନାହିଁ । ଜଣେ ସେବକ ସାଥୀ ସାଙ୍ଗରେ ଅଛନ୍ତି ଏବଂ ସେହି ସେବକ ଜଣକ ଚିନ୍ତିତ ଅଛନ୍ତି ଯେ, ବର୍ତ୍ତମାନ କ'ଣ ହେବ ? କିନ୍ତୁ ଆପଣ ସ.ଅଙ୍କର ନିଜ ପ୍ରଭୁଙ୍କ ଉପରେ ପୂର୍ଣ୍ଣ ଭରସା ରହିଛି ।" ଏହାର ଉଲ୍ଲେଖ କରି ସେହି ସେବକ ହ. ଜୈଦ୍ ବିନ୍ ହାରିସା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୁଁ ଆପଣ ସ.ଅଙ୍କ ସେବାରେ ନିବେଦନ କଲି ଯେ, "ହେ ଅଲ୍ଲାଃଙ୍କ ରସୁଲ୍ ! ଏବେ ଆପଣ ମକ୍କାରେ କିପରି ପ୍ରବେଶ କରିବେ, ଯେତେବେଳେ କି ସେମାନେ ଆପଣଙ୍କୁ ବାହାର କରିଦେଇଛନ୍ତି ?" ରସୁଲୁଲ୍ଲାଃ ସ.ଅ କେତେ ଦାମ୍ଭିକତା ଓ ଭବ୍ୟ ଭରସାର ସହିତ ଉତ୍ତର ଦେଲେ ଯେ, "ହେ ଜୈଦ୍ ! ତୁମେ ଦେଖିବ ଯେ, ଅଲ୍ଲାଃତାଲା ନିଶ୍ଚିତ ଭାବେ କୌଣସି ନା କୌଣସି ବାଟ ଅବଶ୍ୟ ବାହାର କରିଦେବେ । ଆଉ ଅଲ୍ଲାଃତାଲା ନିଜ ଧର୍ମର ସାହାଯ୍ୟକାରୀ ଅଟନ୍ତି । ସେ ନିଜ ନବୀ (ବାର୍ତ୍ତାବହ)ଙ୍କୁ ଅବଶ୍ୟ ବିଜୟୀ କରାଇବେ ।" ତଦନୁସାରେ, ନବୀ କରିମ୍ ସ.ଅ କୁରୈଶ୍ ସର୍‌ଦାର୍‌ମାନଙ୍କ ପାଖକୁ ବାର୍ତ୍ତା ପଠାଇଲେ ଯେ ଆପଣଙ୍କୁ ଆଶ୍ରୟ ଦେଇ ମକ୍କାରେ ପ୍ରବେଶର ବ୍ୟବସ୍ଥା କରନ୍ତୁ । ସମସ୍ତ ସରଦାର (ଅଧିପତି) ମନା କରିଦେଲେ । ଶେଷରେ ଜଣେ ଭଦ୍ର ସର୍‌ଦାର ମୁତ୍‌ଇମ୍ ବିନ୍ ଅଦୀ ଆପଣଙ୍କୁ ନିଜ ଆଶ୍ରୟରେ ମକ୍କାରେ ପ୍ରବେଶ କରାଇବାର ଘୋଷଣା କଲେ । **(ଅତ୍ ତବ୍‌କାତୁଲ୍ କୁବ୍ରା, ରସୁଲୁଲ୍ଲାଃଙ୍କ ତାଏଫ୍ ଯାତ୍ରାର କାରଣ, ଗ୍ରନ୍ଥଖଣ୍ଡ-1, ପୃ- 165, ଦାରୁଲ୍ କୁତୁବୁଲ ଇଲ୍‌ମିୟାହ୍ 1990ରୁ ଉଦ୍ଧୃତ) (ସୁବ୍‌ଲୁଲ୍ ହୁଦା, ଗ୍ରନ୍ଥଖଣ୍ଡ-2, ପୃ- 440, ଦାରୁଲ୍ କୁତୁବୁଲ ଇଲ୍‌ମିୟାହ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ନବୀ କରୀମ୍ ସ.ଅଙ୍କ ହିଜରତ୍ (ପ୍ରବାସ) ସମୟରେ ଅଲ୍ଲାଃଙ୍କ ଉପରେ ଭରସାର କ'ଣ ସବୁ ଆଦର୍ଶ ରହିଥିଲା ! ହ. ମୁହମ୍ମଦ ସ.ଅ ଯେତେବେଳେ ପ୍ରବାସ କରିବାର ଅନୁମତି ପାଇଲେ ସେତେବେଳେ ଆପଣ ସ.ଅ ହ. ଅଲୀ ର.ଅଙ୍କୁ ନିଜର ପ୍ରବାସ କାର୍ଯ୍ୟକ୍ରମ ସଂପର୍କରେ ଜଣାଇଲେ ଏବଂ ତାଙ୍କୁ ଏକ ଆତ୍ମବଳିଦାନପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କଲେ ଯେ, ଆଜି ରାତିରେ ସେ ଆପଣ ସ.ଅଙ୍କ ଶଯ୍ୟାରେ ସେହି ସବୁଜ କିମ୍ବା ଏକ ବର୍ଣ୍ଣନା ଅନୁସାରେ ଲାଲ୍ ରଙ୍ଗର, 'ହଜ୍‌ରମୀ' ନାମକ ଚଦର ଘୋଡ଼ିହୋଇ ଶୋଇବେ । ତାହା ୟମନ୍‌ର ଚଦର ଥିଲା । ସେହି ଅଞ୍ଚଳ ହେତୁ ଏହାକୁ ହଜ୍‌ରମୀ କୁହାଯାଉଥିଲା । ସେ ଯାହା ହେଉ ସେହି ଚଦର ଘୋଡ଼ି ହୋଇ ଶୋଇବେ, ଯାହା ନବୀ କରିମ୍ ସ.ଅ ନିଜେ ଘୋଡ଼ିହୋଇ ଶୋଉଥିଲେ । ଆଉ ନିଜର ଏହି ସମର୍ପିତ ସେବକଙ୍କୁ ଦିବ୍ୟ ସାହାଯ୍ୟ ଓ ସହଯୋଗର ଆଶ୍ୱାସନା ଦେଇ କହିଲେ ଯେ, ଚିନ୍ତା କରିବ ନାହିଁ ଏବଂ ଆରାମରେ ମୋ ଶେଯରେ ଶୋଇ ରହିବ । ଶତ୍ରୁ ତୁମର ଗୋଟିଏ କେଶ ବି ବଙ୍କା କରିପାରିବ ନାହିଁ (ଅର୍ଥାତ୍ ତୁମକ କୌଣସି ଅନିଷ୍ଟ ସାଧନ କରିପାରିବ ନାହିଁ)। ଏହା ବ୍ୟତୀତ ସତ୍ୟବାଦୀ ଓ ବିଶ୍ୱସ୍ତ ରସୁଲ୍ ସ.ଅଙ୍କ ମନରେ ମକ୍କାବାସୀଙ୍କ ଦ୍ୱାରା ଦିଆଯାଇଥିବା ଗଚ୍ଛିତ ଧନ ତଥା ଅମାନତ୍‌ଗୁଡ଼ିକର ଚିନ୍ତା ଓ ଦାୟିତ୍ୱ ମଧ୍ୟ ରହିଥିଲା...। ଏହି ଦାୟିତ୍ୱବୋଧ ଥିଲା ସେଇଥିପାଇଁ ଆପଣ ସ.ଅ ଆଦେଶ ଦେଲେ ଯେ, ସେ ଲୋକମାନଙ୍କର ଅମାନତ୍‌ଗୁଡ଼ିକ ଫେରାଇଦେଇ ମୋ ପଛେ ପଛେ ଆସିବେ। ହ. ଅଲୀ ର.ଅ ପରେ ସେଠାକୁ ଆସିଯିବେ । ଏହା ପରେ ହ. ମୁହମ୍ମଦ ସ.ଅ ନିଜ ଘରୁ ବାହାରକୁ ବହାରିଲେ । ଅପରପକ୍ଷେ ମକ୍କାର ଅବିଶ୍ୱାସକାରୀମାନଙ୍କ ମଧ୍ୟରୁ ବଛା ବଛା ବୀର ବ୍ୟକ୍ତି ଯେଉଁମାନଙ୍କ ଆଖିରେ ରକ୍ତ ଓହ୍ଲାଇ ଆସିଥିଲା । ସେମାନେ ହାତରେ ଖଣ୍ଡା (ଖଡ୍‌ଗ) ଧରି ଠିକ୍ ନବୀ କରୀମ୍ ସ.ଅଙ୍କ ଘର ବାହାରେ ସଜାଗ ହୋଇ ପ୍ରହରା ଦେଉଥିଲେ ଯେ, କେତେବେଳେ ରାତି ଗହନ ହେବ ଏବଂ ଆମେମାନେ ଆକ୍ରମଣ କରି ଗୋଟିଏ ପ୍ରହାରରେ ରସୁଲ୍ କରୀମ୍ ସ.ଅଙ୍କ ସତ୍ତା ଶେଷ କରିଦେବୁ (ନାଉଜୁବିଲ୍ଲାଃ)। ଆଉ ଅବୁ ଜହଲ୍ ଯିଏ ସେମାନଙ୍କର ସର୍ଦ୍ଦାର ଥିଲା ସେ ବହୁତ ଅହଙ୍କାର ଓ ଥଟ୍ଟାପରିହାସ ସହିତ ଏହା କହୁଥିଲା ଯେ, "ମୁହମ୍ମଦ କହୁଛି ଯେ ଯଦି ତୁମେମାନେ ଏ ସଂପର୍କରେ ସେମାନଙ୍କର ଅନୁସରଣ କରିବ ତେବେ ତୁମେମାନେ ଆରବ୍ୟ ଓ ଅଣଆରବ୍ୟର ସମ୍ରାଟ୍ ହୋଇଯିବ। ପୁନଶ୍ଚ ତୁମେ ନିଜ ମୃତ୍ୟୁ ପରେ ପୁନର୍ବାର ଜୀବିତ ହେବ ତେବେ ତୁମ ପାଇଁ ଉର୍ଦ୍ଦନ୍ (ଜୋର୍ଡାନ)ର ବଗିଚା ସଦୃଶ ବଗିଚା ସବୁ ପ୍ରସ୍ତୁତ କରାଯିବ ଏବଂ ଯଦି ତୁମେ ଏପରି ନ କରିବ, ତେବେ ତୁମ ମଧ୍ୟରେ ହତ୍ୟା ବିଭିଷୀକା ଓ ହତ୍ୟାକାଣ୍ଡ ଘଟିବ ।" ଆପଣ ସ.ଅ ବାହାରିବା ପାଇଁ ଘରୁ ବାହାରକୁ ଆସିଲେ ଏବଂ କହିଲେ: "ହଁ ! ମୁଁ ଏହିପରି ହିଁ କହୁଛି ଏବଂ ସୁରାଃ ୟାସୀନ୍‌ର ଏହି ଆୟାତ୍‌ଗୁଡ଼ିକୁ ପଢ଼ି ପଢ଼ି (ବାହାରିଲେ) ଯେ: يٰسٓ ۔ وَالْقُرْاٰنِ الْحَكِيْمِ ۔ اِنَّكَ لَمِنَ الْمُرْسَلِيْنَ ۔ عَلٰى صِرَاطٍ مُّسْتَقِيْمٍ ۔ تَنْزِيْلَ الْعَزِيْزِ الرَّحِيْمِ ۔ لِتُنْذِرَ قَوْمًا مَّآ اُنْذِرَ اٰبَآؤُهُمْ فَهُمْ غٰفِلُوْنَ ۔ لَقَدْ حَقَّ الْقَوْلُ عَلٰٓى اَكْثَرِهِمْ فَهُمْ لَا يُؤْمِنُوْنَ ۔ اِنَّا جَعَلْنَا فِيْٓ اَعْنَاقِهِمْ اَغْلٰلًا فَهِيَ اِلَى الْاَذْقَانِ فَهُمْ مُّقْمَحُوْنَ ۔ وَجَعَلْنَا مِنْۢ بَيْنِ اَيْدِيْهِمْ سَدًّا وَّمِنْ خَلْفِهِمْ سَدًّا فَاَغْشَيْنٰهُمْ فَهُمْ لَا يُبْصِرُوْنَ **(ୟାସୀନ୍: 2-10)** ଅର୍ଥାତ୍ ହେ ସର୍ଦ୍ଦାର (ଅଧିପତି ମୁହମ୍ମଦ୍ ସ.ଅ) ! ଜ୍ଞାନ ଓ ହିକ୍‌ମତରେ (ତତ୍ତ୍ୱରେ) ପରିପୂର୍ଣ୍ଣ ପବିତ୍ର କୁରଆନ୍‌ର ଶପଥ ଯେ, ତୁମେ ନିଶ୍ଚିତ ଭାବେ ପ୍ରେରିତ ବାର୍ତ୍ତାବହମାନଙ୍କ ମଧ୍ୟରୁ ଅନ୍ୟତମ ଅଟ । ତୁମେ ସରଳ ସଠିକ୍ ମାର୍ଗରେ ଗତିଶୀଳ ଅଟ । ଏହା ପରମ ପ୍ରଭାବଶାଳୀ ତଥା ଅତ୍ୟନ୍ତ ଦୟାଳୁ ଅଲ୍ଲାଃଙ୍କ ଦ୍ୱାରା ଅବତୀର୍ଣ୍ଣ କରାଯାଇଛି । ଫଳତଃ ତୁମେ ଏପରି ଏକ ଜାତିକୁ ସଚେତନ କରିପାରିବ ଯେଉଁମାନଙ୍କ ପୂର୍ବପୁରୁଷମାନଙ୍କୁ ସଚେତନ କରାଯାଇ ନଥିଲା। ସେଇଥିପାଇଁ ସେମାନେ ଅଜ୍ଞ ହୋଇ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଉପରେ ଦଣ୍ଡର ଆଦେଶ ସତ୍ୟ ପ୍ରମାଣିତ ହୋଇ ସାରିଛି । ସେଇଥିପାଇଁ ସେମାନେ ବିଶ୍ୱାସ ଆଣିବେ ନାହିଁ । ଆମେ ସେମାନଙ୍କ ବେକରେ ବେଡ଼ି (ହାତକଡ଼ି) ପକାଇ ଦେଇଛୁ ଯାହା ସେମାନଙ୍କ ଥୋଡ଼ି ପର୍ଯ୍ୟନ୍ତ ପହଞ୍ଚିଛି । ସେଇଥିପାଇଁ ତାହା ସେମାନଙ୍କ ମୁଣ୍ଡ ଉପରକୁ ଟେକି ହୋଇ ରହିଛି । ଆଉ ଆମେ ସେମାନଙ୍କ ଆଗରେ ଗୋଟିଏ ପ୍ରତିବନ୍ଧକ ତଥା ପ୍ରାଚୀର ଏବଂ ସେମାନଙ୍କ ପଛରେ ଗୋଟିଏ ପ୍ରତିବନ୍ଧକ ଠିଆ କରିଦେଇଛୁ । ସେମାନଙ୍କୁ ଆଚ୍ଛାଦିତ (ଅନ୍ଧ) କରି ଦେଇଛୁ । ସେଇଥିପାଇଁ ସେମାନେ ଦେଖିପାରୁ ନାହାନ୍ତି । ଆପଣ ସ.ଅ ସେମାନଙ୍କ ମୁଣ୍ଡ ଉପରେ ଧୂଳିମାଟି ପକାଇ ଏହା ପାଠ କରି ସେମାନଙ୍କ ସାମ୍ନାରୁ ବାହାରିଗଲେ । କିନ୍ତୁ ଅଲ୍ଲାଃଙ୍କ ଶକ୍ତି ଯେ, ଆପଣ ସ.ଅ ଯାଉଥିବା ସମୟରେ କାହାକୁ ବି ଦୃଶ୍ୟମାନେ ହେଲେ ନାହିଁ । ବରଂ ସେହି ଲୋକମାନେ ମଝିରେ ମଝିରେ ଭିତରକୁ ଚାହିଁ ନିଶ୍ଚିତ ହେଉଥିଲେ ଯେ, ମୁହମ୍ମଦ ସ.ଅ ନିଜ ଶଯ୍ୟାରେ ହିଁ ଅଛନ୍ତି। **(ଅସ୍ ସୀରତୁନ୍ ନବୱିୟାହ୍ ଲିଇବ୍‌ନେ ହିଶ୍ଶାମ୍, ପୃ-342, ଅଧ୍ୟାୟ-ହିଜ୍ରତୁର୍ ରସୁଲି ସ.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2001 ମସିହାରୁ ଉଦ୍ଧୃତ) (ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ୱଲ୍ଲ୍ ଲଜିନା ମାଆହୁ, ଗ୍ରନ୍ଥଖଣ୍ଡ-3, ପୃ-74, ବାବୁଲ୍ ହିଜ୍ରତା, ପ୍ରକାଶକ- ମକ୍‌ତବା ମିସର, ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଗ୍ରନ୍ଥଖଣ୍ଡ-1, ପୃ- 176 । ନୁଖ୍‌ବୁଲ୍**

ଅଫ୍‌କାର୍ ଫି ତନ୍‌କିହି ମନାବୀଲ୍ ଅଖ୍‌ବାରି, ଶରହୁଲ୍ ମାଆନୀଲ୍ ଆସାରି, ତାଲିଫୁ ବଦ୍ରୁଦ୍ଦୀନ୍ ଅଲ୍ ୟାନୀ, ଗ୍ରନ୍ଥଖଣ୍ଡ-6, ପୃ-111, ପ୍ରକାଶନ ସ୍ଥାନ- ୱଜାରତୁଲ୍ ଔକାଫି, ୱସ୍ ଶୁଉନିଲ୍ ଇସ୍‌ଲାମିୟାହ୍ କତର୍, 2008 ମସିହା) ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁହମ୍ମଦ ସ.ଅଙ୍କ ପ୍ରବାସ ଏବଂ ଆପଣ ସ.ଅଙ୍କର ସେହି ଈଶ୍ୱର ବିଶ୍ୱାସ (ତୱକ୍କୁଲ୍ ଅଲଲ୍ଲାଃ)କୁ ବ୍ୟାଖ୍ୟା କରି ଐତିହାସିକ ପ୍ରାମାଣ୍ୟରୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେଭଳି ଭାବରେ ବର୍ଣ୍ଣନା କରିଛନ୍ତି ତାହା ଏହିକି ଯେ, "ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ଅଲ୍ଲାଃତାଲାଙ୍କ ପକ୍ଷରୁ ପ୍ରବାସର ଆଦେଶ ମିଳିଲା ସେତେବେଳେ ଆପଣ ସ.ଅ ହ. ଅବୁ ବକ୍କର୍ ର.ଅଙ୍କୁ ନିଜ ସାଙ୍ଗରେ ନେଇ 'ଜବ୍‌ଲେ ସୋର୍' (ସୋର ପାହାଡ଼) ଆଡ଼କୁ ପ୍ରସ୍ଥାନ କଲେ । ଏହି ପର୍ବତ ମକ୍କାରୁ ପ୍ରାୟ ଛଅ ସାତ ମାଇଲ୍ ଦୂରରେ ଅବସ୍ଥିତ ଅଟେ । ସେହି ପାହାଡ଼ର ଶିଖରରେ ଥିବା ଏକ ଗୁମ୍ଫାରେ ଯାଇ ଆପଣ ସ.ଅ ଲୁଚିଗଲେ । ସକାଳେ ଯେତେବେଳେ ଅବିଶ୍ୱାସକାରୀମାନେ ଦେଖିଲେ ଯେ, ଆପଣ ସ.ଅ ନିଜ ଘରେ ନାହାନ୍ତି ଏବଂ ସବୁପ୍ରକାର ପ୍ରହରା ସତ୍ତ୍ୱେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ସଫଳତାର ସହିତ ବାହାରି ଯାଇଛନ୍ତି ସେତେବେଳେ ସେମାନେ ତୁରନ୍ତ ଆପଣ ସ.ଅଙ୍କ ସନ୍ଧାନରେ ବାହାରି ପଡ଼ିଲେ । ସେମାନେ ମକ୍କାର କେତେକ ଶ୍ରେଷ୍ଠ ଖୋଜି (ପାଦଚିହ୍ନ ଦେଖି ଚିହ୍ନିବାରେ ଅର୍ଥାତ୍ ସନ୍ଧାନ କରିବାରେ ଦକ୍ଷ ଥିବା ବ୍ୟକ୍ତି)ଙ୍କୁ ସାଙ୍ଗରେ ନେଲେ । ସେମାନେ ଏହି ଅବିଶ୍ୱାସକାରୀମାନଙ୍କୁ ସୋର ପର୍ବତ ପର୍ଯ୍ୟନ୍ତ ନେଇ ଆସିଲେ । ସେମାନେ କହିଲେ ଯେ, 'ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଯଦି ଅଛନ୍ତି ତେବେ ଏହିଠାରେ ହିଁ ଅଛନ୍ତି । ଏହା ଆଗକୁ ଆଉ କୌଣସି ପାଦଚିହ୍ନ ମିଳୁ ନାହିଁ ।' ସେତେବେଳେ ପରିସ୍ଥିତି ଏପରି ଥିଲା ଯେ, ଶତ୍ରୁ ଗୁମ୍ଫାର ଏକଦମ୍ ମୁହାଁଣ ପାଖରେ ଠିଆ ହୋଇଥିଲା । ଗୁମ୍ଫାର ମୁହଁ ସଂକୀର୍ଣ୍ଣ ନଥିଲା ଯେ ଯାହା ଭିତରକୁ ଚାହିଁବା କଷ୍ଟକର ହୋଇଥାନ୍ତା ବରଂ ତାହା ଏକ ପ୍ରଶସ୍ତ ଓ ଖୋଲା ଗୁମ୍ଫା ଥିଲା, ଯାହା ଭିତରକୁ ଚାହିଁ ବହୁତ ସହଜରେ ଜଣାପଡ଼ି ଯାଇଥାଆନ୍ତା ଯେ, କୌଣସି ବ୍ୟକ୍ତି ଭିତରେ ବସିଛି କି ନାହିଁ । କିନ୍ତୁ ଏପରି ଅବସ୍ଥାରେ ମଧ୍ୟ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ମନରେ କୌଣସି ଭୟ ଆସି ନଥିଲା । ବରଂ ଆପଣ ସ.ଅଙ୍କ ପବିତ୍ର ଆତ୍ମିକ ଶକ୍ତିର କଲ୍ୟାଣରେ ହ. ଅବୁ ବକ୍କର୍ ର.ଅଙ୍କ ହୃଦୟ ମଧ୍ୟ ମଜବୁତ୍ ରହିଥିଲା । ସେ ମୂସା ଅ.ସଙ୍କ ସାଥୀମାନଙ୍କ ପରି ଏହା କହି ନଥିଲେ ଯେ, 'ଆମେ ଧରାପଡ଼ିଗଲୁ'; ବରଂ ସେ ଯଦି କିଛି କହିଥିଲେ ତାହା ହେଉଛି 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଶତ୍ରୁ ଏତେ ପାଖରେ ପହଞ୍ଚିଗଲାଣି ଯେ, ସେ ଯଦି ଟିକିଏ ବି ତଳକୁ ଚାହିଁବ ତେବେ ଆମକୁ ଦେଖିନେବ।' କିନ୍ତୁ ରସୁଲ୍ କରୀମ୍ ସ.ଅ କହିଲେ: 'اُسْكُتْ يَا اَبَابَكْرٍ اِثْنَانِ اللّٰهُ ثَالِثُهُمَا' ଅର୍ଥାତ୍ ହେ ଅବୁ ବକ୍କର୍ ! ନୀରବ ରୁହ । ଆମେ ଏହି ସମୟରେ ଦୁଇଜଣ ନାହୁଁ ବରଂ ଆମ ସହିତ ତୃତୀୟ ଅଲ୍ଲାଃ ମଧ୍ୟ ଅଛନ୍ତି । ତେବେ ସେମାନେ ଆମକୁ କିପରି ଦେଖିପାରିବେ ?' ଅତଏବ୍ ତଦନୁସାରେ ତାହା ହିଁ ହେଲା । ଶତ୍ରୁ ଗୁମ୍ଫାର ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିଯାଇଥିବା ସତ୍ତ୍ୱେ ତା' ଆଗକୁ ବଢ଼ି ଭିତରକୁ ଚାହିଁବାର ସାମର୍ଥ୍ୟ ମିଳିଲା ନାହିଁ । ସେ ଅର୍ଥାତ୍ ଶତ୍ରୁ ସେହିଠାରୁ ହିଁ ଅସାର କଥା ବକ ବକ ହୋଇ ଫେରିଗଲା । ମୋଟାମୋଟି ଭାବେ ଉକ୍ତ ଘଟଣାର ଗୋଟିଏ ଦିଗ ହେଉଛି ଯେ, ହ. ମୂସା ଅ.ସଙ୍କ ସାଥୀମାନେ ଭୟଭୀତ ହୋଇ କହିଥିଲେ ଯେ 'ହେ ମୂସା ! ଆମେ ଧରାପଡ଼ିଗଲୁ' ଅର୍ଥାତ୍ ସେମାନେ ନିଜ ସହ ମୂସାଙ୍କୁ ମଧ୍ୟ ସାମିଲ୍ କରିନେଲେ ଏବଂ ଭାବିଲେ ଯେ ଆମେ ସମସ୍ତେ ଫାରୋ (ଫିରଔନ୍) ର କବ୍‌ଜାକୁ ଆସିଯିବାକୁ ଯାଉଛୁ । କିନ୍ତୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ଈଶ୍ୱରବିଶ୍ୱାସ (ତୱକ୍କୁଲ୍) ନିଜ ସାଥୀମାନଙ୍କ ଉପରେ ଏପରି ପ୍ରଭାବ ପକାଇଲା ଯେ, ଆପଣ ସ.ଅଙ୍କ ତୁଣ୍ଡରୁ ମଧ୍ୟ ଏହି ଶବ୍ଦ ବାହାରି ନଥିଲା ଯେ, 'ଆମେ ଧରାପଡ଼ିଗଲୁ'; ବରଂ ହ. ଅବୁ ବକ୍କର ର.ଅ କେବଳ ଏତିକି ହିଁ କହିଥିଲେ ଯେ 'ଶତ୍ରୁ ଏତେ ପାଖକୁ ଆସିଯାଇଛି ଯେ ଯଦି ସେ ଆମକୁ ଦେଖିବାକୁ ଚାହିଁବ ତେବେ ଦେଖିପାରିବ ।' କିନ୍ତୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଏହି କଳ୍ପନା କିମ୍ବା ଆଶଙ୍କାକୁ ମଧ୍ୟ ସହ୍ୟ କଲେ ନାହିଁ ଏବଂ କହିଲେ, 'ହେ ଅବୁ ବକ୍କର୍ ଆପଣ ଏପରି ଭାବନା ମଧ୍ୟ ମନକୁ ଆଣନ୍ତୁ ନାହିଁ । ଆମେ ଏହି ସମୟରେ ଦୁଇଜଣ ନାହୁଁ ବରଂ ଆମ ସହିତ ଆଉ ଜଣେ ତୃତୀୟ ସତ୍ତା ମଧ୍ୟ ଅଛନ୍ତି ଏବଂ ସେ ହେଉଛନ୍ତି ଆମର ଅଲ୍ଲାଃ ।" **(ତଫ୍‌ସୀରେ କବୀର୍, ଗ୍ରନ୍ଥଖଣ୍ଡ-9, ପୃ- 416417, ସଂସ୍କରଣ ବର୍ଷ-2023 ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ପ୍ରବାସର ଘଟଣା ଏବଂ ଆପଣଙ୍କର ତୱକ୍କୁଲ୍ ଅଲଲ୍ଲାଃ (ଈଶ୍ୱରଙ୍କ ଉପରେ ଅଗାଧ ବିଶ୍ୱାସ) ଓ ସାହସ ସଂପର୍କରେ ଉଲ୍ଲେଖ କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସତ୍ୟବାଦୀ ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅଙ୍କ ସତ୍ୟବାଦୀତା ତଥା ସତ୍ୟନିଷ୍ଠତା ସେହି ନିଆଁ ସଦୃଶ କଠିନ ସମୟରେ ପ୍ରକାଶ ପାଇଲା ଯେତେବେଳେ ହ. ମୁହମ୍ମଦ ସ.ଅଙ୍କୁ ଘେରାଉ କରାଯାଇଥିଲା । ଯଦିଓ କେତେକଙ୍କର ମତାମତ ଦେଶାନ୍ତର କରିବାର ମଧ୍ୟ ଥିଲା । କିନ୍ତୁ ପ୍ରକୃତ ଉଦ୍ଦେଶ୍ୟ ହତ୍ୟା କରିବା ହିଁ ଥିଲା । ଏପରି ପରିସ୍ଥିତିରେ ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅ ନିଜର ସତ୍ୟତା ଓ ବିଶ୍ୱସ୍ତତାର ଯେଉଁ ଅପୂର୍ବ ଉଦାହରଣ ଦେଖାଇଲେ ତାହା ଯୁଗ ଯୁଗ ପାଇଁ ଆଦର୍ଶ ହୋଇ ରହିବ । ଏହି ବିପଦ ସମୟରେ ହ. ମୁହମ୍ମଦ ସ.ଅଙ୍କ ଦ୍ୱାରା ତାଙ୍କୁ ମନୋନୀତ କରିବା ହିଁ ହ. ସିଦ୍ଦୀକ୍ ର.ଅଙ୍କ ଶ୍ରେଷ୍ଠତା ଓ ଉଚ୍ଚ ସମର୍ପଣର ଏକ ଶକ୍ତିଶାଳୀ ପ୍ରମାଣ ଅଟେ।" ଆପଣ ଅ.ସ ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅଙ୍କ ଗୁଣାବଳୀ ସଂପର୍କରେ ବର୍ଣ୍ଣନା କରୁଛନ୍ତି ।"ସେହିପରି ଏହା ହ. ମୁହମ୍ମଦ ସ.ଅଙ୍କ ମନୋନୟନ ଥିଲା । ସେତେବେଳେ ଆପଣ ସ.ଅଙ୍କ ପାଖରେ70-80 ଜଣ ସହାବୀ (ସାଥୀ) ଉପସ୍ଥିତ ଥିଲେ । ହ. ଅଲୀ ର.ଅ ମଧ୍ୟ ଆପଣ ସ.ଅଙ୍କ ପାଖରେ ଥିଲେ । କିନ୍ତୁ ଆପଣ ସ.ଅ ସେ ସମସ୍ତଙ୍କ ମଧ୍ୟରୁ ହ. ଅବୁ ବକ୍କର୍ ର.ଅଙ୍କୁ ହିଁ ବାଛିଲେ । ଏଥିରେ ଗୂଢ଼ ରହସ୍ୟ କ'ଣ ଥିଲା ? କଥା ହେଉଛି ଯେ, ନବୀ (ଅବତାର ତଥା ବାର୍ତ୍ତାବହ) ଅଲ୍ଲାଃତାଲାଙ୍କ ପ୍ରଦତ୍ତ ଦୃଷ୍ଟି ମାଧ୍ୟମରେ ହିଁ ଦେଖନ୍ତି । ଏହାର ଅବବୋଧ ଅଲ୍ଲାଃତାଲାଙ୍କ ପକ୍ଷରୁ ହିଁ ଆସିଥାଏ। ସେଇଥିପାଇଁ ଅଲ୍ଲାଃତାଲା ହ. ମୁହମ୍ମଦ ସ.ଅଙ୍କୁ ନିଜ କଶ୍‌ଫ (ଆଧ୍ୟାତ୍ମିକ ତନ୍ଦ୍ରାତ୍ମକ ଦୃଷ୍ଟି ବା ସ୍ୱପ୍ନ) ଓ ଇଲ୍‌ହାମ୍ (ଦିବ୍ୟ ଐଶୀବାଣୀ) ଦ୍ୱାରା ଜଣାଇ ଦେଇଥିଲେ ଯେ, ଏହି କାର୍ଯ୍ୟ ପାଇଁ ସବୁଠାରୁ ଉତ୍ତମ ଓ ଯୋଗ୍ୟ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅ । ହ. ଅବୁ ବକ୍କର୍ ର.ଅ ଏହି କଠିନ ପରିସ୍ଥିତିରେ ମଧ୍ୟ ଆପଣ ସ.ଅଙ୍କ ସହିତ ଥିଲେ। ଏହା ଅତ୍ୟନ୍ତ ବିପଦଜନକ ପରୀକ୍ଷାର ସମୟ ଥିଲା । ହ. ଇସା ଅ.ସଙ୍କ ଉପରେ ଯେତେବେଳେ ଏହିପରି ସମୟ ଆସିଥିଲା ସେତେବେଳେ ତାଙ୍କ ଶିଷ୍ୟମାନେ ତାଙ୍କୁ ଛାଡ଼ି ପଳାଇଥିଲେ ଏବଂ ଜଣେ ଶିଷ୍ୟ ତ' ସାମ୍ନାରେ ହିଁ ଆପଣ ଅ.ସଙ୍କୁ ଅଭିଶାପ ମଧ୍ୟ ଦେଲା । କିନ୍ତୁ ଆଁହଜରତ୍ ସ.ଅଙ୍କ ସହାବି (ସାଥୀ)ମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ସାହାବି ପୂର୍ଣ୍ଣ ବିଶ୍ୱସ୍ତତାର ଉଦାହରଣ ପ୍ରଦର୍ଶନ କଲେ । ଅତଃ ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅ ଆପଣ ସ.ଅଙ୍କର ପୂର୍ଣ୍ଣ ସମର୍ଥନ ଓ ସାହଚର୍ଯ୍ୟତ୍ୱ ଦେଲେ ଏବଂ ଗୋଟିଏ ଗୁମ୍ଫାରେ ହିଁ ଯାହାକୁ 'ଗାରେ ସୋର୍' (ସୋର୍ ଗୁମ୍ଫା) ବୋଲି କୁହାଯାଏ, ଆପଣ ଦୁହେଁ ଯାଇ ଲୁଚିଲେ । ଦୁଷ୍ଟ ଅବିଶ୍ୱାସକାରୀମାନେ, ଯେଉଁମାନେ ଆପଣ ସ.ଅଙ୍କୁ କଷ୍ଟ ଦେବା ପାଇଁ ଯୋଜନା କରି ସାରିଥିଲେ ସେମାନେ ଖୋଜି ଖୋଜି ସେହି ଗୁମ୍ଫା ପର୍ଯ୍ୟନ୍ତ ପହଞ୍ଚିଗଲେ। ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅ କହିଲେ ଯେ, 'ଏବେ ତ' ସେମାନେ ଠିକ୍ ମୁଣ୍ଡ ଉପରେ ପହଞ୍ଚି ଗଲେଣି । ଆଉ ଯଦି କେହି ଟିକିଏ ତଳକୁ ଚାହିଁବ, ତେବେ ଆମକୁ ଦେଖିନେବ ଏବଂ ଆମେ ଧରାପଡ଼ିଯିବୁ ।' ସେହି ସମୟରେ ଆପଣ ସ.ଅ କହିଲେ, لَا تَحْزَنْ اِنَّ اللّٰهَ مَعَنَا **(ସୁରାଃ ଅତ୍ ତୌବା: 40)** 'ଅର୍ଥାତ୍ ହେ ଅବୁ ବକ୍କର ଦୁଃଖ ପ୍ରକାଶ କର ନାହିଁ । ଅଲ୍ଲାଃତାଲା ଆମ ସହିତ ଅଛନ୍ତି ।' ଏହି ଶବ୍ଦ ଉପରେ ଟିକେ ଧ୍ୟାନ ଦିଅନ୍ତୁ ଯେ, ହ. ମୁହମ୍ମଦ ସ.ଅ ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅଙ୍କୁ ନିଜ ସାଙ୍ଗରେ ମିଶାଉଛନ୍ତି । ଆପଣ ସ.ଅ କହିଲେ اِنَّ اللّٰهَ مَعَنَا (ଅଲ୍ଲାଃତାଲା ଆମ ସହିତ ଅଛନ୍ତି) । مَعَنَا (ଆମ ସହିତ) ଶବ୍ଦରେ ଆପଣ ଦୁହେଁ ସାମିଲ୍ ଅଟନ୍ତି । ଅର୍ଥାତ୍ ଅଲ୍ଲାଃତାଲା ତୁମ ଏବଂ ମୋ ସହିତ ଅଛନ୍ତି । ଅଲ୍ଲାଃତାଲା ଗୋଟିଏ ପାଖରେ ହ. ମୁହମ୍ମଦ ସ.ଅଙ୍କୁ ରଖିଲେ ଏବଂ ଅନ୍ୟ ପାଖରେ ହ. ଅବୁ ବକ୍କର୍ ସିଦ୍ଦୀକ୍ ର.ଅଙ୍କୁ । ସେତେବେଳେ ଦୁହେଁ ପରୀକ୍ଷା ମଧ୍ୟରେ ଅଛନ୍ତି । କାରଣ ଏହା ହିଁ ସେହି ସ୍ଥାନ ଯେଉଁଠାରୁ ହୁଏ ତ' ଇସଲାମ୍ ଧର୍ମର ଭିତ୍ତିପ୍ରସ୍ତର ପଡ଼ିବାକୁ ଯାଉଛି କିମ୍ବା ସମାପ୍ତ ହୋଇଯିବାକୁ ଯାଉଛି । ଶତ୍ରୁମାନେ ଗୁମ୍ଫା ମୁହଁରେ ଉପସ୍ଥିତ ଅଛନ୍ତି ଏବଂ ବିଭିନ୍ନ ପ୍ରକାରର ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । କେତେକ ଶତ୍ରୁ କହୁଛନ୍ତି ଯେ, ଏହି ଗୁମ୍ଫାକୁ ଖୋଜାଯାଉ, କାରଣ ପାଦଚିହ୍ନ ଏହିଠାରେ ଆସି ଶେଷ ହେଉଛି । କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ କହୁଛନ୍ତି ଯେ, ଏଠାରେ ମଣିଷର ଯାତାୟାତ ଓ ପ୍ରବେଶ କିପରି ହେବ ? ବୁଢ଼ାଆଣୀ ଜାଲ ବୁଣିଛି, ପାରା ଅଣ୍ଡା ଦେଇଛି । ଏହିପରି କଥାବାର୍ତ୍ତାର ଶବ୍ଦ ଭିତରକୁ ପହଞ୍ଚୁଛି (ଶୁଭୁଛି) ଏବଂ ଆପଣ ସ.ଅ ବହୁତ ସ୍ପଷ୍ଟ ଭାବେ ତାହା ଶୁଣୁଛନ୍ତି । ଏପରି ଅବସ୍ଥାରେ ଶତ୍ରୁମାନେ ଆସିଛନ୍ତି ଯେ, ସେମାନେ ଆପଣ ସ.ଅଙ୍କୁ ଶେଷ କରିଦେବାକୁ ଚାହୁଁଛନ୍ତି ଏବଂ ପାଗଳଙ୍କ ପରି ଆଗେଇ ଆସିଛନ୍ତି । କିନ୍ତୁ ଆପଣ ସ.ଅଙ୍କର ପୂର୍ଣ୍ଣ ତଥା ଅଦମ୍ୟ ସାହସ ଓ ବୀରତ୍ୱକୁ ଦେଖନ୍ତୁ ଯେ, ଶତ୍ରୁ ମୁଣ୍ଡ ଉପରେ ଅଛି ଏବଂ ଆପଣ ସ.ଅ ନିଜର ସତ୍ୟବାଦୀ ସାଥୀ ହ. ଅବୁ ବକ୍କର ସିଦ୍ଦୀକ୍ ର.ଅଙ୍କୁ କହୁଛନ୍ତି: لَا تَحْزَنْ اِنَّ اللّٰهَ مَعَنَا ଅର୍ଥାତ୍ ଦୁଃଖ କର ନାହିଁ ଅଲ୍ଲାଃତାଲା ଆମ ସହିତ ଅଛନ୍ତି । ଏହି ଶବ୍ଦଗୁଡ଼ିକ ବହୁତ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ, ଆପଣ ସ.ଅ ପାଟିରେ ହିଁ କହିଥିଲେ, କାରଣ ଏଥିପାଇଁ ସ୍ୱର ବା ଶବ୍ଦର ଆବଶ୍ୟକତା ରହିଛି । ଇଶାରାରେ କାମ ଚଳେ ନାହିଁ । ବାହାରେ ଶତ୍ରୁମାନେ ପରାମର୍ଶ କରୁଛନ୍ତି ଏବଂ ଭିତରେ ଗୁମ୍ଫାରେ ସେବକ ଓ ମାଲିକ ମଧ୍ୟ କଥାବାର୍ତ୍ତାରେ ଲାଗିଛନ୍ତି । ଏହି କଥାର ପରବାୟ (ଭୃକ୍ଷେପ) କରାଯାଇନାହିଁ ଯେ, ଶତ୍ରୁ ଶବ୍ଦ ଶୁଣିନେବେ । ଏହା ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ଜ୍ଞାନର ପ୍ରମାଣ ଅଟେ । ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା ରହିଛି।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ- 339 ରୁ 341, ସଂସ୍କରଣ ବର୍ଷ-2022 ମସିହା)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ପ୍ରବାସ ଯାତ୍ରାରେ ଆପଣ ସ.ଅଙ୍କର ଆହୁରି ଅନେକ ଘଟଣା ରହିଛି ଯହିଁରେ ଅଗାଧ ଈଶ୍ୱରବିଶ୍ୱାସ (ତୱକ୍କୁଲ୍) ଦୃଶ୍ୟମାନ ହୁଏ । ଇନ୍‌ଶାଅଲ୍ଲାଃ (ଈଶ୍ୱର ଚାହିଁଲେ) ଆଗାମୀ ସମୟରେ ତାହା ବର୍ଣ୍ଣନା କରାଯିବ ।اَللّٰهُمَّ صَلِّ عَلٰى مُحَمَّدٍ وَعَلٰى اٰلِ مُحَمَّدٍ وَبَارِكْ وَسَلِّمْ اِنَّكَ حَمِيْدٌ مَّجِيْدٌ ଅର୍ଥାତ୍ ହେ ଅଲ୍ଲାଃ ! ମୁହମ୍ମଦ ସ.ଅ ଏବଂ ମହମ୍ମଦ୍ ସ.ଅଙ୍କ ବଂଶଧର (ପରିବାର) ଉପରେ ଶାନ୍ତି, କଲ୍ୟାଣ ଓ ପ୍ରଶଂସା ବୃଷ୍ଟି କର, ନିଶ୍ଚିତ ଭାବେ ତୁମେ ପ୍ରଶଂସନୀୟ ଓ ମହାନ୍ । ☆☆☆



ପୃ-01ରେ ବର୍ଣ୍ଣିତ ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ.... ଅବଶିଷ୍ଟାଂଶ

ମଧ୍ୟରେ ପୂର୍ବ ଓ ପଶ୍ଚିମ ଭଳି ଦୂରତା ସୃଷ୍ଟି କରିଦିଅ । ମୋର ଜୀବନ, ମୋର ମୃତ୍ୟୁ, ମୋର ସମସ୍ତ ଶକ୍ତି, ସାମର୍ଥ୍ୟ ଏବଂ ଯାହା କିଛି ମୋତେ ପ୍ରାପ୍ତ ହୋଇଛି ସେସବୁକୁ ତୁମ୍ଭ ରାସ୍ତାରେ ନିୟୋଜିତ (ବିନିଯୋଗ) କର । ମୋତେ ତୁମ୍ଭର ପ୍ରେମରେ ହିଁ ଜୀବିତ ରଖ ଏବଂ ତୁମ୍ଭର ପ୍ରେମରେ ହିଁ ମୃତ୍ୟୁ ପ୍ରଦାନ କର ଏବଂ ତୁମ୍ଭର ପୂର୍ଣ୍ଣ ମନୋନୀତ ଦାସମାନଙ୍କ ଗହଣରେ (ମଧ୍ୟରେ) ମୋତେ ଉଠାଅ (ମୃତ୍ୟୁ ପ୍ରଦାନ କର) ।

ୟା ଅର୍‌ହମୁର୍ ରାହିମୀନ୍ (ହେ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଈଶ୍ୱର)! ଯେଉଁ କାର୍ଯ୍ୟର ପ୍ରଚାର ପ୍ରସାର ସକାଶେ ତୁମ୍ଭେ ମୋତେ ନିଯୁକ୍ତ କରିଛ ଏବଂ ଯେଉଁ ସେବା ପାଇଁ ତୁମ୍ଭେ ମୋ ହୃଦୟରେ ଉତ୍ସାହ ଭରିଛ ତାହାକୁ ତୁମ୍ଭେ ଅବଶିଷ୍ଟାଂଶ... ପୃ-7ରେ



ପୃ-06 ରେ ବର୍ଣ୍ଣିତ ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ ଅବଶିଷ୍ଟାଂଶ...

ନିଜ କୃପାରୁ ଅନ୍ତିମ ପର୍ଯ୍ୟାୟ (ସଫଳତା) ପର୍ଯ୍ୟନ୍ତ ପହଞ୍ଚାଅ । ଏହି ବିନୀତର ହାତ ଦ୍ୱାରା ବିରୋଧୀମାନଙ୍କ ଉପରେ ଏବଂ ସେହି ସମସ୍ତ ଲୋକମାନଙ୍କ ଉପରେ ଯେଉଁମାନେ ଏପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମର ସୁନ୍ଦରତା ବିଷୟରେ ଅଜ୍ଞ (ଅନବଗତ) ଅଟନ୍ତି ଇସ୍‌ଲାମ୍ ଧର୍ମର ପ୍ରମାଣ ସଂପୂର୍ଣ୍ଣ କର । ଏହି ବିନୀତ ଏବଂ ବିନୀତର ସମସ୍ତ ବନ୍ଧୁ, ନିଷ୍ଠାପର ସାଥୀ ଓ ସହଯୋଗୀମାନଙ୍କୁ କ୍ଷମା ଓ ଦୟାର ଦୃଷ୍ଟିରେ ତୁମ୍ଭର ଆଶ୍ରୟ ତଥା ଛତ୍ର ଛାୟା ତଳେ ରଖି ଧର୍ମ ଓ ସଂସାରରେ ନିଜେ ସେମାନଙ୍କର ରକ୍ଷକ ଓ ତତ୍ତ୍ୱାବଧାରକ ହୋଇଯାଅ ଏବଂ ସମସ୍ତଙ୍କୁ ତୁମ୍ଭର ପ୍ରସନ୍ନତାର ଘର ପର୍ଯ୍ୟନ୍ତ ପହଞ୍ଚାଇ ଦିଅ । ତୁମ୍ଭର ବାର୍ତ୍ତାବହ ମୁହମ୍ମଦ୍ ସ.ଅ ଏବଂ ତାଙ୍କର ସନ୍ତାନ ଓ ସାଥୀମାନଙ୍କ ଉପରେ ଅଧିକରୁ ଅଧିକ ଦୁରୁଦ୍, ସଲାମ୍ (ଶାନ୍ତି) ଓ କଲ୍ୟାଣ ଅବତୀର୍ଣ୍ଣ କର । ଆମୀନ୍ ୟା ରବ୍ବୁଲ୍ ଆଲମୀନ୍ (ହେ ସମଗ୍ର ଜଗତର ପାଳନକର୍ତ୍ତା ! ତାହା ହିଁ ହେଉ ଅର୍ଥାତ୍ ତଥାସ୍ତୁ) ।'

(ମକ୍ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ-27) ☆☆☆

ପୃ-01ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...."

ଏହି ଆୟାତ୍‌ଗୁଡ଼ିକରେ ଅଲ୍ଲାଃତାଲା ସେହି କୁର୍ବାନୀଗୁଡ଼ିକର ମହତ୍ତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯାହା ହଜ୍ ବୈତୁଲ୍ଲାଃହ ଅବସରରେ କରାଯାଇଥାଏ ଏବଂ ଅଲ୍ଲାଃତାଲା ଏହା ବୁଝାଇଛନ୍ତି ଯେ ଏହି କୁର୍ବାନୀଗୁଡ଼ିକ (ତ୍ୟାଗ ତଥା ବଳିଦାନ) 'ଶାଇରୁଲ୍ଲାହ' (ଅଲ୍ଲାଃତାଲାଙ୍କ ନିର୍ଦ୍ଦିଷ୍ଟ ନିଦର୍ଶନ ବା ସଙ୍କେତ) ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ତୁମମାନଙ୍କ ପାଇଁ ଏହି କୁର୍ବାନୀଗୁଡ଼ିକରେ ଅଲ୍ଲାଃତାଲାଙ୍କ ତରଫରୁ ବହୁତ ବଡ଼ ବରକତ୍ (ଆଶୀର୍ବାଦ ତଥା କଲ୍ୟାଣ) ନିହିତ ରହିଛି ।"

(ତଫ୍‌ସୀରେ କବୀର୍, ଗ୍ରନ୍ଥଖଣ୍ଡ-6, ପୃ-53-54) ☆☆☆

ପୃ-02 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

କରାଯାଇଛି ।

ଅଲ୍ ଫଜଲ୍ ଇଣ୍ଟରନ୍ୟାସନାଲ୍ : ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନାଲ୍ ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ବହୁତ ବଡ଼ ସଂଖ୍ୟାରେ ପ୍ରକାଶିତ ହେଉଛି ।

MTA ଇଣ୍ଟରନ୍ୟାସ୍‌ନାଲ୍ (MTA International):

MTA ଇଣ୍ଟରନ୍ୟାସ୍‌ନାଲ୍‌ର 16ଟି ବିଭାଗ ରହିଛି, ମୋଟ 568 ଜଣ କାର୍ମଚାରୀ ଦିନରାତି ସେବା କରୁଛନ୍ତି । ଚଳିତ ବର୍ଷ MTA ଆଫ୍ରିକାର 10 ବର୍ଷ ପୂରଣ ହୋଇଛି। ଏହି 10 ବର୍ଷ ମଧ୍ୟରେ 7 ହଜାରରୁ ଅଧିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ଏହା ମାଧ୍ୟମରେ ହଜାର ହଜାର ଲୋକ ଇସ୍‌ଲାମ୍ ଅହମଦିୟତ୍‌ରେ ପ୍ରବେଶ କରିଛନ୍ତି । ଆଫ୍ରିକାରେ ଜମାଅତ୍‌ର ନିଜସ୍ୱ ରେଡିଓ ଷ୍ଟେସନ୍ ସଂଖ୍ୟା 26 ଅଟେ ।

ଭଏସ୍ ଅଫ୍ ଇସ୍‌ଲାମ୍ ରେଡିଓ (Voice of Islam Radio, UK):

ଏହାକୁ ମଧ୍ୟ ୧୦ ବର୍ଷ ପୂରଣ ହୋଇ ଗଲାଣି । ଏହି ସମୟରେ ଏହାର ପ୍ରସାରଣ ବ୍ରିଟେନ୍‌ର 13ଟି ସହରରେ ସିଧାସଳଖ ପ୍ରସାରିତ ହେଉଛି । ଏହାଛଡ଼ା ଅନ୍‌ଲାଇନ୍ ପ୍ରସାରଣ ସମଗ୍ର ବିଶ୍ୱରେ ଶୁଣାଯାଇପାରିବ ।

ଅଲ୍-ଇସ୍‌ଲାମ୍ ୱେବ୍‌ସାଇଟ୍ (Al Islam Website):

ଅଲ୍ ଇସ୍‌ଲାମ୍ ୱେବ୍‌ସାଇଟ୍‌ରେ ହଦିସ୍ ସର୍ଚ୍ଚ ଇଞ୍ଜିନ୍ ଏବଂ ଆପ୍ (App) ଜାରି କରାଯାଇଛି । ପବିତ୍ର କୁରଆନ୍ କରୀମ୍‌ର ସର୍ଚ୍ଚ ଇଞ୍ଜିନ୍‌କୁ ମଧ୍ୟ ଅଧିକ ଉନ୍ନତ କରାଯାଇଛି। ସେହିପରି 'ଅଲ୍-ୱସିୟତ୍' (Al-Wasiyyat) ଏବଂ 'Ten conditions of Bai'at'ର ଆପସ୍ ବୃଦ୍ଧି କରାଯାଇଛି । 36ଟି ନୂତନ ଇଂରାଜୀ ଇ-ବୁକ୍ ଯୋଡ଼ାଯିବା ପରେ ମୋଟ ସଂଖ୍ୟା 260 ହୋଇଛି । ଅଲ୍ ଇସ୍‌ଲାମ୍‌ର ଟିମ୍ ମଧ୍ୟ ପ୍ରାୟ ସମ୍ପୂର୍ଣ୍ଣ ସ୍ୱେଚ୍ଛାସେବୀଙ୍କୁ ନେଇ ଗଠିତ ଏବଂ ବହୁତ ଭଲ କାମ କରୁଛି ।

IAAAE (International Association of Ahmadiya Architects and Engineers):

IAAAE ଚଳିତ ବର୍ଷ 65ଟି ନଳକୂପ ସ୍ଥାପନ କରିଛି । ଏହାଦ୍ୱାରା ୨ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ସେହିପରି ମଡେଲ୍ ଗ୍ରାମ ମଧ୍ୟ ସ୍ଥାପନ କରାଯାଇଛି ଏବଂ ସୋଲାର ସିଷ୍ଟମ୍ ଲଗାଯାଇଛି ।

ମଜ୍‌ଲିସ୍ ନୁସ୍ରତ୍ ଯାହାଁ :

ଏହି ତେହରିକ୍ (ଅହ୍ୱାନ) ଅଧୀନରେ ଆଫ୍ରିକାର 54ଟି ଦେଶରେ 41ଟି କ୍ଲିନିକ୍ ଏବଂ ହସ୍ପିଟାଲ୍ ସ୍ଥାପିତ ହୋଇଛି । ଗତବର୍ଷ 5 ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ଆଫ୍ରିକାର 13ଟି ଦେଶରେ ଆମର 620ଟି ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଏବଂ 80ଟି ହାଇସ୍କୁଲ୍ ଶିକ୍ଷାଗତ ସେବା ପ୍ରଦାନ କରୁଛନ୍ତି ।

ହ୍ୟୁମାନିଟି ଫର୍ଷ୍ଟ (Humanity First):

ହ୍ୟୁମାନିଟି ଫର୍ଷ୍ଟକୁ ମୋଟ 25 ଲକ୍ଷରୁ ଅଧିକ ଲୋକଙ୍କ ସେବା କରିବାର ସୌଭାଗ୍ୟ ମିଳିଛି । **ନୂତନ ଭାବେ ଦୀକ୍ଷିତ ହୋଇଥିବା ସଦସ୍ୟଙ୍କ (ନଅ ମୁବାଇନ୍) ସହ ସମ୍ପର୍କ:**

ବର୍ଷସାରା 95ଟି ଦେଶରେ ମୋଟ 54, 485 ଜଣ ନୂତନ ସଦସ୍ୟଙ୍କ ସହିତ ପୁନଃ ସମ୍ପର୍କ ସ୍ଥାପିତ ହୋଇଛି । **ନୂତନ ବୈଅତ୍ (ନବ ଦୀକ୍ଷିତଙ୍କ) ସଂଖ୍ୟା:**

ଚଳିତ ବର୍ଷ 2 ଲକ୍ଷ 67 ହଜାର 596 ଟି ନୂତନ ବୈଅତ୍ ହୋଇଛି । ଅଲ୍‌ହାମ୍‌ଦୁ ଲିଲ୍ଲାଃ, 132ଟି ଦେଶରେ ପ୍ରାୟ 670ରୁ ଉର୍ଦ୍ଧ୍ୱ ଜାତି ଅହମଦିୟତ୍‌ରେ ପ୍ରବେଶ କରିଛନ୍ତି। ଏଥିରେ ପ୍ରଥମ ସ୍ଥାନରେ ନାଇଜେରିଆ ରହିଛି, ତା'ପରେ କଙ୍ଗୋ ବ୍ରାଜାଭିଲ୍, ଗିନି ବସାଓ, କ୍ୟାମ୍‌ରୁନ୍, ଗିନି କନାକେରୀ, ଲାଇବେରିଆ, କଙ୍ଗୋ କିନ୍‌ଶାସା, ଗ୍ୟାମ୍ବିୟା, ସେଣ୍ଟ୍ରାଲ୍ ଆଫ୍ରିକାନ୍ ରିପବ୍ଲିକ୍, ସେନେଗାଲ୍, ସେରା ଲିଓନ୍, ତାଞ୍ଜାନିଆ, ଆଇଭରୀ କୋଷ୍ଟ୍, ନାଇଜର୍, ବେନିନ୍ ଆଦି ପ୍ରମୁଖ ଦେଶମାନେ ରହିଛନ୍ତି ।" ଟୋଗୋ, କେନ୍ୟା, ଘାନା, ୟୁଗାଣ୍ଡା, ମଲାୱି, ମାଲି, ବୁର୍କିନାଫାସୋ, ମାଡାଗାସ୍କାର, ଚାଡ୍, ଜେମ୍ବିଆ, ରୱାଣ୍ଡା, ବୁରୁଣ୍ଡି, ଇଥିଓପିୟା ଏବଂ ସାଓ ଟୋମେ ଆଦି ଦେଶ ଅନ୍ତର୍ଭୁକ୍ତ ଅଟନ୍ତି । ଆଫ୍ରିକାର ଅନ୍ୟାନ୍ୟ ଦେଶ ମଧ୍ୟରେ ସୋମାଲିୟା, ଜିମ୍ବାୱେ, ମାୟୋଟ୍ ଦ୍ୱୀପ, ମିଶର (Egypt), ସ୍ୱାଜିଲ୍ୟାଣ୍ଡ (ଏସ୍ୱାତିନୀ), ଲିସୋଥୋ, ଅଙ୍ଗୋଲା, କେପ୍ ଭର୍ଡେ, ଦକ୍ଷିଣ ଆଫ୍ରିକା, ନାମିବିଆ ଆଦି ଦେଶମାନେ ରହିଛନ୍ତି ।

ଏସିଆର ଇଣ୍ଡୋନେସିଆ ଠାରେ ସର୍ବାଧିକ ବୈଅତ୍ (ଜମାଅତ୍‌ରେ ଦୀକ୍ଷା ପ୍ରବେଶ) ହୋଇଛି । ତା'ପରେ ଭାରତ, ତା'ପରେ ବାଂଲାଦେଶ ଏବଂ ଫିଲିପାଇନ୍ସ । ଏହାଛଡ଼ା ମଲେସିଆ, ଥାଇଲ୍ୟାଣ୍ଡ, କାଜାଖ୍‌ସ୍ତାନ, ଶ୍ରୀଲଙ୍କା, କମ୍ବୋଡିଆ, ଜାପାନ, ସିଙ୍ଗାପୁର ଆଦି ଦେଶମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ୟୁରୋପରେ ଜର୍ମାନୀ ପ୍ରଥମ ସ୍ଥାନରେ ରହିଛି। ତା'ପରେ ଫ୍ରାନ୍ସ, ତା'ପରେ ହଲାଣ୍ଡ (ନେଦରଲ୍ୟାଣ୍ଡସ), ବେଲ୍‌ଜିୟମ, ସ୍ପେନ୍, ନରୱେ, ସର୍ବିଆ ଇତ୍ୟାଦି ଦେଶ ରହିଛନ୍ତି । ଏହାଛଡ଼ା ସ୍ୱିଜରଲ୍ୟାଣ୍ଡ, ଆଲବାନିଆ, ଅଷ୍ଟ୍ରିଆ, ଫିନ୍‌ଲ୍ୟାଣ୍ଡ, ରୁଷ, ଚେକ୍ ରିପବ୍ଲିକ୍ ଏବଂ ମାଲ୍ଟା ଆଦି ଦେଶରେ କମ୍ ସଂଖ୍ୟାରେ ବୈଅତ୍ ହୋଇଛି । ଆମେରିକୀୟ ବ୍ଲକ୍‌ରେ କାନାଡା ଠାରେ ଅଧିକ ବୈଅତ୍ ହୋଇଛି, ତା'ପରେ ଆମେରିକା ରହିଛି । ପାରାଗୁଏ, ମେକ୍ସିକୋ, ବେଲିଜ୍, ହୈଇତି, ଗାୟାନା, ପୁଏର୍ଟୋରିକୋ, ବ୍ରାଜିଲ, ଏଲ୍ ସାଲଭାଡୋର, ସୁରିନାମ, ପାନାମା, ଚିଲି, ଭେନେଜୁଏଲା ଆଦି ଦେଶ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ଆଷ୍ଟ୍ରେଲିଆ ମହାଦେଶରେ ସର୍ବ ପ୍ରଥମେ ଅଷ୍ଟ୍ରେଲିଆ ରହିଛି । ତା'ପରେ ଫିଜି, ତା'ପରେ ନ୍ୟୁଜିଲ୍ୟାଣ୍ଡ ଏବଂ ସାଲୋମିନ୍ ଦ୍ୱୀପସମୂହ ରହିଛନ୍ତି । ଆରବ ଦେଶଗୁଡ଼ିକରେ ମଧ୍ୟ ବୈଅତ୍ ହୋଇଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଯେ, ବୈଅତ୍ ସମ୍ପର୍କରେ କେତେକ ଘଟଣା ରହିଛି । ଏହି ଘଟଣାଗୁଡ଼ିକ ଲୋକଙ୍କ ଆଗ୍ରହର କାରଣ ହୋଇଥାଏ ତେଣୁ ମୁଁ କେତେକ ଘଟଣା ଶୁଣାଉଛି ।

ବୈଅତ୍‌ର ଘଟଣାବଳୀ ରେଡିଓ ମାଧ୍ୟମରେ ପ୍ରଚାର :

ଲାଇବେରିଆର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ମୋମି କାଓଣ୍ଟନୀର ଜଣେ ଚିଫ୍ ଇମାମ୍ (ମୁଖ୍ୟ ଧର୍ମଗୁରୁ) ଜମାଅତ୍ ବିରୋଧରେ ମନରେ ନକାରାତ୍ମକ ଧାରଣା ପୋଷ କରୁଥିଲେ ଏବଂ ଭାବୁଥିଲେ ଯେ, ଅହମଦିମାନଙ୍କର କଲ୍ମା ଅଲଗା ଅଟେ। ସେମାନେ (ମୁହଁ ମୋଡ଼ନ୍ତି) ରସୁଲୁଲ୍ଲାଃ ସ.ଅଙ୍କ ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ ପରମ୍ପରା) ଅନୁସରଣ କରୁ ନାହାନ୍ତି । ତାଙ୍କ ଅଞ୍ଚଳରେ ଏପର୍ଯ୍ୟନ୍ତ ପ୍ରଚାର ହୋଇପାରି ନଥିଲା କାରଣ ସେ କଥା ଶୁଣିବାକୁ ମଧ୍ୟ ପ୍ରସ୍ତୁତ ନଥିଲେ । ଦିନେ ସଂଯୋଗବଶତଃ (ଦୈବାତ୍) ଇମାମ୍ ସାହେବ ରେଡିଓ ଶୁଣୁ ଶୁଣୁ ଜମାଅତ୍ ଅହମଦିୟାର କାର୍ଯ୍ୟକ୍ରମ ଶୁଣିବାକୁ ପାଇଲେ । ସେହି ସମୟରେ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍‌ର ଆଲୋକରେ ଅତ୍ୟନ୍ତ ସୁନ୍ଦର ଓ ଯୁକ୍ତିଯୁକ୍ତ ଭାବେ ଇସ୍‌ଲାମ୍ ଧର୍ମର ସୌନ୍ଦର୍ଯ୍ୟ ଶିକ୍ଷା ବର୍ଣ୍ଣନା କରାଯାଉଥିଲା । ସିରତୁନ୍ ନବୀ ସ.ଅ ଉପରେ ଆଲୋଚନା ଚାଲିଥିଲା । ତାଙ୍କୁ ଏହି କାର୍ଯ୍ୟକ୍ରମ ବହୁତ ଭଲ ଲାଗିଲା । ତେଣୁ ସେ ନିୟମିତ ଭାବେ ଜମାଅତ୍‌ର କାର୍ଯ୍ୟକ୍ରମ ଶୁଣିବା ଆରମ୍ଭ କଲେ ଯାହା ତାଙ୍କ ହୃଦୟ ଓ ମନ ଉପରେ ଗଭୀର ପ୍ରଭାବ ପକାଇଥିଲା । ସେ ନିଜେ ଆମର ପ୍ରଚାରକ (ମୁବଲ୍ଲିଗ୍) ସାହେବଙ୍କୁ ନିମନ୍ତ୍ରଣ କଲେ ଯେ, ସେ ଆସି ସେମାନଙ୍କ ମସଜିଦ୍‌ରେ ଶୁକ୍ରବାର ନମାଜ୍ (ଜୁମା) ପାଠ କରାନ୍ତୁ ଏବଂ ଲୋକମାନଙ୍କୁ ଜମାଅତ୍‌ର ବିଶ୍ୱାସ ତଥା ଆଦର୍ଶ ବିଷୟରେ ବୁଝାନ୍ତୁ । ଅତଏବ୍ ଆମର ମୁବଲ୍ଲିଗ୍ ସାହେବ ନିଜ ପ୍ରଚାରକ ଦଳକୁ ନେଇ ସେହି ଗ୍ରାମରେ ପହଞ୍ଚିଲେ, ନମାଜ୍ ପାଠ କରାଇଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଇମାମ୍ ମହଦୀ ଅ.ସଙ୍କ ଆଗମନ ଓ ଇସ୍‌ଲାମ୍ ଧର୍ମର ପୁନରୁତ୍ଥାନ ବିଷୟରେ କଥା ହେଲେ । ତା'ପରେ ଇମାମ୍ ସାହେବ ଛିଡ଼ା ହୋଇ ଜମାଅତ୍‌ରେ ସାମିଲ୍ ହେବାର ଘୋଷଣା କଲେ । ଯେହେତୁ ସେ ନିଜ ଅଞ୍ଚଳର ମୁଖ୍ୟ ଇମାମ୍ ଥିଲେ ତେଣୁ ତାଙ୍କ ପ୍ରଭାବ ଯୋଗୁଁ ଆଉ ଦୁଇଟି ଗ୍ରାମର ଲୋକମାନେ ମଧ୍ୟ ତାଙ୍କ ସହ ଅହମଦିୟତ୍‌ରେ ପ୍ରବିଷ୍ଟ ହେଲେ । ଏହିପରି ଭାବରେ ଗୋଟିଏ ଦିନରେ ତିନୋଟି ଗ୍ରାମରେ ଅହମଦିୟତ୍‌ର ଚାରାରୋପଣ ହେଲା ।

ସ୍ୱପ୍ନ ମାଧ୍ୟମରେ ମାର୍ଗଦର୍ଶନ:

ଚାଡ୍‌ରେ ଆମର ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ସେ ଅନେକ ସମୟ ଧରି ନିଜ ଭଉଣୀଙ୍କୁ ପ୍ରଚାର କରୁଥିଲେ । ଯେତେବେଳେ ବି ଜମାଅତ୍‌ର ସନ୍ଦେଶ ଦିଆଯାଉଥିଲା ସେତେବେଳେ ସେ କହୁଥିଲେ ଯେ, ଅଲ୍ଲାଃତାଲା ମୋତେ ସଠିକ୍ ରାସ୍ତା ଦେଖାନ୍ତୁ କିମ୍ବା ଅଲ୍ଲାଃ ଆପଣମାନଙ୍କୁ ମାର୍ଗଦର୍ଶନ କରନ୍ତୁ । ମୁଅଲ୍ଲିମ୍ ସାହେବଙ୍କ ପରିବାରର ଅଧିକାଂଶ ଲୋକ ଜମାଅତ୍‌ର ବିରୋଧୀ ଥିଲେ । ସେହି ମହିଳା ଜଣକ ବର୍ଣ୍ଣନା କରନ୍ତି ଯେ, କିଛି ଦିନ ପୂର୍ବରୁ ମୁଁ ଦିନ ସମୟରେ ଅଲ୍ଲାଃଙ୍କ ଚର୍ଚ୍ଚାରେ ଯେତେବେଳେ ମଗ୍ନ ଥିଲି ସେତେବେଳେ ମୁଁ କଶ୍‌ଫ୍ (ଆଧ୍ୟାତ୍ମିକ ଦୃଶ୍ୟ ବା ତନ୍ଦ୍ରାବସ୍ଥାମୂଳକ ଅବସ୍ଥା) ରେ ଜଣେ ବୁଜୁର୍ଗ (ମହାନ୍ ବ୍ୟକ୍ତି)ଙ୍କୁ ଦେଖିଲି ଏବଂ ସାଙ୍ଗରେ ଏହି ସ୍ୱର ଶୁଣିବାକୁ ପାଇଲି ଯେ, 'ଅଲ୍-ଇମାମୁ ହୁଜ୍ଜାହ୍' (ଇମାମ୍ ହିଁ ପ୍ରମାଣ ଅଟନ୍ତି) । ଯେତେବେଳେ ମୁଁ ନିଜ ଭାଇଙ୍କୁ ଦେଖା କରିବାକୁ ଘରକୁ ଗଲି ସେତେବେଳେ ତାଙ୍କ ମୋବାଇଲ୍‌ରେ ଏକ ଫଟୋ ଦେଖି ପଚାରିଲି ଏ କିଏ ? ଭାଇ ଉତ୍ତର ଦେଲେ ଯେ, ଏ ହେଉଛନ୍ତି ହ. ମସିହ୍ ମଉଦ୍ ଅ.ସ । ମୁଁ ଭାଇଙ୍କୁ କହିଲି, ଭାଇ ! କିଛି ଦିନ ପୂର୍ବେ ଦିନ ସମୟରେ ମୁଁ କଶ୍‌ଫ୍‌ରେ (ତନ୍ଦ୍ରାବସ୍ଥା ମୂଳକ ସ୍ୱପ୍ନ) ଏହି ସଚ୍ଚାତ୍ମାଙ୍କୁ ହିଁ ଦେଖିଥିଲି ଏବଂ ଏହି ସ୍ୱର ଶୁଣିଥିଲି । ବର୍ତ୍ତମାନ ଅଲ୍ଲାଃତାଲା ମୋତେ ମାର୍ଗଦର୍ଶନ କରି ଅବଶିଷ୍ଟାଂଶ... ପୃ-8 ରେ

ପୃ-07 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଦେଇଛନ୍ତି । ତେଣୁ ମୁଁ ବୈଅତ୍ କରି ଜମାଅତ୍‌ରେ ସାମିଲ ହେଉଛି । ଉତ୍ତର କ୍ୟାମ୍‌ରୁନ୍‌ର ଏକ ସହର ହେଉଛି 'ମରୁୱା'। ସେଠାକାର ସଭାପତି (ସଦର୍) ସାହେବ ବର୍ଣ୍ଣନା କରନ୍ତି ଯେ, ସେଠାରେ ମୁଅଲ୍ଲିମ୍ ଅବୁ ବକର ସାହେବ ପିଲାମାନଙ୍କୁ ପବିତ୍ର କରୁଆନ୍ କରୀମ୍ ଓ ଧାର୍ମିକ ଶିକ୍ଷା ସଂପର୍କରେ ପାଠ ପଢାଉଥିଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଖଲିଫାମାନଙ୍କ ନାମ ମଧ୍ୟ ମୁଖସ୍ତ କରାଉଥିଲେ । ଜଣେ ଗୈର୍ ଅହମଦି (ଅଣ ଅହମଦି) ପିଲା ମଧ୍ୟ ଏହି ନାମଗୁଡ଼ିକୁ ମନେ ରଖିନେଲା । ଦିନେ ସେହି ପିଲାଟି ନିଜ ଘରେ ପାଟି କରି ଖଲିଫାମାନଙ୍କ ନାମ ପଢୁଥିଲା । ତା'ର ପିତା ଉସ୍‌ମାନ୍ ମୁହମ୍ମଦ୍ ସାହେବ ଯେତେବେଳେ ପିଲାଟି ମୋର ନାମ (ଖଲିଫାଙ୍କ ନାମ) ଦୋହରାଉଥିବାର ଶୁଣିଲେ । ସେ ଚମକି ପଡ଼ିଲେ ଏବଂ ପଚାରିଲେ ଯେ ତୁ କ'ଣ ପଢୁଛୁ ? ପିଲାଟି କହିଲା ଯେ, ମସ୍‌ଜିଦ୍‌ରେ ଆମକୁ ଏହି ନାମଗୁଡ଼ିକ ଶିଖାଯାଇଛି। ପିଲାଟିର ପିତା ଆମ ସଦର୍ ସାହେବଙ୍କ ପାଖକୁ ଗଲେ ଏବଂ ସେହି ନାମ ବିଷୟରେ ପଚାରିଲେ। ସଦର୍ ସାହେବ କହିଲେ, ମୁଅଲ୍ଲିମ୍ ସାହେବ ପିଲାମାନଙ୍କୁ ଧାର୍ମିକ ଜ୍ଞାନ ସଂପର୍କିତ ପଢ଼ାଉଛନ୍ତି ଏବଂ ଆମେ ଅହମଦି ଅଟୁ ଏବଂ ଆମର ବର୍ତ୍ତମାନର ଇମାମ୍ ହେଉଛନ୍ତି ମିର୍ଜା ମସ୍‌ରୁର୍ ଅହମଦ ସାହେବ । ଏହା ଶୁଣି ଉସମାନ୍ ସାହେବ କହିଲେ ଯେ, ମୋତେ ସ୍ୱପ୍ନରେ ଏହି ନାମ 'ମସ୍‌ରୁର୍ ଅହମଦ' ଶୁଭାଯାଇଥିଲା । ମୋତେ ସ୍ୱର ଆସିଥିଲା ଯେ, 'ମସ୍‌ରୁର୍ ଅହମଦଙ୍କ ଆଜ୍ଞାପାଳନ କର ଏବଂ ତାଙ୍କ ସହ ଯୋଡ଼ି ହୋଇଯାଅ' । ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଥିଲି ଯେ, ଏ କିଏ ! ଆଜି ଯେତେବେଳେ ନିଜ ପିଲା ମୁହଁରୁ ଏହି ନାଁ ଶୁଣିଲି ସେତେବେଳେ ମୁଁ ଆପଣଙ୍କ ପାଖକୁ ଆସିଲି । ଏହା ପରେ ଉସ୍‌ମାନ୍ ସାହେବ ସାହେବ ମୁଅଲ୍ଲିମ୍ ଅବୁବକରଙ୍କ ସହିତ ସମ୍ପର୍କ ଏବଂ ଯୋଗାଯୋଗ ରଖିଲେ । ପ୍ରଶ୍ନୋତ୍ତର ହେଲା ପୁସ୍ତକ ମଧ୍ୟ ଅଧ୍ୟୟନ କଲେ ଏବଂ ସନ୍ତୁଷ୍ଟ ହେବା ପରେ ବୈଅତ୍ କରିନେଲେ ।

ଅହମଦିମାନଙ୍କ ଉତ୍ତମ ଆଚରଣ ଦ୍ୱାରା ପ୍ରଚାର:

ମାୟୋଟ୍ ଦ୍ୱୀପର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଜଣେ ମହିଳା ବହୁ ସମୟରୁ ଜେରେ ତବଲିଗ୍ (ପ୍ରଚାରାଧୀନ) ଥିଲେ । କିନ୍ତୁ ଅହମଦିୟତ୍ ଗ୍ରହଣ କରିବାକୁ ସେ ଦ୍ୱିଧାବୋଧ କରୁଥିଲେ । ଆମର ସଦସ୍ୟମାନେ ଧୈର୍ଯ୍ୟ ଓ ନିଷ୍ଠାର ସହିତ ନିଜର ପ୍ରଚେଷ୍ଟା ଜାରି ରଖିଥିଲେ । ଆମେ ତାଙ୍କୁ ଆମର ଏକ ସମାବେଶ (ଇଜ୍‌ତିମା)ରେ ଯୋଗଦେବାକୁ ଆମନ୍ତ୍ରିତ କଲୁ । ପ୍ରଥମେ ସେ ନିମନ୍ତ୍ରଣ ଗ୍ରହଣ କଲେ ନାହିଁ । ମାତ୍ର ପରେ ସମାବେଶରେ ଯୋଗଦେଲେ । ସମାବେଶରେ ଭାଇଚାରା(ଭ୍ରାତୃତ୍ୱତା)ର ପରିବେଶ, ଜମାଅତ୍‌ର ସ୍ନେହପୂର୍ଣ୍ଣ ଆତ୍ମୀୟତା ଏବଂ ବକ୍ତାମାନଙ୍କ ସାରଗର୍ଭକ ଭାଷଣ ଦ୍ୱାରା ସେ ବେଶ୍ ପ୍ରଭାବିତ ହେଲେ । ପରଦିନ ହିଁ ସେ ଆମ ସହ ଯୋଗାଯୋଗ କଲେ ଏବଂ ବୈଅତ୍ କରି ଇସ୍‌ଲାମ୍ ଅହମଦିୟତ୍‌ରେ ସାମିଲ ହେଲେ ।

ବିରୋଧୀମାନଙ୍କର ଅହମଦିୟତ୍ ଗ୍ରହଣ:

କଙ୍ଗୋ କିନ୍‌ଶାସାର ଜଣେ ସ୍ଥାନୀୟ ପ୍ରଚାରକ (ଲୋକାଲ୍ ମିଶ୍‌ନରୀ) କୁହନ୍ତି ଯେ, ଜଣେ ସୁନ୍ନୀ ଇମାମ୍ ତାଙ୍କୁ ଫୋନ୍ କଲେ ଯେ, ରେଡିଓରେ ଆପଣଙ୍କ ମସୀହ୍‌ଙ୍କ ଆଗମନ ସମ୍ପର୍କରେ ଆଲୋଚନା ଶୁଣିଲି ଯେଉଁଥିରେ ଆପଣ ମିର୍ଜା ଗୁଲାମ ଅହମଦ ଅ.ସଙ୍କୁ ସାଂପ୍ରତିକ ଯୁଗର ପ୍ରତିଶୃତ ଓ ଅଙ୍ଗୀକୃତ ମସିହ୍ ଭାବେ ଉପସ୍ଥାପନ କଲେ। ଏହି କଥା ମୋ ହୃଦୟରେ ବ୍ୟାକୁଳତା ସୃଷ୍ଟି କରିଛି । ମୁଁ ବର୍ତ୍ତମାନ ରୋଗାକ୍ରାନ୍ତ ଅଛି। ଆପଣ ମୋ ପାଖକୁ ଆସନ୍ତୁ ଏପରି ନ ହେଉ ଯେ, ମୁଁ ସନ୍ଦେହ ଓ ସଂଶୟ ସହ ମୃତ୍ୟୁବରଣ କରିବି। ଲୋକାଲ୍ ମିଶନରୀ ସାହେବ ତାଙ୍କ ପାଖକୁ ଗଲେ, ଆଲୋଚନା ହେଲା ଏବଂ ସେହି ମହୋଦୟ ଜମାଅତ୍‌ର ସନ୍ଦେଶ ଗ୍ରହଣ କଲେ । ସେ ପ୍ରକାଶ କଲେ ଯେ, ଆଜିଠାରୁ ସେ ଏହି ସନ୍ଦେଶକୁ ନିଜର ଅନୁଗାମୀମାନଙ୍କ ମଧ୍ୟରେ ମଧ୍ୟ ପ୍ରସାରିତ କରିବେ । ସେ ଆହୁରି କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ଠାରୁ ସେହି ବିରୋଧ ପାଇଁ କ୍ଷମା ପ୍ରାର୍ଥନା କରୁଛି ଯାହା ମୁଁ ପୂର୍ବେ ହ. ମିର୍ଜା ଗୁଲାମ ଅହମଦ ଅ.ସଙ୍କ ବିରୁଦ୍ଧରେ କରୁଥିଲି।

ଅହମଦିମାନଙ୍କ ସଦାଚାରୀତା (ଉତ୍ତମ ଆଚରଣ) :

ଜିମ୍ବାବୱେ ଜମାଅତ୍‌ର ସଭାପତି ଉଲ୍ଲେଖ କରନ୍ତି ଯେ, ଏଠାରେ ଜଣେ ବନ୍ଧୁ ବୈଅତ୍ କଲେ । ଅହମଦିୟତ୍ ଗ୍ରହଣ କରିବା ପୂର୍ବରୁ ସେ ନିଶାଦ୍ରବ୍ୟ ବ୍ୟବହାର କରୁଥିଲେ। ଏପରି ପରିସ୍ଥିତିରେ ନିଶାଗ୍ରସ୍ତ (ନିଶାସକ୍ତ) ଥିବା ସତ୍ତ୍ୱେ ଆମର ଦୁଇଜଣ ସଦସ୍ୟ ତାଙ୍କ ସହ ଯୋଗାଯୋଗରେ ରହିଥିଲେ । ତାଙ୍କୁ ଜମାଅତ୍‌ର କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରୁଥିଲେ ଏବଂ କେବେ କେବେ ଶୁକ୍ରବାର ନମାଜ୍ ପାଇଁ ନେଇ ଆସୁଥିଲେ । ବୈଅତ୍ କରିବା ପରେ ସେ କହିଲେ ଯେ, ଯେଉଁ ଜିନିଷ ମୋତେ ଅହମଦି ବନାଇଲା ତାହା ହେଉଛି ଅହମଦିମାନଙ୍କ ସଦ୍‌ବ୍ୟବହାର । **ଶୁକ୍ରବାର ନମାଜ ପାଠ:** ସେଣ୍ଟ୍ରାଲ୍ ଆଫ୍ରିକାର ଜଣେ ନବ ଦୀକ୍ଷିତ ମହୋଦୟ ଅଟନ୍ତି, ସେ କୁହନ୍ତି ଯେ, ମୁଁ ମୋ ବନ୍ଧୁଙ୍କ ସହ ଶୁକ୍ରବାର ନମାଜ୍ ପାଠ କରିବାକୁ ଯାଉଥିଲି । ଗୋଟିଏ ମସ୍‌ଜିଦ୍ ପାଖ ଦେଇ ଯିବା ସମୟରେ ମୁଁ ମୋ ବନ୍ଧୁଙ୍କୁ କହିଲି, ଆରେ ଏଇଟା ତ' ଏହା ପାଖ ମସଜିଦ୍ ଅଟେ। ଆମେ ଏଠାରେ ଜୁମା ନମାଜ ପାଠ କରିନେବା ଉଚିତ୍ । ମୋ ବନ୍ଧୁ କହିଲେ, ନା, ଏଇଟା ଅହମଦିମାନଙ୍କ ମସଜିଦ୍ ଅଟେ । ସେମାନଙ୍କ ଇସ୍‌ଲାମ୍ ଅଲଗା ଏବଂ ଆମର ଅଲଗା। କିନ୍ତୁ ମୋ ହୃଦୟରେ ତାଙ୍କ କଥା ପ୍ରତି କୌତୂହଳ ସୃଷ୍ଟି ହେଲା ଯେ, ଏହା କିପରି ସମ୍ଭବ ଯେ, ଅଲଗା ଅଲଗା ଇସ୍‌ଲାମ୍ ଧର୍ମ ଅଛି ? ତେଣୁ ପରବର୍ତ୍ତୀ ଶୁକ୍ରବାର ଦିନ ମୁଁ ଅହମଦିମାନଙ୍କ ମସ୍‌ଜିଦ୍‌ରେ ନମାଜ୍ ପଢ଼ିବାକୁ ନିଷ୍ପତ୍ତି ନେଲି। ମସ୍‌ଜିଦ୍‌ରେ ପ୍ରବେଶ କରି ଦେଖିଲି ଯେ, ସେହି ସମାନ ଅଜାନ୍, ସେହି ସମାନ ନମାଜ୍ ଏବଂ ତତ୍‌ସହିତ ଏଠାରେ ଭାଷଣ (ଖୁତ୍‌ବା) ମଧ୍ୟ ସହଜ ଶୈଳୀରେ ଥିଲା। ତେଣୁ ମୁଁ ବୈଅତ୍ କରି ଜମାଅତ୍ ଅହମଦିୟାରେ ପ୍ରବିଷ୍ଟ ହେଲି ଏବଂ ଅଲ୍ଲାଃଙ୍କ କୃପାରୁ ନିୟମିତ ନମାଜି (ନମାଜ ପାଠକାରୀ) ହୋଇଗଲି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପରିଶେଷରେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କର ଏକ ଉଦ୍ଧୃତି (ଆଲେଖ୍ୟ) ପାଠ କରୁଛି । ଆପଣ ଅ.ସ କୁହନ୍ତି: "ନିବୃତ୍ତ ହୋଇଯାଅ ଏବଂ ଏହି କ୍ରୋଧକୁ ଡର ଏବଂ ନିଶ୍ଚିତ ଭାବେ ବୁଝିନିଅ ଯେ, ତୁମେ ନିଜର ଉପଦ୍ରବପୂର୍ଣ୍ଣ କାର୍ଯ୍ୟକଳାପ ଉପରେ ମୋହର ଲଗାଇ ସାରିଛ । ଯଦି ଈଶ୍ୱର ତୁମ ସହିତ ଥାଆନ୍ତେ ତେବେ ତୁମର ଏତେ ପ୍ରତାରଣାର କୌଣସି ଆବଶ୍ୟକତା ନଥାଆନ୍ତା । ତୁମମାନଙ୍କ ମଧ୍ୟରୁ କେବଳ ଜଣେ ବ୍ୟକ୍ତିଙ୍କ ପ୍ରାର୍ଥନା (ଦୁଆ) ମୋତେ ନଷ୍ଟ କରି ଦେଇଥାନ୍ତା । କିନ୍ତୁ ତୁମମାନଙ୍କ ମଧ୍ୟରୁ କାହାର ପ୍ରାର୍ଥନା ମଧ୍ୟ ଆକାଶ ପର୍ଯ୍ୟନ୍ତ ପହଞ୍ଚିପାରିଲା ନାହିଁ । ବରଂ ପ୍ରାର୍ଥନାର ପ୍ରଭାବ ଏହା ହେଲା ଯେ ଦିନକୁ ଦିନ ତୁମର ହିଁ ବିନାଶ ହେଉଛି । ତୁମେ ଦେଖିପାରୁ ନାହଁ କି ତୁମେ କମିବାରେ ଲାଗିଛ ଏବଂ ଆମେ ବଢ଼ିବାରେ ଲାଗିଛୁ ? (ଅର୍ଥାତ୍ ତୁମମାନଙ୍କର ସଂଖ୍ୟା ହ୍ରାସ ପାଉଛି ଏବଂ ଆମମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି) ଯଦି ତୁମର ପଦକ୍ଷେପ କୌଣସି ସତ୍ୟତା ଉପରେ ଥାଆନ୍ତା ତେବେ ଏହି ପ୍ରତିଯୋଗିତାରେ ତୁମର ପରିଣାମ ଏପରି ହୋଇଥାନ୍ତା କି?' ଆପଣ ଅ.ସ କୁହନ୍ତି: 'ହେ ଅଜ୍ଞ ଜାତି ! ଏହି ସିଲ୍‌ସିଲା (ସମ୍ପ୍ରଦାୟ) ଆକାଶରୁ ସ୍ଥାପିତ ହୋଇଛି । ତୁମେ ଈଶ୍ୱରଙ୍କ ସହିତ ଯୁଦ୍ଧ କର ନାହିଁ । ତୁମେମାନେ ଏହାକୁ ସମାପ୍ତ କରିପାରିବ ନାହିଁ । ଏହାର ବିଜୟ ସଦାସର୍ବଦା ନିଶ୍ଚିତ ଅଟେ । ତୁମେମାନେ ନିଜ ଆତ୍ମା ଉପରେ ଅତ୍ୟାଚାର କର ନାହିଁ ଏବଂ ଏହି ସଂପ୍ରଦାୟକୁ ଅବହେଳା ଓ ଅନାଦର ଦୃଷ୍ଟିରେ ଦେଖ ନାହିଁ । କାରଣ ଏହି ସଂପ୍ରଦାୟ ଈଶ୍ୱରଙ୍କ ତରଫରୁ ତୁମର ସଂସ୍କାର ପାଇଁ ସୃଷ୍ଟି ହୋଇଛି ଏବଂ ନିଶ୍ଚିତ ଭାବେ ବୁଝିନିଅ ଯେ ଯଦି ଏହି କାର୍ଯ୍ୟ ମଣିଷର ହୋଇଥାନ୍ତା ଏବଂ କୌଣସି ଅଦୃଶ୍ୟ ହାତ ଏହା ସହିତ ନଥାଆନ୍ତା ତେବେ ଏହି ସଂପ୍ରଦାୟ କେବେଠାରୁ ଧ୍ୱଂସ ପାଇ ସାରନ୍ତାଣି । ଏପରି ମିଥ୍ୟାବାଦୀ ଏତେ ଶୀଘ୍ର ବିନଷ୍ଟ ହୋଇଯାଆନ୍ତା ଯେ, ବର୍ତ୍ତମାନ ତା'ର ଅସ୍ଥି(ହାଡ଼)ର ଚିହ୍ନ ବର୍ଣ୍ଣ ମଧ୍ୟ ମିଳନ୍ତା ନାହିଁ। ତେଣୁ ନିଜର ବିରୋଧାଚରଣ କାର୍ଯ୍ୟ ଉପରେ ପୁନର୍ବିଚାର କର । ଅନ୍ତତଃ ଏତିକି ତ' ଚିନ୍ତା କର ଯେ, ହୁଏତ କୌଣସି ଭୁଲ୍ ହୋଇଯାଇଥିବ ଏବଂ ହୁଏତ ତୁମର ଏହି ଯୁଦ୍ଧ ଈଶ୍ୱରଙ୍କ ସହିତ ହୋଇପାରେ ।" ଈଶ୍ୱର କରନ୍ତୁ କି ସମଗ୍ର ଦୁନିଆ ଏବଂ ବିଶେଷ କରି ମୁସ୍‌ଲିମ୍ ଜଗତ ଏହି ସନ୍ଦେଶକୁ ବୁଝନ୍ତୁ ଏବଂ ସେହି ହାତ ଉପରେ ଏକାଠି ହୁଅନ୍ତୁ ଯାହାକୁ ଅଲ୍ଲାଃତାଲା ଏହି ଯୁଗରେ ମୁସଲମାନମାନଙ୍କୁ ଏକତାର ସୂତ୍ରରେ ବାନ୍ଧିବା ପାଇଁ ପଠାଇଛନ୍ତି । ଯାହାଙ୍କୁ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ପ୍ରକୃତ ଦାସତ୍ୱରେ ଘିନି ଆଣିବା ପାଇଁ ପଠାଇଛନ୍ତି । ଅଲ୍ଲାଃତାଲା ଆମକୁ ମଧ୍ୟ ନିଜର ଦାୟିତ୍ୱ ନିର୍ବାହ (ସମ୍ପାଦନ) କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ । ଅସ୍-ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବରକାତୁହୁ ।** ☆☆☆



ଗତ ସଂଖ୍ୟା 41,ପୃ-10, 11ରେ ପ୍ରକାଶିତ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଖୁତବା ଜୁମା 28-8-26ର ଅବଶିଷ୍ଟାଂଶ.....

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ କଥାରେ, ପ୍ରତ୍ୟେକଙ୍କ ସହିତ କୌଣସି ଛୋଟ ଜିନିଷ ମଧ୍ୟ ହେଉ ନା କାହିଁକି ଆପଣ ଅ.ସ ସର୍ବଦା କୃତଜ୍ଞତା ଜ୍ଞାପନ କରୁଥିଲେ। ଏ ସଂପର୍କରେ ଏକ ଘଟଣା ଅଛି । ହଜରତ୍ ମିଆଁ ମୀରାଁ ବକ୍ସ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଏହି ବିନୀତ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଏବଂ ମେହ୍‌ଦୀ ମାହୁଦ୍ ଅ.ସଙ୍କ ବୈୟତ୍‌ରେ ପ୍ରାୟ 1897 ମସିହା କିମ୍ବା 1898 ମସିହାରେ ଆସିଥିଲା । କିନ୍ତୁ ନିଜ ପିତାଙ୍କ ଆଗରେ କିଛି ସମୟ ପର୍ଯ୍ୟନ୍ତ ଏହି କଥା ପ୍ରକାଶ କଲା ନାହିଁ । ଶେଷରେ ଆଉ କେତେଦିନ ପର୍ଯ୍ୟନ୍ତ ଲୁଚାଯାଇ ପାରିଥାନ୍ତା । ଭେଦ ଅବଶିଷ୍ଟାଂଶ... ପୃ-9 ରେ

ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)



ପୃ-08 ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

ଯେତେବେଳେ ଖୋଲିଗଲା ସେତେବେଳେ ପିତା ବିନୀତକୁ ସ୍ପଷ୍ଟ ଉତ୍ତର ଦେଇ ଘରୁ ବାହାର କରିଦେଲେ ଯେ, ତୁମେ ଅହମଦି ହୋଇଯାଇଛ । ତୁମେ ଘରୁ ବାହାରି ଯାଅ । ବିନୀତ ଜୀବିକା ପ୍ରଦାନକାରୀ ଈଶ୍ୱରଙ୍କ ଉପରେ ଭରସା କରି ଏକ ଅଲଗା ଦୋକାନ ଭଡ଼ାରେ ନେଲା । ଦାରିଦ୍ର୍ୟତା ତ' ଥିଲା କିନ୍ତୁ ମନରେ ଆଗ୍ରହ ଥିଲା ଯେ, ଯେକୌଣସି ପ୍ରକାରେ ହେଉ ହ. ଅକଦସ୍ ଅ.ସଙ୍କ ପାଇଁ ନିଜ ସାମର୍ଥ୍ୟ ଅନୁଯାୟୀ ଏକ ପୋଷାକ ତିଆରି କରି ବି ଏବଂ ନିଜ ହାତରେ ସିଲେଇ କରିବି । (ଯେହେତୁ ସେ ଜଣେ ଦର୍ଜି ଥିଲେ) ଉକ୍ତ ପୋଷାକ ହୁଜୁର ଅ.ସଙ୍କ ସେବାରେ ଉପସ୍ଥାପିତ କରାଯାଉ। ତେଣୁ ଏହି ଚିନ୍ତାଧାରାରୁ ସେ କୁହନ୍ତି ଯେ, ମୁଁ ମଲ୍‌ମଲ୍‌ର ଏକ କୁର୍ତ୍ତା, ଲଠାର ଏକ ସଲୱାର, ଏକ କଳା ରଙ୍ଗର କୋଟ୍ ଏବଂ ମଲମଲର ଏକ ପଗଡ଼ି କିଣି ନିଜ ହାତରେ ସିଲେଇ କରି ପୋଷାକ ପ୍ରସ୍ତୁତ କରିନେଲି ଏବଂ ପାବନ ଭୂମି କାଦିୟାନ୍‌ର ଭଡ଼ା ଏଣୁ ତେଣୁ ଯୋଗାଡ଼ କରି କାଦିୟାନ୍ ପହଞ୍ଚିଗଲି । ଦ୍ୱିତୀୟ ଦିନ ଶୁକ୍ରବାର ଥିଲା । ତେଣୁ ଧାରଣା ଥିଲା ଯେ, ଯଦି ସମ୍ଭବ ହୁଏ ତେବେ ଏହି ନଗଣ୍ୟ ବ୍ୟକ୍ତି ଏହି ଗରିବସୁଲଭ ଉପହାରକୁ ଆଜି ହିଁ ହୁଜୁର ଅ.ସଙ୍କ ସେବାରେ ପହଞ୍ଚାଇ ଦିଏ ତେବେ ହୁଏତ ହୁଜୁର ଅ.ସ ଶୁକ୍ରବାର ନମାଜ୍ ପୂର୍ବରୁ ହିଁ ପିନ୍ଧି ଏହି ଦରିଦ୍ରର ମନକୁ ଖୁସି କରିଦିଅନ୍ତୁ । ଅତଏବ୍ ଏହି ଚିନ୍ତାଭାବନା ମଧ୍ୟରେ କାଜୀ ଜିଆଉଦ୍ଦୀନ୍ ସାହେବଙ୍କ ଦୋକାନରେ ପହଞ୍ଚିଗଲି ଏବଂ ତାଙ୍କ ଆଗରେ ନିଜମନର ଇଚ୍ଛା ପ୍ରକାଶ କରିଦେଲି । ସେ ଶୁଣିବାମାତ୍ରେ କହିବାକୁ ଲାଗିଲେ ଯେ, ଚାଲ ମିଆଁ ମୁଁ ତୁମକୁ ହୁଜୁର ଅ.ସଙ୍କ ସେବାରେ ପହଞ୍ଚାଇ ଦେଉଛି। ତଦନୁସାରେ ସେ ସେହି ସମୟରେ ଉଠି ମୋତେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ନେଇଗଲେ । ସେତେବେଳେ ହୁଜୁର ଅ.ସ ଏକ ତଖ୍‌ତ୍‌ପୋଷ (ଚୌକି) ଉପରେ ବସିଥିଲେ ଏବଂ କିଛି ଲେଖୁଥିଲେ ଏବଂ ଖ୍ୱାଜା କମାଲୁଦ୍ଦୀନ୍ ସାହେବ ତଖ୍‌ତ୍‌ପୋଷ (ଚୌକି) ସାମ୍ନାରେ ଏକ ମାଠିଆ ଉପରେ ବସିଥିଲେ । ଆମେ ଦୁହେଁ ମଧ୍ୟ ସେଠାରେ ଖ୍ୱାଜା ସାହେବଙ୍କ ପାଖରେ ବସିଗଲୁ । ଖ୍ୱାଜା ସାହେବ ପଚାରିଲେ ଯେ ଏହି ସମୟରେ ଆପଣ କିପରି ଆସିଲେ ? ତେଣୁ କାଜୀ ସାହେବ ମୋର ଇଚ୍ଛା ପ୍ରକାଶ କରିଦେଲେ। ଖ୍ୱାଜା ସାହେବ ଅଳ୍ପ ସମୟ ତ' ନିରବ ରହିଲେ, ପୁଣି ମୋ ଆଡ଼କୁ ସମ୍ବୋଧନ କରି କହିଲେ, କାହିଁକି ମିଆଁ, ମୁଁ ତୁମର ଓକିଲାତି କରିଦେବି କି? ଖ୍ୱାଜା ସାହେବ ଜଣେ ଓକିଲ ଥିଲେ, ଇତ୍ୟବସରରେ ମଧ୍ୟ ସେ ନିଜର ପେଷାଗତ (ବୃତ୍ତିଗତ) ଶବ୍ଦଗୁଡ଼ିକ ହିଁ ବ୍ୟବହାର କଲେ । ସେ କୁହନ୍ତି: "ତେଣୁ ମୁଁ କହିଲି ଏହା ତ' ଆପଣଙ୍କର ଅତ୍ୟନ୍ତ ଦୟା ହେବ, ଓକିଲାତି କରିଦିଅନ୍ତୁ । ପ୍ରତ୍ୟୁତ୍ତରରେ ଖ୍ୱାଜା ସାହେବ ମୋ ଠାରୁ ସେହି ପୋଷାକଗୁଡ଼ିକ ନେଇ ହୁଜୁର ଅ.ସଙ୍କୁ ଉପସ୍ଥାପିତ କଲେ ଏବଂ ତତ୍‌ସହିତ ଏହା ମଧ୍ୟ କହିଲେ ଯେ, ହୁଜୁର୍ ! ଏହି ପିଲାଟିର ଇଚ୍ଛା ଅଛି ଯେ, ହୁଜୁର ଅ.ସ ଏହି ପୋଷାକଟି ପିନ୍ଧି ଶୁକ୍ରବାର ନମାଜ ପଢ଼ନ୍ତୁ । ଖ୍ୱାଜା ସାହେବଙ୍କ ଉକ୍ତ କଥା ଶୁଣି ହୁଜୁର ଅ.ସ ଫେଜ୍ ଗଞ୍ଜୁର (ସମ୍ମାନସ୍ପଦ) ପୋଷାକଗୁଡ଼ିକ ଉଠାଇ ପିନ୍ଧିବା ଆରମ୍ଭ କରିଦେଲେ, କିନ୍ତୁ ଯେତେବେଳେ କୋଟ୍ ପିନ୍ଧିଲେସେତେବେଳେ ତାହା ବହୁତ ଛୋଟ ଥିଲା । ମୁଁ କହିଲି, ହୁଜୁର ! କୋଟ୍ ବହୁତ ଛୋଟ ଅଛି । ଯଦି ଆପଣ ଅ.ସ ଏହାକୁ ଓହ୍ଲାଇ ଦିଅନ୍ତୁ ତେବେ ମୁଁ ଏହାକୁ କିଛି ଖୋଲିଦେବି । ସେହି ସମୟରେ ସେଠାରେ ତ' ଯାହା ହେଉ ପିନ୍ଧି ନଥିବେ, ସେହି ସମୟରେ ଆପଣ ଅ.ସ ପିନ୍ଧିକି ଆସିଥିଲେ । ହୁଜୁର୍ ଅ.ସ ନିଜ କାମ ଛାଡ଼ି ଯାଇଥିଲେ ଏବଂ ପୋଷାକ ପିନ୍ଧିକି ଆସିଥିଲେ । ସେ କୁହନ୍ତି, କୋଟ୍ ଯେତେବେଳେ ପିନ୍ଧିଲେ ସେତେବେଳେ ତାହା ଛୋଟ ଥିଲା, ତେଣୁ ହୁଜୁର ଅ.ସ କୋଟ୍ ଓହ୍ଲାଇ ମୋତେ ଦେଇଦେଲେ । ମୁଁ କହିଲି ମୁଁ ଠିକ୍ କରିଦେଉଛି, ଏହା ତ' ଟିକେ ଛୋଟ ଅଛି । ସେ କୁହନ୍ତି ମୁଁ ଏହା ପରେ ଶୀଘ୍ର ଉଠି ବଜାରକୁ ଆସିଲି ଏବଂ ଦରଜି ଦୋକାନରେ ବସି କୋଟ୍‌ର ପିଠିର ସବୁ ଚାପ ଖୋଲିଦେଲି ଏବଂ ପୁଣି ହୁଜୁର ଅ.ସଙ୍କ ସେବାରେ ଉପସ୍ଥିତ ହୋଇଗଲି । ପୁଣି ହୁଜୁର ଅ.ସ ପିନ୍ଧିଲେ, କିନ୍ତୁ ବର୍ତ୍ତମାନ ମଧ୍ୟ କୋଟ୍‌ର ବୋତାମ୍‌ଗୁଡ଼ିକ ଆପେ ଆପେ ହୁଜୁର ଅ.ସଙ୍କ ଇଚ୍ଛା ଅନୁଯାୟୀ ମିଳିପାରୁ ନଥିଲା । ଅର୍ଥାତ୍ ବନ୍ଦ ହେଉ ନଥିଲା । କିନ୍ତୁ ସେ ଯାହାହେଉ ହୁଜୁର ଅ.ସ ମୋ ମନ ରଖିବା ପାଇଁ ଟାଣି ଓଟାରି ବୋତାମ୍ ଲଗାଇନେଲେ ଏବଂ କିଛି ଚିନ୍ତା ମଧ୍ୟ କଲେ ନାହିଁ ଯେ, ଏହି ପୋଷାକଗୁଡ଼ିକ ପିନ୍ଧିବା ଯୋଗ୍ୟ ଅଛି କି ନାହିଁ । **(ଅଲ୍ ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-368-369)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ସେହି ଅବସ୍ଥାରେ ପିନ୍ଧି ସେହି ପିଲାଟିର, ଯିଏ ନୂଆ ନୂଆ ଅହମଦି ହୋଇଥିଲା ଏବଂ ଉପହାର ନେଇ ଆସିଥିଲା, ତାହାର ଭାବନାକୁ ମଧ୍ୟ ଧ୍ୟାନରେ ରଖିଲେ ଏବଂ ପୁନଶ୍ଚ ତାହାର କୃତଜ୍ଞତା ମଧ୍ୟ ଜ୍ଞାପନ କଲେ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ ମିଆଁ ସୈଫୁଲ୍ଲାହ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, 'ଏକଦା ମୁଁ କାଦିୟାନ୍ ଗଲି । କିଏ ଜଣେ ବ୍ୟକ୍ତି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ସାମ୍ନାରେ ପଚାଶ ଷାଠିଏ ଟଙ୍କା ଢାଳିଦେଲେ । କିନ୍ତୁ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ସେପଟେ ଧ୍ୟାନ ମଧ୍ୟ ଦେଲେ ନାହିଁ ।" ସାଧାରଣତଃ ତ' କୃତଜ୍ଞତା ଜ୍ଞାପନ କରୁଥିଲେ, ଲୋକଙ୍କ ଦେବା ଦ୍ୱାରା । କିନ୍ତୁ ହୁଏତ ଏଥିରେ କୌଣସି ବିଶେଷ କାରଣ ଥିବ । ସେ ଯାହାହେଉ ସେ କୁହନ୍ତି ଯେ, ସେ ନଗଦ ଟଙ୍କା ଦେଲେ। ହୁଜୁର ଅ.ସ କୌଣସି ଧ୍ୟାନ ଦେଲେ ନାହିଁ ।" ଠିକ୍ ସେହି ସମୟରେ ଜଣେ ବୃଦ୍ଧା ମହିଳା (ବୁଢ଼ୀ ଲୋକ) ଯିଏ ସମ୍ଭବତଃ ହିନ୍ଦୁଣୀ ଥିଲା ଏବଂ ତା' ସାଙ୍ଗରେ ଏକ ପିଲା ମଧ୍ୟ ଥିଲା ସେ ପୋଷାକରେ ଗୁଡ଼ର ଏକ ଢେଲା ବାନ୍ଧିଥିଲା । ସେହି ସ୍ତ୍ରୀ କହିଲା ହଜୁର ! ଏହି ପିଲାଟି ଆପଣ ଅ.ସଙ୍କ ପାଇଁ ଗୁଡ଼ର ଢେଲା ଆଣିଛି। ହୁଜୁର ଅ.ସ ଏହି ପିଲା ପାଇଁ ଦୁଆ କରନ୍ତୁ । ହୁଜୁର ଅ.ସ କହିଲେ, ବହୁତ ଭଲ ଏବଂ ବହୁତ ଖୁସି ହେଲେ ଏବଂ ସେହି ପିଲାଟି ହାତରୁ ସେହି ଗୁଡ଼ର ଢେଲା କପଡ଼ା ସହିତ ନେଇନେଲେ ଏବଂ କାନ୍ଧରେ ପକାଇଦେଲେ ।"**(ରିୱାୟାତ୍ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-4 ,ପୃ-453)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ସେହି ଗରିବ ପିଲା ଠାରୁ ସେହି ସାଧାରଣ ଉପହାର ମଧ୍ୟ ନେଇ ବହୁତ ଆଦର କଲେ । ଏହାର କୃତଜ୍ଞତା ମଧ୍ୟ ଆପଣ ଅ.ସ ଜ୍ଞାପନ କଲେ ଏବଂ ତା' ପାଇଁ ଦୁଆ ମଧ୍ୟ କଲେ । ହଜରତ ମସିହ୍ ମଉଦ୍ ଅ.ସ ଅହମଦି ସଂପ୍ରଦାୟ ନାମରେ ଏକ ପତ୍ରରେ ଉଲ୍ଲେଖ କରନ୍ତି: "ସର୍ବପ୍ରଥମେ ମୋତେ ଅଲ୍ଲାଃତାଲାଙ୍କ କୃତଜ୍ଞତା ମନରେ ଜାଗ୍ରତ ହୁଏ ଯେ, ଯିଏ ମୋର ଜମାତ୍‌କୁ ସତ୍ୟ ପ୍ରେମ, ଭଲ ପାଇବା ଏବଂ ସହାନୁଭୂତି ପ୍ରଦାନ କରିଛନ୍ତି । ଯଦି ଅଲ୍ଲାଃତାଲାଙ୍କ କୃପାବତୀର୍ଣ୍ଣ ସେମାନଙ୍କ ସହିତ ନଥାନ୍ତା ତେବେ ଏହି ସାମର୍ଥ୍ୟ ଓ ସୌଭଗ୍ୟ ସେମାନଙ୍କୁ କଦାପି ପ୍ରଦାନ କରାଯାଇ ନଥାନ୍ତା ଯେ, ସେମାନେ ସାହାବା ର.ଅଙ୍କ ପଦାଙ୍କରେ ଏପରି ସ୍ତରର ଅନୁକରଣ କରନ୍ତେ ତଥା ନିଜର ଆର୍ଥିକ ଅସୁବିଧା ଏବଂ ଆୟ କମ ହେବା ସତ୍ତ୍ୱେ ମଧ୍ୟ ନିଜର ଶକ୍ତିଠାରୁ ଅଧିକ ଆର୍ଥିକ ସେବାରେ ବ୍ୟସ୍ତ ରହୁଥାଆନ୍ତେ । ମୁଁ ଦୁଆ କରୁଛି ଯେ, ଈଶ୍ୱର ଏମାନଙ୍କ ସମସ୍ତଙ୍କ ଧନସମ୍ପତ୍ତିରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ଏବଂ ଏହି ସହାୟତା ଯାହା ସେମାନେ ଧାର୍ମିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ କରୁଛନ୍ତି, ତାହାକୁ ଅଲ୍ଲାଃତାଲା ଉଭୟକାଳରେ ସେମାନଙ୍କ କଲ୍ୟାଣର କାରଣ କରନ୍ତୁ। ଆମିନ୍।"**(ମକ୍ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃ-365)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଉପଦେଶ ଦେଇ ଆପଣ ଅ.ସ କୁହନ୍ତି" :ଅଲ୍ଲାଃତାଲା ଯେଉଁମାନଙ୍କ ପ୍ରତି କୃପାବତୀର୍ଣ୍ଣ କରିଛନ୍ତି, ତା'ର କୃତଜ୍ଞତା ଏହା ହିଁ ଯେ, ତାହାଙ୍କ ସୃଷ୍ଟି ସହିତ ଉପକାର କରିବା ଏବଂ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା । ତେଣୁ ଏହି ପ୍ରଦତ୍ତ କୃପାବତୀର୍ଣ୍ଣ ଉପରେ ଅହଂକାର କରନ୍ତୁ ନାହିଁ ଏବଂ ଜଙ୍ଗଲୀ ତଥା ନୃଶଂସ ବ୍ୟକ୍ତିମାନଙ୍କ ପରି ଗରିବମାନଙ୍କୁ ଦଳି ଦିଅନ୍ତୁ ନାହିଁ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-314 ,ସଂସ୍କରଣ ବର୍ଷ-2022)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଗରୀବମାନଙ୍କୁ ସାହାଯ୍ୟ କରିବା ଆଡ଼କୁ ମଧ୍ୟ ଆପଣ ଅ.ସ ଧ୍ୟାନ ଆକର୍ଷଣ କଲେ । ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରି ଆପଣ ଅ.ସ ଲୋକଙ୍କ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ମଧ୍ୟ ବେଳେବେଳେ ପୂର୍ବରୁ ସୂଚନା ଦେଇ ଦେଉଥିଲେ ବା ବିରୋଧୀମାନଙ୍କ ସମ୍ପର୍କରେ ଅଲ୍ଲାଃତାଲାଙ୍କଠାରୁ ଜ୍ଞାନ ପାଇ ଏହା କହୁଥିଲେ ଯେ, ଏହାଙ୍କ ସହିତ ଏହା (ଏପରି ଏପରି) ଏହା ହେବ । କିନ୍ତୁ ବେଳେବେଳେ ଅଲ୍ଲାଃତାଲାଙ୍କ ଜ୍ଞାନ ଅନୁଯାୟୀ ସେଗୁଡ଼ିକ ପୂର୍ଣ୍ଣ ହେବାରେ ସମୟ ଲାଗି ଯାଉଥିଲା । ଏପରି ସମୟରେ ଆପଣ ଅ.ସ ଅସ୍ଥିର ଓ ବ୍ୟାକୁଳିତ ହୋଇ ଉଠୁଥିଲେ ଏବଂ ଦୁଆରେ ଲାଗିଯାଉଥିଲେ ଯେ, ବିରୋଧୀମାନେ ଏହା ଉପରେ ହୋହାଲ୍ଲା କରିବେ । କିନ୍ତୁ ଯେତେବେଳେ ସେହି କଥା ପୂର୍ଣ୍ଣ ହୋଇଯାଉଥିଲା ସେତେବେଳେ ଆପଣ ଅ.ସ ଅତ୍ୟନ୍ତ କୃତଜ୍ଞତାର ସହିତ ଅଲ୍ଲାଃତାଲାଙ୍କ ଦରବାରରେ ସଜ୍‌ଦାରେ ପଡ଼ିଯାଉଥିଲେ। ସୁତରାଂ ହଜରତ ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ଏକଦା ମୁଁ ବିସମ୍ବର ଦାସ, ଶରମପତ୍ ଖତ୍ରୀଙ୍କ ଭାଇଙ୍କ ସମ୍ପର୍କରେ ଏକ ଭବିଷ୍ୟବାଣୀ କରିଥିଲି ଯେ, ସେ ଏହି ଫୌଜଦାରୀ ମାମଲାରୁ ଯାହା ତାଙ୍କ ଉପରେ ଦାଏର୍ ହୋଇଥିଲା ତହିଁରୁ ମୁକ୍ତ ତ' ହେବେ ନାହିଁ କିନ୍ତୁ ଅଧା କାରାଦଣ୍ଡ ରହିବ । ଏହାପରେ ଏପରି ସଂଯୋଗ ହେଲା ଯେ, ଯେତେବେଳେ ବିସମ୍ବର ଦାସ ଅଧା ଜେଲ୍ ଦଣ୍ଡ ଭୋଗି ମୁକ୍ତ ହୋଇଗଲେ ଯେପରିକି ପୂର୍ବରୁ ଭବିଷ୍ୟବାଣୀରେ କୁହାଯାଇଥିଲା, ତେବେ ତାଙ୍କର ଉତ୍ତରାଧିକାରୀମାନେ ଘଟଣା ବିରୁଦ୍ଧରେ ଏହା ଅପପ୍ରଚାର କରିଦେଲେ ଯେ ବିସମ୍ବର ଦାସ କାରାମୁକ୍ତ ହୋଇଯାଇଛି ।" ରାତିର ସମୟ ଥିଲା ଏବଂ ମୁଁ ମୋର ବଡ଼ ମସ୍‌ଜିଦକୁ ନମାଜ୍ ପାଠ କରିବା ପାଇଁ ଯାଇଥିଲି । ସେତେବେଳେ ଜଣେ ବ୍ୟକ୍ତି ଅଲୀ ମୁହମ୍ମଦ ନାମକ ଜଣେ ମୁଲ୍ଲା କାଦିୟାନ ର ନିବାସୀ ମସଜିଦକୁ ଆସି ଏହା ବର୍ଣ୍ଣନା କଲେ ଯେ ବିସମ୍ବର ଦାସ ମୁକ୍ତ ହୋଇଯାଇଛନ୍ତି ଏବଂ ବଜାରରେ ତାଙ୍କୁ ଅବଶିଷ୍ଟାଂଶ...ପୃ-10 ରେ

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଶୁଭେଚ୍ଛା ମିଳୁଛି, ତେବେ ମୁଁ ଏହି ଖବର ଶୁଣିବାମାତ୍ରେ ବହୁତ ଦୁଃଖିତ ଓ ବ୍ୟଥିତ ହେଲି। ମନରେ ଅସ୍ଥିରତା ସୃଷ୍ଟି ହେଲା ଯେ, ବିପକ୍ଷୀ ହିନ୍ଦୁମାନେ ଏହି କଥା ଯୋଗୁଁ ମୋ ଉପରେ ଆକ୍ରମଣ କରିବେ ଯେ, ଆପଣ ତ' ଏହି ଖବର ଦେଇଥିଲେ ଯେ, ବିସମ୍ବର ଦାସ ମୁକ୍ତ ହେବେ ନାହିଁ। ବର୍ତ୍ତମାନ ଦେଖନ୍ତୁ ସେ ତ' ମୁକ୍ତ ହୋଇଗଲେ । ମୋତେ ଏହି ଦୁଃଖ ଯୋଗୁଁ ନମାଜ୍‌ର ପ୍ରତ୍ୟେକ ରକାତ୍ ଗୋଟିଏ ଗୋଟିଏ ବର୍ଷ ପରି ସମାନ ଲାଗିଲା ଏବଂ ଯେତେବେଳେ ମୁଁ ନମାଜ୍‌ରେ କୌଣସି ରକାତ୍ ପରେ ସଜ୍‌ଦାକୁ ଗଲି, ସେତେବେଳେ ମୋର ଅସ୍ଥିରତା ଚରମ ସୀମାରେ ପହଞ୍ଚି ଯାଇଥିଲା । ସେତେବେଳେ ସଜ୍‌ଦା ଅବସ୍ଥାରେ ହିଁ ଉଚ୍ଚ ସ୍ୱରରେ ଈଶ୍ୱର ମୋତେ ସମ୍ବୋଧନ କରି କହିଲେ: **"ଲା ତଖଫ୍ ଇନ୍ନକା ଅନ୍ତଲ୍ ଆ'ଲା** । "ଅର୍ଥାତ୍ କିଛି ଭୟ କର ନାହିଁ, ତୁମେ ହିଁ ଶ୍ରେଷ୍ଠ ଅଟ । ପୁନଶ୍ଚ ମୁଁ ଅପେକ୍ଷା କରି ରହିଲି ଯେ, ଏହି ଭବିଷ୍ୟବାଣୀ କିପରି ପୂର୍ଣ୍ଣ ହେବ କିନ୍ତୁ କୌଣସି ନିଦର୍ଶନ ପ୍ରକାଶ ପାଇଲା ନାହିଁ । ମୁଁ ବାରମ୍ବାର ସେହି ଶରମପତ୍‌ଙ୍କୁ ପଚାରୁଥିଲି ଯେ ଏହା କ'ଣ ସତ ଯେ, ବିସମ୍ବର ଦାସ ମୁକ୍ତ ହୋଇଯାଇଛନ୍ତି ? ତେବେ ସେ ଏହି ଜବାବ ଦେଉଥିଲେ ଯେ, ସେ ପ୍ରକୃତରେ ମୁକ୍ତ ହୋଇଯାଇଛନ୍ତି । ମୋତେ ମିଛ କହିବାର କ'ଣ ଆବଶ୍ୟକତା ଥିଲା । ସେହି ହିନ୍ଦୁ ଏହା କହୁଥିଲା । ସେହି ଗାଁରେ ଯାହାକୁ ବି ମୁଁ ପଚାରୁଥିଲି ସେ ଏହା ହିଁ କହୁଥିଲା ଯେ, ଆମେ ମଧ୍ୟ ଶୁଣିଛୁ ଯେ ସେ ମୁକ୍ତ ହୋଇଯାଇଛନ୍ତି । ଏହିପରି ପ୍ରାୟ ଛଅ ମାସ ବିତିଗଲା କିମ୍ବା କିଛି କମ୍ ବେଶୀ । ଦୁଷ୍ଟ ଲୋକମାନେ ଥଟ୍ଟା ଏବଂ ପରିହାସ କରୁଥିଲେ ଯେପରିକି ସେମାନଙ୍କର ପୁରୁଣା ଅଭ୍ୟାସ ଅଛି । କିନ୍ତୁ ଶରମପତ୍ କୌଣସି ଥଟ୍ଟା କଲା ନାହିଁ । ଯଦ୍ଦ୍ୱାରା ମୋତେ ବିଶ୍ୱସ ହେଲା ଯେ, ଏବେ ସେ ମୋ ସହିତ ଭଦ୍ରପୂର୍ଣ୍ଣ ବ୍ୟବହାର କରିଛନ୍ତି । କିନ୍ତୁ ତଥାପି ମୁଁ ତାଙ୍କ ସାମ୍ନାରେ ଲଜ୍ଜିତ ଓ ଅନୁତପ୍ତ ହେଉଥିଲି ଯେ, ଏତେ ଜୋର ଦେଇ ମୁଁ ତାଙ୍କୁ ତାଙ୍କ ଭାଇଙ୍କ ମୁକ୍ତ ନହେବାର ଖବର ଦେଇଥିଲି ଏବଂ ବର୍ତ୍ତମାନ ଏହି ପରିସ୍ଥିତି ଘଟିଛି। କିନ୍ତୁ ତଥାପି ମୋର ଈଶ୍ୱରଙ୍କ ଉପରେ ଦୃଢ଼ ବିଶ୍ୱସ ରହିଥିଲା ଏବଂ ମୋର ବିଶ୍ୱସ ଥିଲା ଯେ, ଈଶ୍ୱର କୌଣସି ଶକ୍ତିର ଦୃଶ୍ୟ ଅବଶ୍ୟ ଦେଖାଇବେ ଏବଂ ସମ୍ଭବତଃ ମୁକ୍ତ ହେବା ପରେ ପୁଣି ଗିରଫ ହୋଇଯିବ । କିନ୍ତୁ ଏହା ମୋତେ ଜଣା ନଥିଲା ଯେ ଏହି ମୁକ୍ତିର ଖବର ହିଁ ଏକ କୃତ୍ରିମ ଏବଂ ସୁପରିକଳ୍ପିତ ଖବର ଅଟେ । ଭୁଲ ଖବର ଥିଲା ଯାହା ପ୍ରଚାର କରାଯାଇଥିଲା । ଏହାପରେ ଏପରି ସଂଯୋଗ ହେଲା ଯେ, ସକାଳ ସମୟରେ ଆଠଟା ବେଳେ ବଟାଲାର ଜଣେ ତହସିଲ୍‌ଦାର୍ ହାଫିଜ୍ ହିଦାୟତ୍ ଅଲୀ ତାଙ୍କର ନାମ ଥିଲା । ସେ କାଦିୟାନ୍ ସ୍ଥିତ ଆମ ବାସଭାବନକୁ ଆସିଲେ ଏବଂ ବର୍ତ୍ତମାନ ଘୋଡ଼ାରୁ ଓହ୍ଲାଇ ନଥିଲେ କି କିଛି ହିନ୍ଦୁ ଲୋକ ଯେପରିକି ସେମାନଙ୍କର ଅଭ୍ୟାସ ରହିଛି ସେମାନେ ତାଙ୍କୁ ସ୍ୱାଗତ କରିବା ପାଇଁ ଆସିଗଲେ ଏବଂ ସେଥିରେ ବିସମ୍ବର ଦାସ ମଧ୍ୟ ଥିଲେ । ସେତେବେଳେ ତହସିଲ୍‌ଦାର୍ ବିସମ୍ବର ଦାସଙ୍କୁ ଦେଖି କହିଲେ ଯେ, ବିସମ୍ବର ଦାସ ! ଆମେ ଏଥିରେ ଖୁସି ହେଲୁ ଯେ, ତୁମେ ଜେଲ୍‌ରୁ ମୁକ୍ତି ପାଇଲ କିନ୍ତୁ ଦୁଃଖର କଥା ଏହିକି ଯେ, ତୁମେ ମୁକ୍ତ ହେଲ ନାହିଁ । ମୁଁ ତ' ଏହି କଥା ଶୁଣିବାମାତ୍ରେ କୃତଜ୍ଞତାର ସଜ୍‌ଦା କଲି ଏବଂ ତତ୍‌କ୍ଷଣାତ୍ ଶରମପତ୍‌ଙ୍କୁ ଡାକିଲି ଯେ, ତୁମେ କାହିଁକି ଏତେ ଦିନ ପର୍ଯ୍ୟନ୍ତ ମୋ ପାଖରେ ମିଛ କଥା କହି ଆସୁଥିଲ ଯେ, ବିସମ୍ବର ଦାସ କାରାମୁକ୍ତ ହୋଇଯାଇଛନ୍ତି ଏବଂ ମୋତେ ଅକାରଣରେ ଏତେ କଷ୍ଟ ଦେଲ ? ସେ ଉତ୍ତର ଦେଲେ। ଯେ, ଆଜ୍ଞା ଏକ ଅସୁବିଧା କାରଣରୁ ଏହି ମିଛ କଥା କହିବାକୁ ପଡ଼ିଥିଲା ଏବଂ ତାହା ଏହିକି ଯେ, ଆମ ଜାତିରେ ବିବାହ ଏବଂ ସମ୍ପର୍କ ସମୟରେ ଛୋଟ ଛୋଟ କଥାରେ ଦୋଷ ଖୋଜାଯାଏ ଏବଂ କୌଣସି ଦୁଶ୍ଚରିତ୍ର ପ୍ରମାଣିତ ହେବା ଦ୍ୱାରା ଝିଅମାନେ ମିଳିବା କଷ୍ଟକର ହୋଇଯାଆନ୍ତି। ତେଣୁ ସେହି ଅସୁବିଧା କାରଣରୁ ମୁଁ ଘଟଣା ବିରୁଦ୍ଧୀୟ କଥା କହିଥିଲି ଏବଂ ଘଟଣା ବିରୁଦ୍ଧରେ ପ୍ରଚାର କରୁଥିଲି । **(ହକିକତୁଲ ୱହୀ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-314-315) (ବରାହିନେ ଅହମଦିୟା, ଭାଗ,-4 ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-657, ପାଦଟୀକା ସଂଖ୍ୟା-4)**

ହୁଜୁର୍ ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକଗୁଡ଼ିକରେ ଯେପରିକି ବରାହିନେ ଅହମଦିୟା, ତ୍ରିୟାକୁଲ୍ କୁଲୁବ୍, ନୁଜୁଲୁଲ୍ ମସିହ୍ ଇତ୍ୟାଦିରେ ଏହି ନାମ" ବିଶମ୍ବର ଦାସ" ବୋଲି ଉଲ୍ଲେଖ କରିଛନ୍ତି । କେବଳ ହକିକତୁଲ ୱହିରେ ବିସମ୍ବର ଦାସ ଅର୍ଥାତ୍ 'ସ' ଲେଖିଛନ୍ତି । ହୁଜୁର୍ ଅନୱର୍ ଅ.ବ କହିଲେ, ହଜରତ ଅକଦସ୍ ଅ.ସ ନିଜର ଏକ ନିଦର୍ଶନର ଚର୍ଚ୍ଚା କରି କୁହନ୍ତି: "ଏପରି ଏକ ଭବିଷ୍ୟବାଣୀ ଯାହା ଆର୍ଯ୍ୟମାନଙ୍କ ସମ୍ମୁଖରେ ଯେଉଁମାନେ ପଣ୍ଡିତ ଦୟାନନ୍ଦଙ୍କ ସରସ୍ୱତୀଙ୍କ ଅନୁଗାମୀ ଅଛନ୍ତି ଅର୍ଥାତ୍ ଅନୁସରଣ ଏବଂ ଆଜ୍ଞା ପାଳନ କରୁଛନ୍ତି ତାହା ପୂର୍ଣ୍ଣ ହେଲା । ଯାହାର ଅର୍ଥାତ୍ ସେହି ନିଦର୍ଶନର ଅବସ୍ଥା ସଂପର୍କରେ ଜାଣିବା ପାଠକମାନଙ୍କ ପାଇଁ କେବଳ ଲାଭ ନୁହେଁ । ତେଣୁ ଯଦିଓ ଏହାକୁ ଲେଖିବାରେ କିଛି ଦୀର୍ଘତା ହେଉ ନା କାହିଁକି କିନ୍ତୁ ସେହି ଲୋକଙ୍କ କଲ୍ୟାଣ ଦୃଷ୍ଟିରୁ ଯେଉଁମାନେ ଇସ୍‌ଲାମ୍ ଧର୍ମର ମହାନତାରୁ ଅଜ୍ଞ ଅଛନ୍ତି ଏହା ଲେଖାଯାଉଛି ଏବଂ ଏହି ଭବିଷ୍ୟବାଣୀ ପୂର୍ଣ୍ଣ ହେବା ପୂର୍ବରୁ ଏକ ବିଚିତ୍ର ପ୍ରକାରର ଅସୁବିଧା ଏବଂ ଅଶୁଭ ସାମ୍ନାକୁ ଆସିଲା। "ଅର୍ଥାତ୍ ଏଠାରେ ମଧ୍ୟ ଆପଣ ଅ.ସଙ୍କର ଭବିଷ୍ୟବାଣୀଗୁଡ଼ିକ ଏହା ହିଁ ଅଛି ଯେ, ଇସ୍‌ଲାମ୍ ଧର୍ମର ମହାନତା ପ୍ରକାଶ ପାଉ । ଆଁହଜରତ ସ.ଅଙ୍କ ଧ୍ୱଜା ବିଶ୍ୱରେ ଉଡୁଥାଉ । ଆପଣ ଅ.ସ କୁହନ୍ତି: "ଶେଷରେ ଅଶେଷ ଦୟାବାନ୍ ଈଶ୍ୱର ଏହି ସମସ୍ତ ଅସୁବିଧାକୁ ଦୂର କରି 10 ସେପ୍ଟେମ୍ବର 1883 ମସିହା ସୋମବାର ଦିନ ଏହି ଭବିଷ୍ୟବାଣୀ ପୂର୍ଣ୍ଣ କଲେ.."ଏହାର ବିସ୍ତୃତ ବିବରଣୀ ଦେଇ ଆପଣ ଅ.ସ କୁହନ୍ତି ଯେ, ସେପ୍ଟେମ୍ବର ମାସ 6 ତାରିଖ 1883 ମସିହା ଗୁରୁବାର ଦିନ ଅଶେଷ ଦୟାବାନ୍ ଈଶ୍ୱର ଅତ୍ୟନ୍ତ ଆବଶ୍ୟକତା ସମୟରେ ଏହି ଦୀନବନ୍ଧୁକୁ (ବିନୀତ) ଆଶ୍ୱସନା ନିମନ୍ତେ ନିଜର ପବିତ୍ର ବାଣୀ ମାଧ୍ୟମରେ ଏହି ଶୁଭ ସମାଚାର ପ୍ରଦାନ କଲେ ଯେ, 'بِشْتْ وَيَكْ رُوْپِيَهْ ଅର୍ଥାତ୍ ଏକୋଇଶ ଟଙ୍କା (20+1=21) ଆସିବାକୁ ଯାଉଛି । ଯେହେତୁ ଏହି ଶୁଭ ସମାଚାରେ ଏକ ଅଦଭୂତ କଥା ଥିଲା ଯେ, ଆସୁଥିବା ଟଙ୍କାର ସଂଖ୍ୟା ବିଷୟରେ ସୂଚନା ଦିଆଯାଇଥିଲା ଏବଂ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ବିଷୟରେ ଜଣାଇବା ଗୁପ୍ତଜ୍ଞାନୀ (ଆଦୃଷ୍ଟ ଜ୍ଞାନୀ)ଙ୍କ ବିଶେଷ ଗୁଣ ଅଟେ । ଅନ୍ୟ କାହାର ଏପରି କାମ ନୁହେଁ । "ଏହା କୌଣସି ସାଧାରଣ କଥା ନୁହେଁ ଯେ, ନିର୍ଦ୍ଧାରିତ ମୂଲ୍ୟର ଅର୍ଥ ସଂପର୍କରେ ସୂଚନା ଦିଆଯାଉଛି ଯେ, ଏତିକି ଅର୍ଥ ଆସିବ ଏବଂ "ଦ୍ୱିତୀୟ ବିଚିତ୍ର କଥା ଏହା ଥିଲା ଯେ,ଏହି ସଂଖ୍ୟା ଅଣ ଅଙ୍ଗୀକୃତ (ଅଜଣା ଧାରାରେ) ଥିଲା । ଅର୍ଥାତ୍ ପୂର୍ବରୁ କୌଣସି ଚିନ୍ତା ମଧ୍ୟ ନଥିଲା ଏହାର । କାରଣ ନିର୍ଦ୍ଦିଷ୍ଟ ମୂଲ୍ୟର ପୁସ୍ତକ ସହିତ ଏହି ସଂଖ୍ୟାର କୌଣସି ସମ୍ପର୍କ ନାହିଁ । ତେଣୁ ଏହି ଆଶ୍ଚର୍ଯ୍ୟଜନକ କାରଣରୁ ଏହି ଐଶୀବାଣୀ ଘଟଣା ଘଟିବା ପୂର୍ବରୁ କିଛି ଆର୍ଯ୍ୟମାନଙ୍କୁ କୁହାଯାଇଥିଲା । ପୁଣି 1883 ମସିହା ସେପ୍ଟେମ୍ବର ମାସ 10 ତାରିଖ ତାଗିଦ୍‌ମୂଳକ ଭାବରେ ତିନିଥରଏହି ଐଶୀବାଣୀ ହେଲା ଯେ بِشْتْ وَيَكْ رُوْپِيَهْ ଆସିଛି । ଯହିଁରୁଏହା ବୁଝାଗଲା ଯେ, ଆଜି ଏହି ଭବିଷ୍ୟବାଣୀ ପ୍ରକାଶ ପାଇବ । ତେଣୁ ବର୍ତ୍ତମାନ ଐଶୀବାଣୀକୁ ତିନି ମିନିଟରୁ କିଛି ଅଧିକ ସମୟ ବିତି ନଥିଲା କି ୱଜୀର୍ ସିଂହ ନାମକ ଜଣେ ରୋଗୀ ଉପଚାରକ ବ୍ୟକ୍ତି ଆସିଲା ଏବଂ ସେ ଆସିବାମାତ୍ରେ ଏକ ଟଙ୍କା ପ୍ରଦାନ କଲା । ଯଦିଓ ଚିକିତ୍ସା କରିବା ଏହି ବିନୀତର ପେଷା (ବୃତ୍ତି) ନୁହେଁ ଏବଂ ଯଦି ସଂଯୋଗବଶତଃ କୌଣସି ରୋଗୀ ଆସିଯାଏ ତେବେ ଯଦି ତାର ଔଷଧ ମନେଥାଏ ତେବେ କେବଳ ପୁଣ୍ୟ ଉଦ୍ଦେଶ୍ୟରେ ଲିଲ୍ଲାଃହି ଫିଲ୍ଲାଃହି ଦିଆଯାଏ (ଅର୍ଥାତ୍ ପ୍ରଭୁଙ୍କ ପ୍ରସନ୍ନତା ସକାଶେ ଦିଆଯାଇଥାଏ) । ମୁଁ କେବେବି ପଇସା ନେଇ ନାହିଁ । ଆପଣ ଅ.ସ କୁହନ୍ତି: "କିନ୍ତୁ ସେହି ଟଙ୍କା ତାଙ୍କ ଠାରୁ ନିଆଗଲା କାରଣ ତତ୍‌କ୍ଷଣାତ୍ ଧାରଣା (ଖିଆଲ୍) ଆସିଲା ଯେ, ଏହା ଏହି ଭବିଷ୍ୟବାଣୀର ଏକ ଅଂଶ ଅଟେ ।" (ଅର୍ଥାତ୍ ଏକୋଇଶ ଟଙ୍କା ଆସିବାର ଯାହା ଥିଲା)। "ପୁଣି ଏହାପରେ ଡାକଘରକୁ ନିଜର ଜଣେ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ପଠାଗଲା ଏହି ଚିନ୍ତା ସହିତ ଯେ, ହୁଏତ ଐଶୀବାଣୀର ଦ୍ୱିତୀୟ ଭାଗ ଡାକଘର ଜରିଆରେ ପୂର୍ଣ୍ଣ ହେବ ।" ଡାକଘରରୁ ଡାକ ମୁନ୍‌ସୀ ଯିଏ ଜଣେ ହିନ୍ଦୁ ଅଛନ୍ତି, ଉତ୍ତରରେ ଏହା କହିଲେ ଯେ, "ମୋ ପାଖରେ କେବଳ ପାଞ୍ଚ ଟଙ୍କାର ଏକ ମନିଅର୍ଡର ଅଛି ଯାହା ସହିତ ଏକ କାର୍ଡ ମଧ୍ୟ ସଂଲଗ୍ନ ଅଛି, ଡେରା ଗାଜୀ ଖାଁରୁ ଆସିଛି । ତେଣୁ ଏପର୍ଯ୍ୟନ୍ତ ମୋ ପାଖରେ ଟଙ୍କା ଉପଲବ୍ଧ ନାହିଁ ଯେତେବେଳେ ଆସିବ ସେତେବେଳେ ଦେବି । ଏହି ଖବର ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ଲାଗିଲା ଏବଂ ସେହି ଅସ୍ଥିରତା ସୃଷ୍ଟି ହେଲା ଯାହା ବର୍ଣ୍ଣନା କରାଯାଇପାରିବ ନାହିଁ । କାରଣ ଏଠାରେ ଆପଣ ଅ.ସ ଅଣ ମୁସଲମନମାନଙ୍କ ସମ୍ମୁଖରେ ଏହି ଭବିଷ୍ୟବାଣୀ ବର୍ଣ୍ଣନା କରୁଛନ୍ତି ଯେପରିକି ଇସ୍‌ଲାମ୍ ଧର୍ମର ସତ୍ୟତା ପ୍ରମାଣିତ ହୋଇପାରିବ । ହୁଜୁର୍ ଅ.ସ କହିଲେ ଯେ, ବର୍ତ୍ତମାନ ମୋ ମନରେ ବଡ଼ ଅସ୍ଥିରତା ସୃଷ୍ଟି ହେଲା । ତେଣୁ ଏହି ବିନୀତ ସେହି ଦ୍ୱନ୍ଦ୍ୱରେ ମୁଣ୍ଡ ତଳକୁ କରି ବସିଥିଲା ଏବଂ ଏହି ଚିନ୍ତାରେ ଥିଲା କି ପାଞ୍ଚ ଆଉ ଏକ ମିଶି ଛଅ ହେଲା । ବର୍ତ୍ତମାନ ଏକୋଇଶ କିପରି ହେବ ? ହେ ଈଶ୍ୱର, ଏ କ'ଣ ହେଲା ? ତେଣୁ ସେହି ମଗ୍ନତାରେ ଥିଲି କି ହଠାତ୍ ଏହି ଐଶୀବାଣୀ ହେଲା بِشْتْ وَيَكْ آئے ہیں ଆସିଛି ଏଥିରେ କୌଣସି ସନ୍ଦେହ ନାହିଁ ।" ଏହି ଐଶୀବାଣୀକୁ ଦ୍ୱିପ୍ରହର ବିତି ନଥିବ କି ସେହି ଦିନ ଜଣେ ଆର୍ଯ୍ୟ ଯିଏ ଡାକ ମୁନ୍‌ସୀଙ୍କ ସଂପର୍କରେ ପୂର୍ବ (ବିବୃତ୍ତି) ବୟାନ୍‌ର ଖବର ଶୁଣି ସାରିଥିଲେ । ସେ ଡାକ ଘରକୁ ଗଲେ ଏବଂ ତାଙ୍କୁ ଡାକ ମୁନସୀ କୌଣସି କଥାର ପ୍ରସଙ୍ଗରେ ଖବର ଦେଲା ଯେ, ମହୋଦୟ! ପ୍ରକୃତରେ କୋଡ଼ିଏ ଟଙ୍କା ଆସିଛି ଏବଂ ପୂର୍ବରୁ ଏପରି ହିଁ ପାଟିରୁ ବାହାରି ଯାଇଥିଲା ଯେ, ମୁଁ ପାଞ୍ଚ ଟଙ୍କା କହିଦେଲି । ତେଣୁ ସେହି ଆର୍ଯ୍ୟ କୋଡ଼ିଏ ଟଙ୍କା ଏକ କାର୍ଡ ସହିତ ଯାହା ମୁନ୍‌ସୀ ଇଲାହୀ ବକ୍‌ସ୍ ସାହେବ ଆକାଉଣ୍ଟାଣ୍ଟଙ୍କ ପକ୍ଷରୁ ଥିଲା ନେଇ ଆସିଲେ ଏବଂ ଜଣାପଡ଼ିଲା ଯେ, ସେହି କାର୍ଡ ମଧ୍ୟ ମନିଅର୍ଡରର କାଗଜ ସହିତ ସଂଲଗ୍ନ ନଥିଲା। ଏହା ମଧ୍ୟ ଜଣାପଡ଼ିଲା ଯେ, ଟଙ୍କା ଆସିଥିଲା ଏବଂ ଆହୁରି ମଧ୍ୟ ମୁନ୍‌ସୀ ଇଲାହୀ ବଖସ୍ ସାହେବଙ୍କ ଲିଖନରୁ ଯାହା ଡାକଘରର ରସିଦ୍‌ର ପ୍ରମାଣ ଥିଲା ଏହା ମଧ୍ୟ ଜଣାପଡ଼ିଲା ଯେ, ମନିଅର୍ଡର 1883 ମସିହା ସେପ୍ଟେମ୍ବର ମାସ 6 ତାରିଖରେ, ଅର୍ଥାତ୍ ସେହି ଦିନ ଯେତେବେଳେ ଐଶୀବାଣୀ ଅବତୀର୍ଣ୍ଣ ହେଲା ସେତେବେଳେ କାଦିୟାନ୍‌ରେ ପହଞ୍ଚିଯାଇଥିଲା । ତେଣୁ ଡାକ ମୁନ୍‌ସୀଙ୍କ ସମସ୍ତ ବୟାନ୍ ଭୁଲ ବୋଲି ପ୍ରମାଣିତ ହେଲା ଏବଂ ସର୍ବଜ୍ଞ ପ୍ରଭୁଙ୍କ ସମସ୍ତ ବିବରଣୀ ସଠିକ୍ ବୋଲି ପ୍ରମାଣିତ ହେଲା । ତେଣୁ ସେହି ପବିତ୍ର ଦିନର ସ୍ମୃତି ପାଇଁ ଏକ ଟଙ୍କାର ମିଷ୍ଟାନ୍ନ (ମିଠା) ନେଇ କେତେକ ଆର୍ଯ୍ୟମାନଙ୍କୁ ମଧ୍ୟ ଦିଆଗଲା । فَالْحَمْدُ لِلّٰهِ عَلٰى آلَائِهٖ وَنُعَمَائِهٖ ظَاهِرِهَا وَبَاطِنِهَا ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରକାଶ୍ୟ ଓ ଅପ୍ରକାଶ୍ୟ କୃପା ଯୋଗୁଁ ଅଲ୍ଲାଃତାଲା ହିଁ ପ୍ରତ୍ୟେକ ପ୍ରକାରରର ପ୍ରଶଂସାର ପାତ୍ର ଓ ଅଧିକାରୀ ଅଟନ୍ତି । **(ବରାହିନେ ଅହମଦିୟା, ଭାଗ-4, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-4, ପୃ-623-626, ପାଦଟୀକା ସଂଖ୍ୟା-3)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "କୌଣସି ଜାତି ନାହିଁ ଯହିଁରେ ମୋର ନିଦର୍ଶନଗୁଡ଼ିକ ପ୍ରକାଶ ପାଇ ନାହିଁ । ସେହିପରି କୌଣସି ସମ୍ପ୍ରଦାୟ ନାହିଁ ଯିଏ ମୋର ନିଦର୍ଶନଗୁଡ଼ିକର ସାକ୍ଷୀ ନାହିଁ । ଯଦି ଏହି ନିଦର୍ଶନଗୁଡ଼ିକର ସାକ୍ଷୀ ଦଶ କୋଟି ମଧ୍ୟ କୁହାଯାଏ ତେବେ କୌଣସି ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ବିରୋଧୀମାନଙ୍କ ଅବସ୍ଥା ଉପରେ ଦୟା ଲାଗେ ଯେ, ସେମାନେ ନିଦର୍ଶନରୁ କୌଣସି ଲାଭ ଉଠାଇଲେ ନାହିଁ । ଯଦି ଏହି ନିଦର୍ଶନଗୁଡ଼ିକୁ ଯାହା ସେମାନଙ୍କୁ ଦେଖାଗଲା, ହ. ଇସା ବିନ୍ ମରିୟମ୍‌ଙ୍କ ସମୟରେ ଇହୁଦୀମାନଙ୍କୁ ଦେଖାଯାଇଥାନ୍ତା ତେବେ ସେମାନଙ୍କ ଉପରେ ଅପମାନ ଏବଂ ଦାରିଦ୍ର୍ୟତା ଲଦି ଦିଆଯାଇ ନଥାନ୍ତା । "ପବିତ୍ର କୁରଆନ କରୀମ୍‌ରେ ଆସିଛି ସେମାନେ ଏହାର ଚରିତାର୍ଥ ହୋଇ ନଥାନ୍ତେ ।" ଯଦି ଲୁତ୍‌ଙ୍କ ଅବଶିଷ୍ଟାଂଶ...ପୃ-11 ରେ

ଜାତି ଏହି ନିଦର୍ଶନଗୁଡ଼ିକର ଅବଲୋକନ କରିଥାନ୍ତା ତେବେ ସେମାନଙ୍କୁ ଏକ ଭୀଷଣ ଭୂମିକମ୍ପରେ ଭୂମିତଳେ ଚପାଇ ଦିଆଯାଇଥାନ୍ତ ନାହିଁ। କିନ୍ତୁ ଦୁଃଖର କଥା ସେହି ହୃଦୟଗୁଡ଼ିକ ଉପରେ ଯେ, ସେଗୁଡ଼ିକ ପଥରଠାରୁ ମଧ୍ୟ ଅଧିକ କଠିନ (ସକ୍ତ) ବୋଲି ପ୍ରମାଣିତ ହେଲା ଏବଂ ପ୍ରତ୍ୟେକ ଅନ୍ଧକାର ଠାରୁ ଅଧିକ ସେମାନଙ୍କ ହୃଦୟର ଅନ୍ଧକାର ବୃଦ୍ଧି ପାଇଲା । ପ୍ରକୃତ କଥା ଏହାକିଯେ, ଯେପରି ଯୁଗ ପ୍ରତ୍ୟେକ ପାର୍ଥିବ ସାଧନରେ ଉନ୍ନତି କଲା ଠିକ୍ ସେହିପରି ଯୁଗ ଅବିଶ୍ୱାସକାରୀତା ଏବଂ ଅବିଶ୍ୱାସରେ ମଧ୍ୟ ଉନ୍ନତି କଲା । ତେଣୁ ଏହି ଉନ୍ନତି ଅବିଶ୍ୱାସକାରୀତା ଚାହେଁ ଯେ, କୌଣସି ସାଧାରଣ ଶାସ୍ତି ସେମାନଙ୍କ ଉପରେ ଅବତୀର୍ଣ୍ଣ ନହେଉ । ବରଂ ସେହି ଶାସ୍ତି ଅବତୀର୍ଣ୍ଣ ହେଉ ଯାହା ସଂସାରର ଆରମ୍ଭରୁ ଆଜି ପର୍ଯ୍ୟନ୍ତ କେବେ ବି ଅବତୀର୍ଣ୍ଣ ହୋଇ ନାହିଁ । ସେ ଯାହା ହେଉ ଆମେ ଈଶ୍ୱରଙ୍କର ସହସ୍ର ସହସ୍ର (ହଜାର ହଜାର) କୃତଜ୍ଞତା ଜ୍ଞାପନ କରୁଛୁ ଯେ, ଯେଉଁ ଆଲୋକକୁ ବିରୋଧୀମାନେ ଗ୍ରହଣ କଲେ ନାହିଁ ଏବଂ ଅନ୍ଧ ହୋଇ ରହିଲେ । ସେହି ଆଲୋକ ଆମର ଦୃଷ୍ଟି ଏବଂ ଜ୍ଞାନର ବୃଦ୍ଧିର କାରଣ ହୋଇଗଲା।"

(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-312)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହକିକତୁଲ୍ ୱହିରେ ଏହା ଆପଣ ଅ.ସ ଉଲ୍ଲେଖ କରିଛନ୍ତି । ଅଲ୍ଲାଃତାଲା ଆମକୁ ଯେଉଁଠି କୃତଜ୍ଞତାର ପ୍ରକୃତ ଅବବୋଧ ପ୍ରଦାନ କରିଛନ୍ତି ସେଠାରେ ଆମକୁ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କ ବୈୟତ(ଦୀକ୍ଷା)ରେ ଆସି ପ୍ରକୃତ ଆଲୋକ, ଦୃଷ୍ଟି ଏବଂ ଜ୍ଞାନ ମଧ୍ୟ ପ୍ରଦାନ କରନ୍ତୁ । ଆମିନ୍ । ☆☆☆

ସୟେଦିନା ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତ (1 Sep 2023 ଶୁକ୍ରବାର ଦିନ)।

ଏହାପରେ ହଜୁର ଅନ୍‌ୱର୍ ଅ.ବ ନିଜର ରହଣୀ ସ୍ଥାନକୁ ଫେରି ଆସିଲେ । ପ୍ରୋଗ୍ରାମ (କାର୍ଯ୍ୟକ୍ରମ) ଅନୁଯାୟୀ ରାତି 9.00ରେ ହୁଜୁର ଅନ୍‌ୱର୍ ଅ.ବ ଜଲ୍‌ସା ଗାହ୍ ଠାକୁ ଆସି ନମାଜ୍ ମଗ୍ରିବ ଓ ଇଶା ଏକାଠି କରି ପାଠ କରାଇଲେ । ନମାଜ୍ ସମ୍ପଦାନ କରିବା ପରେ ହୁଜୁର୍ ଅନ୍‌ୱର୍ ଅ.ବ ନିଜର ରହଣୀ ସ୍ଥାନକୁ ଫେରିଗଲେ ।

"ମସ୍‌ଜିଦେ ମୁବାରକ' ଫ୍ଲୋରଷ୍ଟାଡ୍" (FLORSTADT)ର ଶୁଭୋଦ୍‌ଘାଟନ ଅଗଷ୍ଟ ମାସ 28 ତାରିଖ ଦିନ ହୋଇଥିଲା । ଅଞ୍ଚଳର ପ୍ରିଣ୍ଟ୍ ମିଡିଆ ଏହାର ନିମ୍ନଲିଖିତ କଭରେଜ୍ ଦେଲା । ଖବର କାଗଜ WETTERAUER ZEITUNG ନିଜର ପ୍ରକାଶନରେ ଉଲ୍ଲେଖ କରିଛି: "ହ. ମିର୍ଜା ମସ୍ରୁର ଅହମଦ ସାହେବ ମସ୍‌ଜିଦ୍ ସ୍ଥାପନାର ଉଦ୍ଦେଶ୍ୟ ବର୍ଣ୍ଣନା କରି କହିଲେ ଯେ, ପ୍ରକୃତରେ ମସ୍‌ଜିଦଗୁଡ଼ିକୁ ଏଥିପାଇଁ ନିର୍ମାଣ କରାଯାଏ ଯେ ଏହାଦ୍ୱାରା ବିଭିନ୍ନ ସମ୍ପ୍ରଦାୟ ଓ ଧର୍ମର ଲୋକମାନଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରା ଯାଇପାରିବ । ଏହି ଖବରକାଗଜର ପ୍ରସାରଣ (ସର୍କୁଲେସନ୍) ଏକ ଲକ୍ଷ 21 ହଜାର । ଏହା ବ୍ୟତୀତ KREIS ANZEIGER ଏବଂ FRANKFURTER NEUE PRESSE ଖବରକାଗଜ ମଧ୍ୟ ମସ୍‌ଜିଦ୍ ଉଦ୍‌ଘାଟନର ଖବର ପ୍ରକାଶ କରିଛନ୍ତି । ଏହି ଦୁଇଟି ଖବରକାଗଜର ପ୍ରସାରଣ 74,300 । ସେହିପରି ସାମଗ୍ରିକ ରୂପେ ଏହି ତିନୋଟିଯାକ ଖବରକାଗଜର ପ୍ରସାରଣ ଏକ ଲକ୍ଷ 86 ହଜାର ଏବଂ 300 ଅଟେ । ଏହା ଛାଡ଼ା ଟେଲିଭିଜନ୍ HR-FERNSEHENର ପ୍ରୋଗ୍ରାମ HESSENSCHAUରେ ମସ୍‌ଜିଦ୍ ଉଦ୍‌ଘାଟନ ସମ୍ପର୍କରେ ନିମ୍ନଲିଖିତ ଖବର ପ୍ରଦାନ କରାଯାଇଛି:

ଫ୍ଲୋରଷ୍ଟାଟ (FLORSTADT) ସହରରେ ଅହମଦିଆ ମୁସଲିମ୍ ଜମାଅତ୍‌ର ମସଜିଦ୍ ଉଦ୍‌ଘାଟନ ଅବସରରେ ଅନେକ ବିଶିଷ୍ଟ ଅତିଥିମାନେ ଆସିଥିଲେ । ଖଲିଫା ହ. ମିର୍ଜା ମସ୍ରୁର ଅହମଦ ସାହେବ ମସ୍‌ଜିଦର ଉଦ୍‌ଘାଟନ କରିଛନ୍ତି । କିଛି ମାସ ପୂର୍ବରୁ ନିଡ଼ର ଫ୍ଲୋରଷ୍ଟାଟ (NIEDER-FLORSTADT)ରେ ଏହି ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ସାରା ବିଶ୍ୱର ଦଶ ନିୟୁତରୁ (1 କୋଟି) ଊର୍ଦ୍ଧ୍ୱ ମୁସଲମାନଙ୍କର ଆଧ୍ୟାତ୍ମିକ ନେତା ଆଜିକାଲି ଜଲ୍‌ସା ସାଲାନା (ବାର୍ଷିକ ସମ୍ମିଳନୀ) ପାଇଁ ଯାହା ଏହି ସପ୍ତାହାନ୍ତରେ ଷ୍ଟୁଟ୍‌ଗାର୍ଟ (STUTTGART)ରେ ଆୟୋଜିତ ହେବ ଆସିଛନ୍ତି ।

ବୁଧବାର ଦିନ କାର୍ବେନ୍ (KARBEN) ସହରରେ ଖଲିଫାଙ୍କ ଆଉ ଗୋଟିଏ ମସ୍‌ଜିଦ୍‌ର ଉଦ୍‌ଘାଟନ କରିବାର ଅଛି । ସାଦିକ୍ ମସ୍‌ଜିଦ୍ KARBENର ଉଦ୍‌ଘାଟନ ସମ୍ପର୍କରେ FRANKFURTER NEUE PRESSE ଖବରକାଗଜ ନିମ୍ନଲିଖିତ ଖବର ଦେଇଛି: ଖଲିଫା ସାହେବ ଉପଦେଶ ଦେଇ କହିଛନ୍ତି ଯେ, "ପ୍ରତ୍ୟେକ ଧର୍ମକୁ ଶାନ୍ତି ଏବଂ ସହିଷ୍ଣୁତା ପାଇଁ ଚେଷ୍ଟା କରିବା ଉଚିତ୍ ଏବଂ ଆମମାନଙ୍କର ଧର୍ମବତାରମାନେ ଆମମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ, ଈଶ୍ୱରଙ୍କ ସହ ସମ୍ପର୍କ ସ୍ଥାପନ କରାଯାଉ ଏବଂ ଶାନ୍ତି ଓ ପ୍ରେମର ସହିତ ଜୀବନ ବିତାଇବା ଉଚିତ୍ । ଜେଁଦାନୀୟ ନିବାସୀମାନେ କହିଲେ, "ଇସ୍‌ଲାମ୍ ଧର୍ମର ପ୍ରକୃତ ଚିତ୍ର ଆମ ମସ୍‌ଜିଦଗୁଡ଼ିକରେ ଦେଖିବାକୁ ମିଳେ ଏବଂ ଆମେମାନେ ଆମର କାର୍ଯ୍ୟ ଦ୍ୱାରା ଏହାର ପ୍ରମାଣ ଦେଖାଇବାକୁ ଚାହୁଁଛୁ ।" ଏହି ଖବରକାଗଜର ପ୍ରକାଶନ ପ୍ରାୟ ପଚାଶ ହଜାର ଅଟେ । ☆☆☆

ପାଠକବୃନ୍ଦ ଦୟାକରି ଧ୍ୟାନ ଦିଅନ୍ତୁ
ସାପ୍ତାହିକ ବଦରର ସହାୟତା

ସାପ୍ତାହିକ ବଦର୍‌କୁ ଏହି ଗୌରବ ହାସଲ ହୋଇଛି ଯେ, ଏହି ସମ୍ବାଦପତ୍ର ସମ୍ପୂର୍ଣ୍ଣ ରୂପେ ହଜରତ୍ ମୁହମ୍ମଦସ.ଅଙ୍କ ପ୍ରକୃତ ସେବକ ଯୁଗାବତାର ପୁଣ୍ୟଶ୍ଲୋକ ହଜରତ୍ ମସିହ ମଉଦ୍ ଅ.ସଙ୍କ ପବିତ୍ର ଛାତ୍ର ଛାୟା ତଳେ ଗଢ଼ି ଉଠିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରଥମେ ନବୁୱତ୍ (ଅବତାରତ୍ୱ) ଏବଂ ପରେ ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ (ଅବତାରତ୍ୱ ପଛାନୁଯାୟୀ ସ୍ଥାପିତ ଖିଲାଫତ୍)ଙ୍କ ନେତୃତ୍ୱରେ ଏହି ସମ୍ବାଦପତ୍ର ପ୍ରଚାରିକ, ସାଂସ୍କାରିକ ଓ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ନିଷ୍ଠାର ସହକାରେ ସମ୍ପଦାନ କରି ଆସୁଛି । ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଅନେକ ପବିତ୍ରାତ୍ମାମାନେ ଅହମଦିୟା ସମ୍ପ୍ରଦାୟରେ ସାମିଲ୍ ହୋଇଛନ୍ତି । ଉକ୍ତ ସମ୍ବାଦପତ୍ର ଜରିଆରେ ଖିଲାଫତେ ଅହମଦିୟାଙ୍କ ନିର୍ଦ୍ଦେଶକ୍ରମେ ଅହମଦି ପରିବାରଗୁଡ଼ିକର ଆଧ୍ୟାତ୍ମିକ ସଂସ୍କାର ହେଉଅଛି ଏବଂ ଆଗକୁ ମଧ୍ୟ **ଇନ୍‌ଶାଅଲ୍ଲାଃ** (ଈଶ୍ୱର ଚାହିଁଲେ) ସଂସ୍କାର ହେଉଥିବ ।

ସମ୍ବାଦପତ୍ରର ପ୍ରସ୍ତୁତି, ପ୍ରକାଶନ, ପ୍ୟାକିଂ ଏବଂ ପଠାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । କେବଳ ସାଧାରଣ ଗ୍ରାହକ ଶୁଳ୍କରୁ ଏହି ସବୁ ଖର୍ଚ୍ଚ ଭରଣା ଓ ପୂରଣ କରିବା ସମ୍ଭବପର ନୁହେଁ । ତେଣୁ ଏଥିପାଇଁ ବିଶେଷ ସାହଯ୍ୟ ଓ ସହଯୋଗୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଯେଉଁମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସମ୍ବାଦପତ୍ରର ଖର୍ଚ୍ଚ ବହନ କରିବାକୁ ଆଗେଇ ଆସିବେ । ଏହି ସମ୍ବାଦପତ୍ରକୁ ସହାୟତା କରୁଥିବା ଲୋକମାନଙ୍କୁ ଈଶ୍ୱର କେବେ ହେଲେ ନିରାଶ କରିବେ ନାହିଁ । କାରଣ ଈଶ୍ୱରଙ୍କ ପ୍ରତିଶ୍ରୁତି ରହିଛି ଯେ, "انی معین من اراد اعانتک" (ଅର୍ଥାତ୍: "ଯିଏ ତୁମକୁ ସାହାଯ୍ୟ କରିବାକୁ ଚାହିଁବ, ମୁଁ ତାକୁ ସାହାଯ୍ୟ କରିବି")। ସାହଯ୍ୟକାରୀଙ୍କର ସମସ୍ତ ବିଷୟର ରକ୍ଷାକର୍ତ୍ତା ଈଶ୍ୱର ନିଜେ ହେବେ ଏବଂ ନିଜ ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କର ବାଣିଜ୍ୟ ବ୍ୟବସାୟ, ଚାକିରି, ବଗିଚା, ଫସଲ ଏବଂ ସମ୍ପତ୍ତିରେ ବହୁ ଗୁଣା ବୃଦ୍ଧି କରିବେ ଓ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । **ଇନ୍‌ଶାଆଲ୍ଲାଃ** । ଯେକୌଣସି ପ୍ରକାରର ମାର୍ଗଦର୍ଶନ ପାଇଁ ସାପ୍ତାହିକ ବଦରର ମ୍ୟାନେଜର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ନମ୍ବର: **9815639670**

ପୃ-12 ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ....

ବହୁତ ବ୍ୟବହାର କରୁଥିଲେ, କିନ୍ତୁ ପରେ ତାହା ଛାଡ଼ିଦେଲେ । ଥରେ ଆପଣ ଗୋଟିଏ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ରନ୍ଧା ଖାଦ୍ୟ ଖାଇଲେ ନାହିଁ । କେବଳ ଅଳ୍ପ ଦହି ସହ ରୁଟି ଲଗାଇ ଖାଇ ଦେଉଥିଲେ । ବେଳେବେଳେ ମକା ରୁଟି ଖାଇବାକୁ ମଧ୍ୟ ବହୁତ ଭଲ ପାଉଥିଲେ । ଖାଇବା ସମୟରେ ରୁଟିକୁ ଛୋଟ ଛୋଟ ଖଣ୍ଡ କରୁଥିଲେ । କିଛି ଖାଉଥିଲେ ଏବଂ କିଛି ଛାଡ଼ି ଦେଉଥିଲେ । ଖାଇବା ପରେ ଆପଣ ଅ.ସଙ୍କ ସାମ୍ନାରୁ ଅନେକ ଛୋଟ ଛୋଟ ରୁଟି ଗୁଣ୍ଡ ଉଠାଯାଉଥିଲା । ଗୋଟିଏ ସମୟରେ ଆପଣ ଅ.ସ ଚାହାର ବହୁତ ବ୍ୟବହାର (ସେବନ) କରିଥିଲେ । କିନ୍ତୁ ପରେ ତାହା ବି ଛାଡ଼ିଦେଲେ। ମାତାଶ୍ରୀ କହିଲେ ଯେ, ହଜରତ୍ ସାହେବ ବହୁତ କମ୍ ଖାଉଥିଲେ ଏବଂ ଖାଇବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା । ସକାଳ ଖାଦ୍ୟ ବେଳେବେଳେ 12., 1.ଟାରେ ମଧ୍ୟ ଖାଉଥିଲେ । ସନ୍ଧ୍ୟା ଖାଦ୍ୟ ସାଧାରଣତଃ ମଗ୍‌ରିବ୍ (ସନ୍ଧ୍ୟା ପ୍ରାର୍ଥନା) ପରେ ହିଁ ଖାଉଥିଲେ । କିନ୍ତୁ ବେଳେବେଳେ ତା' ପୂର୍ବରୁ ମଧ୍ୟ ଖାଇ ଦେଉଥିଲେ । ମୋଟାମୋଟି ଭାବେ କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା । ବେଳବେଳେ ନିଜେ ଖାଇବା ମାଗି ନେଉଥିଲେ ଯେ, "ଆଣ ଖାଦ୍ୟ ପ୍ରସ୍ତୁତ ଅଛି ତ' ଦେଇଦିଅ । କାରଣ ପୁଣି ମୁଁ କାମ ଆରମ୍ଭ କରିବି।" ବିନୀତ (ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ) ପଚାରିଲା ଯେ,"ମାତାଶ୍ରୀ ! ଆପଣ ଅ.ସ (ପିତାଶ୍ରୀ ହ. ମସିହ୍ ମଉଦ୍ ଅ.ସ) କେଉଁ ସମୟରେ କାମ କରୁଥିଲେ ?" ମାତାଶ୍ରୀ କହିଲେ, "ବାସ୍ ସାରା ଦିନ କାମରେ ହିଁ ବିତୁଥିଲା । ୧୦ଟା ବେଳେ ଡାକ (ଚିଠିପତ୍ର) ଆସୁଥିଲା । ତେଣୁ ଆପଣ ଅ.ସ ସେ ହି ଡାକ ପଢୁଥିଲେ ଏବଂ ତା' ପୂର୍ବରୁ ବେଳେବେଳେ ଲେଖାଲେଖି କାମ ଆରମ୍ଭ କରୁ ନଥିଲେ । ଯେପରିକି ଡାକ ଯୋଗୁଁ ମଝି କାମରେ ବ୍ୟାଘାତ ଯେପରି ସୃଷ୍ଟି ନହେଉ ।

ଅବଶିଷ୍ଟାଂଶ ...ପରବର୍ତ୍ତୀ ସଂଖ୍ୟା

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly **BADAR** Qadian

Qadian - 143516 Distt. Gurdaspur (Pb.)

Postal Reg. No. GDP- 40/2026-2028 Vol. 11 Thursday- 15 Oct 2026 Issue No. 42

ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ସ.ଅର ଅବିଶିଷ୍ଟାଂଶ

ଥରେ ଆପଣଙ୍କୁ ଏହି ଚିନ୍ତା ଆସିଲା କିନ୍ତୁ ତଥାପି ଅଦୃଶ୍ୟ ହାତ (ଈଶ୍ୱରୀୟ ଶକ୍ତି) ରୋକିଦେଲା । ଅବତାରତ୍ୱ ଜୀବନକାଳରେ ଆଁହଜରତ୍ ସ.ଅ କହୁଥିଲେ ଯେ, ମୁଁ ସାରା ଜୀବନରେ କେବଳ ଦୁଇ ଥର ଏହି ପ୍ରକାରର ଆସରରେ ଅଂଶଗ୍ରହଣ କରିବାର ଇଚ୍ଛା କରିଥିଲି । କିନ୍ତୁ ଉଭୟ ଥର ମୋତେ ଅଟକାଇ ଦିଆଗଲା । **(ତିବ୍ରୀ)**

ଫୁଜ୍ଜାର ଯୁଦ୍ଧ :

ଆରବ ଜାତି ଏକ ଯୁଦ୍ଧପ୍ରିୟ ଜାତି ଥିଲା ଏବଂ ଲଢ଼ିବା ଓ ମରିବାକୁ ଏହି ଲୋକମାନେ ଗର୍ବର ବିଷୟ ବୋଲି ମନେକରୁଥିଲେ । ସେଇଥିପାଇଁ କଥା କଥାକେ ଖଣ୍ଡା (ଖଡ୍‌ଗ) ବାହାରି ପଡୁଥିଲା ଏବଂ ଯେତେବେଳେ ବି ଏପରି ସୁଯୋଗ ଆସୁଥିଲା ସେତେବେଳେ ଗୋଟିଏ ବଡ଼ ପାତ୍ରରେ ରକ୍ତ ଭର୍ତ୍ତି କରି ସମସ୍ତେ ସେଥିରେ ଅର୍ଥାତ୍ ସେହି ପାତ୍ର ମଧ୍ୟରେ ନିଜ ଅଙ୍ଗୁଳି ବୁଡ଼ାଇ ଶପଥ ନେଉଥିଲେ ଯେ, ଆମେମାନେ ଲଢ଼ି ମରିଯିବୁ ପଛେ ପଛଘୁଞ୍ଚା ଦେବୁ ନାହିଁ । ବିଭିନ୍ନ କବିଲା (ସଂପ୍ରଦାୟ) ମଧ୍ୟରେ ଶତ୍ରୁତା ଲାଗି ରହୁଥିଲା। କାରଣ ପ୍ରତ୍ୟେକ ସଂପ୍ରଦାୟକୁ ନିଜର ଆତ୍ମସମ୍ମାନ ଏବଂ ଶ୍ରେଷ୍ଠତାର ବହୁତ ଧ୍ୟାନ ଥିଲା (ଯତ୍ନବାନ୍ ଥିଲା) । ଏପରି ପରିସ୍ଥିତିରେ ମେଳା ଇତ୍ୟାଦି ସ୍ଥାନରେ ଯେଉଁଠାରେ ବିଭିନ୍ନ ପ୍ରକାରର ଲୋକମାନେ ଏକ ହୋଇଥାଆନ୍ତି ସେଠାରେ ଯୁଦ୍ଧର କାରଣ ସୃଷ୍ଟି ହେବା କୌଣସି ବଡ଼ କଥା ନଥିଲା । ସୁତରାଂ ଆଁହଜରତ୍ ସ.ଅଙ୍କର ବର୍ତ୍ତମାନ ବାଲ୍ୟକାଳ ଥିଲା । ଅତଏବ୍ 'ଉକାଜ୍' ମେଳା ଅବସରରେ, ଯାହା ମକ୍କାର ପୂର୍ବ ଦିଗରେ ତିନି ଦିନର ବ୍ୟବଧାନରେ ଏକ ମନୋରମ ଉପତ୍ୟକାରେ ଆୟୋଜିତ ହେଉଥିଲା, 'କୈସ୍ ଅଇଲାନ୍' ଏବଂ 'ବନୁ କିନାନା' ସଂପ୍ରଦାୟ ମଧ୍ୟରେ କିଛି ବିବାଦ ଆରମ୍ଭ ହେଲା । ସେହି କାଳରେ କୈସ ଅଇଲାନ୍‌ର ବିଭିନ୍ନ ସଂପ୍ରଦାୟ (ଜନଜାତି) ମକ୍କାର ଦକ୍ଷିଣ ପୂର୍ବ ଦିଗରେ ତାଏଫ୍ ଏବଂ ମକ୍କା ମଧ୍ୟରେ ବସବାସ କରୁଥିଲା । ଦୀର୍ଘ କାଳ ପର୍ଯ୍ୟନ୍ତ ଦୁଇ ପକ୍ଷର ନେତାମାନେ ଯୁଦ୍ଧର ପରିସ୍ଥିତିକୁ ଏଡ଼ାଇ ରଖିଥିଲେ, କିନ୍ତୁ ଧୀରେ ଧୀରେ ସମ୍ପର୍କ ଅଧିକ ତିକ୍ତ ହେବାକୁ ଲାଗିଲା । ପରିଶେଷରେ କଥା ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚିଗଲା । ଏହି ଯୁଦ୍ଧକୁ ଇତିହାସରେ 'ହର୍ବେ ଫୁଜ୍ଜାର' ବୋଲି କୁହାଯାଏ । ଏହାର ଅର୍ଥ ହେଉଛି 'ଅବୈଧ ତଥା ଅଧାର୍ମିକ ଯୁଦ୍ଧ' । କାରଣ ଏହି ଯୁଦ୍ଧର ଆରମ୍ଭ 'ହରମ୍' (ପବିତ୍ର ମକ୍କା) ସହରରେ ହୋଇଥିଲା । ଯାହା ଭିତରେ ଯୁଦ୍ଧ କରିବା ଆରବର ପ୍ରାଚୀନ ନିୟମ ଅନୁସାରେ ନିଷେଧ ଥିଲା ।

ଅତଏବ୍ ଏହି ଯୁଦ୍ଧ ହେଲା ଏବଂ ଏତେ ଭୀଷଣ ଭାବରେ ହେଲା ଯେ, ଅଜ୍ଞାନତା ତଥା ଅଶିକ୍ଷିତ କାଳର (ଜାହିଲିୟତ୍) ଯୁଦ୍ଧଗୁଡ଼ିକ ମଧ୍ୟରେ ଏହା ବିଶେଷ ପ୍ରସିଦ୍ଧ ଅଟେ। କୁରୈଶ୍ ସଂପ୍ରଦାୟ ସହିତ 'ବନୁ କିନାନା' ଗୋଟିଏ ପଟେ ଥିଲେ ଏବଂ ହୱାଜିନ୍ ସଂପ୍ରଦାୟ ସହିତ 'କୈସ ଅଇଲାନ୍' ଅନ୍ୟ ପଟେ ଥିଲେ । ଏହି ଯୁଦ୍ଧର ସବୁଠାରୁ ଭୟଙ୍କର ଶେଷ ଲଢ଼େଇ ଥିଲା ଯାହାକୁ 'ହର୍ବେ ଫୁଜ୍ଜାର'ର ଚତୁର୍ଥ ଲଢ଼େଇ ବୋଲି କୁହାଯାଏ । ଏଥିରେ ଉତ୍ସାହ ଓ ଆବେଗ ଏପରି ଥିଲା ଯେ କେତେକ ଅଧିପତି ନିଜକୁ ଦଉଡ଼ିରେ ବାନ୍ଧି ଦେଇଥିଲେ ଯେପରି ସେମାନେ ଖସି ପଳାଇବାକୁ ଚାହିଁଲେ ମଧ୍ୟ ପଳାଇ ପାରିବେ ନାହିଁ । ଦିନର ପ୍ରଥମ ଭାଗରେ କୈସ ଅଇଲାନ୍‌ର ପକ୍ଷ ଭାରି ଥିଲା କିନ୍ତୁ ଶେଷରେ ବନୁ କିନାନା ସେମାନଙ୍କୁ ଚାପିଦେଲେ ଏବଂ କୈସ ଅଇଲାନ୍ ସଂପ୍ରଦାୟର ପରାଜୟ ପରେ ଉଭୟ ପକ୍ଷ ମଧ୍ୟରେ ଶାନ୍ତି ଚୁକ୍ତି (ସନ୍ଧି) ହୋଇଗଲା ।

ଏହି ଯୁଦ୍ଧରେ ହ. ମୁହମ୍ମଦ ସ.ଅ ମଧ୍ୟ ସାମିଲ ଥିଲେ । କିନ୍ତୁ କେତେକ ବର୍ଣ୍ଣନାରୁ ଜଣାପଡ଼େ ଯେ, ଆପଣ ସ.ଅ ନିଜେ ଯୁଦ୍ଧ ଏବଂ ରକ୍ତପାତ କରି ନଥିଲେ । ବରଂ ଆପଣ ସ.ଅଙ୍କର ଅଂଶଗ୍ରହଣ କେବଳ ସେହି ସୀମା ପର୍ଯ୍ୟନ୍ତ ସୀମିତ ଥିଲା ଯେ, ଆପଣ ସ.ଅ ସେନାରେ ସାମିଲ ଥିଲେ ଏବଂ ନିଜ ଚଚାମାନଙ୍କୁ (ଦାଦା) ତୀର ବଢ଼ାଇ ଦେଉଥିଲେ । ସେହି ସମୟରେ ଆପଣ ସ.ଅଙ୍କ ବୟସ ପ୍ରାୟ କୋଡ଼ିଏ ବର୍ଷ ଥିଲା । ଏହି ଲଢ଼େଇରେ ପ୍ରତ୍ୟେକ ସଂପ୍ରଦାୟର ସେନାପତି ଅଲଗା ଅଲଗା ଥିଲେ । ସୁତରାଂ ବନୁ ହାଶିମ୍ 'ଜୁବୈର୍ ବିନ୍ ଅବ୍‌ଦୁଲ୍ ମୁତ୍ତଲିବ୍'ଙ୍କ ଅଧୀନରେ ଥିଲେ, କିନ୍ତୁ ବନୁ କିନାନାର ସମ୍ପୂର୍ଣ୍ଣ ସେନାର ମୁଖ୍ୟ ସେନାପତି 'ହର୍ବ ବିନ୍ ଉମୈୟା' ଥିଲେ, ଯିଏ ଅବୂ ସୁଫିୟାନ୍‌ଙ୍କ ପିତା ଏବଂ ଆମୀର ମୁଆୱିୟାଙ୍କ ଜେଜେବାପା ଥିଲେ । **(ଇବ୍‌ନେ ହିଶ୍ଶାମ୍)**

ହିଲ୍‌ଫୁଲ୍ ଫୁଜୁଲ୍:

ପ୍ରାଚୀନ କାଳରେ ଆରବର କେତେକ ସାଧୁ ହୃଦୟ ଥିବା ବ୍ୟକ୍ତିମାନଙ୍କ ମନରେ ଏହି ଭାବନା ସୃଷ୍ଟି ହୋଇଥିଲା ଯେ, ସମସ୍ତେ ମିଶି ଏକ ପାରସ୍ପାରିକ ଚୁକ୍ତି କରିବା ଉଚିତ୍ ଯେ, ଆମେମାନେ ସର୍ବଦା ନିରପରାଧ, ନିରୀହ ତଥା ଯୋଗ୍ୟ ବ୍ୟକ୍ତିକୁ ତା'ର ଅଧିକାର ପ୍ରଦାନ କରିବାରେ ସାହାଯ୍ୟ କରିବୁ ଏବଂ ଅତ୍ୟାଚାରୀକୁ ଅତ୍ୟାଚାର କରିବାରୁ ଅଟକାଇବୁ । ଆରବୀ ଭାଷାରେ 'ହକ୍' (ଅଧିକାର) କୁ 'ଫଜଲ୍' ମଧ୍ୟ କୁହାଯାଏ, ଯାହାର ବହୁବଚନ 'ଫୁଜୁଲ୍' ଅଟେ । ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

ସିରତୁଲ୍ଲୁ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ମାତାଶ୍ରୀ କହିଲେ, ତୁମ ପିତାଶ୍ରୀ ବହୁତ ଦାନ ଦେଉଥିଲେ । ଶେଷ ଦିନମାନଙ୍କରେ ଯେତେ ଟଙ୍କା ଆସୁଥିଲା ତାହାର ଦଶମାଂଶ ସଦ୍‌କା ପାଇଁ ଅଲଗା ରଖି ଦେଉଥିଲେ ଏବଂ ସେଥିରୁ ଦାନ ଦେଥିଲେ । ମତାଶ୍ରୀ ବର୍ଣ୍ଣନା କଲେ ଯେ, ଏହାର ଅର୍ଥ ଏହା ନୁହେଁ ଯେ ଦଶମ ଭାଗରୁ ଅଧିକ ଦେଉ ନଥିଲେ ବରଂ ଆପଣ ଅ.ସ କହୁଥିଲେ ଯେ, ବେଳେବେଳେ ଖର୍ଚ୍ଚ ବଢ଼ିଯାଇଥାଏ ତେବେ ମନୁଷ୍ୟ ସଦ୍‌କା ଦେବାରେ ଅବହେଳା କରିଥାଏ । କିନ୍ତୁ ଯଦି ସଦ୍‌କା (ଦାନ)ର ଟଙ୍କା ପୂର୍ବରୁ ଅଲଗା କରି ଦିଆଯାଏ ତେବେ ଆଉ ଅବହେଳା ହୁଏ ନାହିଁ । କାରଣ ସେହି ଟଙ୍କା ପୁଣି ଅନ୍ୟ କୌଣସି କାମରେ ଲାଗିପାରେ ନାହିଁ । ମାତାଶ୍ରୀ କହିଲେ ଯେ ଏହି ଉଦ୍ଦେଶ୍ୟରେ ଆପଣ ସମସ୍ତ ଆୟର ଦଶମାଂଶ ଅଲଗା କରି ଦେଉଥିଲେ । ନଚେତ୍ ସାଧାରଣ ଭାବେ ଦେବାକୁ ଗଲେ ଆପଣ ଅ.ସ ଏହାଠାରୁ ଅଧିକ ମଧ୍ୟ ଦାନ ଦେଉଥିଲେ । ବିନୀତ କହୁଛି ଯେ ଆପଣ ଅ.ସ ସଦ୍‌କା ଦେବାରେ ଅହମଦି କିମ୍ବା ଅଣହମଦିର ବିଚାର କରୁଥିଲେ କି ? ମାତାଶ୍ରୀ କହିଲେ ନାହିଁ । ବରଂ ପ୍ରତ୍ୟେକ ଅଭାବିମାନଙ୍କୁ ଦେଉଥିଲେ । ବିନୀତ କହୁଛି ଯେ, ସେହି ସମୟରେ କାଦିୟାନ୍‌ରେ ଏପରି ଅଭାବି ଅହମଦିମାନେ ମଧ୍ୟ କମ୍ ଥିଲେ ।

{ 54 } بسم الله الرحمن الرحيم ମୋତେ ମାତାଶ୍ରୀ ବର୍ଣ୍ଣନା କଲେ ଯେ, ହ. ମସିହ୍ ମଉଦ ଅ.ସ ଯେତେବେଳେ କାହାଠାରୁ ଋଣ ନେଉଥିଲେ, ସେତେବେଳେ ଫେରାଇବା ସମୟରେ କିଛି ଅଧିକ କରି ଦେଉଥିଲେ । ବିନୀତ ପଚାରିଲା ଯେ, ମାତାଶ୍ରୀ ! ଆପଣଙ୍କୁ ଏମିତି କୌଣସି ଉଦାହରଣ ମନେ ଅଛି କି ? ମାତାଶ୍ରୀ କହିଲେ, ଏହି ମୁହୂର୍ତ୍ତରେ (ବର୍ତ୍ତମାନ) ଉଦାହରଣ ତ' ମନେ ନାହିଁ କିନ୍ତୁ ଆପଣ ଅ.ସ କହୁଥିଲେ ଯେ, ଆଁହଜରତ୍ ସ.ଅ ଏହିପରି କରିଛନ୍ତି । ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, ହ. ସାହେବ (ହ. ମସିହ୍ ମଉଦ୍ ଅ.ସ) ଯେପର୍ଯ୍ୟନ୍ତ ନିଜେ କୌଣସି କାର୍ଯ୍ୟ ବା କଥା ଉପରେ କାର୍ଯ୍ୟାନୁସରଣ କରିନେଉ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ କୌଣସି ଭଲ କଥା ବର୍ଣ୍ଣନା କରୁ ନଥିଲେ। ବିନୀତ ମାତାଶ୍ରୀଙ୍କୁ ପଚାରିଲା ଯେ, ହେ ମାତାଶ୍ରୀ ! ହ. ମସିହ୍ ମଉଦ ଅ.ସ କେବେ କାହାକୁ ଋଣ ଦେଇଛନ୍ତି ? ମାତାଶ୍ରୀ କହିଲେ, ହଁ ଅନେକ ଥର ଦେଇଛନ୍ତି । ଏକଦା ମୌଲବୀ ସାହେବ (ଖଲିଫା ଅୱାଲ୍ ର.ଅ) ଏବଂ ହକିମ୍ ଫଜଲ୍ ଦୀନ୍ ସାହେବ ଭୈରୱୀ ଆପଣ ଅ.ସଙ୍କଠାରୁ ଋଣ ନେଲେ । ମୌଲବୀ ସାହେବ ଯେତେବେଳେ ଋଣର ଟଙ୍କା ଫେରସ୍ତ ପାଇଁ ପଠାଇଲେ ସେତେବେଳେ ଆପଣ ଅ.ସ ତାହା ଫେରାଇଦେଲେ ଏବଂ କହି ପଠାଇଲେ ଯେ, ମୌଲବୀ ସାହେବ ! ଆପଣ କ'ଣ ମୋ ଟଙ୍କାକୁ ନିଜ ଟଙ୍କାଠାରୁ ଅଲଗା ବୋଲି ଭାବୁଛନ୍ତି ? ମୌଲବୀ ସାହେବ ସେହି ସମୟରେ ହକିମ୍ ଫଜଲ୍ ଦୀନ୍ ସାହେବଙ୍କୁ କହି ପଠାଇଲେ ଯେ, ମୁଁ ଏହି ଭୁଲ୍ କରି ଭର୍ତ୍ସନା ଶୁଣି ସାରିଛି । ହେଇଟି ଦେଖିକି ତୁମେ ଟଙ୍କା ଫେରସ୍ତ କରିବ ନାହିଁ । ବିନୀତ କହୁଛି ଯେ, ମୁଁ କାହା ଠାରୁ ଶୁଣିଛି ଯେ, ମୌଲବୀ ସାହେବ ହକିମ୍ ସାହେବଙ୍କୁ ଏହା ମଧ୍ୟ କହିଥିଲେ ଯେ, ହକିମ୍ ସାହେବ! ଯଦି ଟଙ୍କା ନିହାତି ଫେରସ୍ତ କରିବାକୁ ପଡ଼େ ତେବେ ଅନ୍ୟ ଉପାୟରେ ଫେରସ୍ତ କରିଦେବ ।

{ 55 } بسم الله الرحمن الرحيم ମୋତେ ମାତାଶ୍ରୀ କଲେ ଯେ ଶେଷ ଦିନମାନଙ୍କରେ ହ. ମସିହ୍ ମଉଦ ଅ.ସ ମୋ' ସାମ୍ନାରେ ହଜ୍ (ତୀର୍ଥଯାତ୍ରା) କରିବାର ଇଚ୍ଛା ପ୍ରକାଶ କରିଥିଲେ । ସୁତରାଂ ମୁଁ ଆପଣ ଅ.ସଙ୍କ ବିୟୋଗ ପରେ ଆପଣ ଅ.ସଙ୍କ ପକ୍ଷରୁ ହଜ୍ କରାଇଦେଲି । ମାତାଶ୍ରୀ ସ୍ୱର୍ଗତ ହାଫିଜ୍ ଅହମଦୁଲ୍ଲାହ ସାହେବଙ୍କୁ ପଠାଇ ହ. ମସିହ୍ ମଉଦ୍ ଅ.ସଙ୍କ ପକ୍ଷରୁ ହଜ୍ଜେ ବଦଲ୍ (ଅନ୍ୟ ବ୍ୟକ୍ତିର ସ୍ଥାନରେ ବା ଅନ୍ୟ ବ୍ୟକ୍ତି ପାଇଁ ହଜ୍ କରିବା) କରାଇଥିଲେ ଏବଂ ହାଫିଜ୍ ଅହମଦୁଲ୍ଲାଃ ସାହେବଙ୍କର ସମସ୍ତ ଖର୍ଚ୍ଚ ମାତାଶ୍ରୀ ନିଜେ ବହନ କରିଥିଲେ । ହାଫିଜ୍ ସାହେବ ଜଣେ ପୁରୁଣା ସାହାବି ଥିଲେ ଏବଂ ବର୍ତ୍ତମାନ ତାଙ୍କ ବିୟୋଗକୁ ଅନେକ ଦିନ ବିତି ଗଲାଣି ।

{ 56 } بسم الله الرحمن الرحيم ମୋର ଶ୍ରଦ୍ଧେୟ ମାତାଜୀ ମୋତେ କହିଲେ ଯେ, ହ. ମସିହ୍ ମଉଦ୍ ଅ.ସ ଖାଦ୍ୟ ମଧ୍ୟରେ ପକ୍ଷୀ ମାଂସ ବେଶୀ ପସନ୍ଦ କରୁଥିଲେ । ପ୍ରାରମ୍ଭରେ ବଟେର (ପାରା/ କପୋତ ପକ୍ଷୀ) ମଧ୍ୟ ଖାଉଥିଲେ । କିନ୍ତୁ ଯେତେବେଳେ ପ୍ଲେଗ୍‌ର ପ୍ରକୋପ ଆରମ୍ଭ ହେଲା, ସେତେବେଳେ ଆପଣ ତାହାର ମାଂସ ଖାଇବା ଛାଡ଼ିଦେଲେ କାରଣ ଆପଣ କହୁଥିଲେ ଯେ, ଏଥିରେ ପ୍ଲେଗ୍‌ର ଜୀବାଣୁ ତତ୍ତ୍ୱ ଥାଏ । ମାଛ ମାଂସ ମଧ୍ୟ ହ. ସାହେବଙ୍କୁ ପସନ୍ଦ ଥିଲା । ଆପଣ ନିୟମିତ ଭାବେ ଜଳଖିଆ (ନାସ୍ତା) କରୁ ନଥିଲେ । ହଁ ସାଧାରଣତଃ ସକାଳେ କ୍ଷୀର ପିଉଥିଲେ ।

ମୁଁ ପଚାରିଲି ଯେ, "ଆପଣ ଅ.ସଙ୍କୁ କ୍ଷୀର ହଜମ୍ ହେଉଥିଲା କି?" ମାତାଜୀ କହିଲ, ହଜମ୍ ତ ହେଉ ନଥିଲା । କିନ୍ତୁ ପିଇ ଦେଉଥିଲେ। ମାତାଜୀ ଆଉ ମଧ୍ୟ କହିଲେ ଯେ, ପକୁଡ଼ି ମଧ୍ୟ ହ. ମସିହ ମଉଦ୍ ଅ.ସଙ୍କୁ ପସନ୍ଦ ଥିଲା । ଗୋଟିଏ ସମୟରେ ଆପଣ ଲେମ୍ବୁ ସରବତ୍ (ସ୍କଞ୍ଜବୀନ୍) ଅବଶିଷ୍ଟାଂଶ...ପୃ-11 ରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan